# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୮/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, January 18/2024 | Page 20 | ₹ 7.00 | DHENKANAL

୫୦ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 50 ISSUE 56 | ମୂଲ୍ୟ ₹୭/-



DSPL - 551

ଆମ ଓଡ଼ିଶା ନବୀନ ଓଡ଼ିଶା

ସହରାଞ୍ଚଳ ଓଡ଼ିଶା
ରୂପାନ୍ତରଣ
ଅନ୍ତର୍ଜାତୀୟ କନକ୍ଲେଭ୍
ବିକେନ୍ଦ୍ରିତ | ବ୍ୟାପକ | ଗୋଷ୍ଠୀକୈନ୍ଦ୍ରିକ
୧୮ ରୁ ୨୦ ଜାନୁଆରୀ ୨୦୨୪ | ଭୁବନେଶ୍ୱର
5T ଅନ୍ତର୍ଗତ ଏକ ପଦକ୍ଷେପ



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଭର୍ଚୁଆଲ ମୋଡ୍‌ରେ ଶୁଭ ଉଦ୍‌ଘାଟନ
୧୮ ଜାନୁଆରୀ ୨୦୨୪, ପୂର୍ବାହ୍ନ ୧୧ ଘଟିକା

- ଓଡ଼ିଶା ଅର୍ବାନ ଏକାଡେମୀ ଉତ୍ସର୍ଗ
- ଓଡ଼ିଶା ସହରାଞ୍ଚଳ ପରିମଳ ନୀତି ୨୦୨୪ର ଶୁଭାରମ୍ଭ
- ରାଜ୍ୟ ତଥା ଦେଶର ସହରାଞ୍ଚଳ ବିଶାରଦମାନଙ୍କ ସହ ରୂପାନ୍ତରଣ ବିଷୟବସ୍ତୁ ଉପରେ ଆଲୋଚନା
- ଓଡ଼ିଶା ମଡେଲ୍‌କୁ ବିଶ୍ୱସ୍ତରର ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ
- କମ୍ୟୁନିଟି ଚାମ୍ପିଅନ୍‌ମାନଙ୍କୁ ସମ୍ବର୍ଦ୍ଧନା
- ସହଭାଗିତାକୁ ଅଗ୍ରାଧିକାର

#OdishaontheMove
urbanodisha.gov.in | @HUDDeptOdisha | hudd_odisha

OIPR-13001/13/0055/2324

## ଅଗ୍ନିକାଣ୍ଡରେ ଦମ୍ପତି ଗୁରୁତର

ଢେଙ୍କାନାଳ,୧୭।୧(ରତନ ନାୟାର)- ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଝୁମ୍ପୁଡିଆ ଗ୍ରାମ ମୁଣ୍ଡିଆ ସାହିରେ ବୁଧବାର ସନ୍ଧ୍ୟାରେ ଶର୍ଟ ସର୍କିଟ ଯୋଗୁ ଘରେ ଅଗ୍ନିକାଣ୍ଡ ଘଟି ଦମ୍ପତି କୈଳାସଚନ୍ଦ୍ର ମାଝି(୭୫) ଓ ଯଶୋଦା ମାଝି(୬୫) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ କରାଯାଉଥିବା ବେଳେ କ୍ଷୟକ୍ଷତିର ଆକଳନ କରାଯାଉଛି। ଢେଙ୍କାନାଳରୁ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଆବେଗ, ସମର୍ପଣ ଭାବ ବଖାଣିଲା ନାଟକ 'ଦେବଦାସୀ'

ଢେଙ୍କାନାଳ,୧୭।୧(ରତନ ନାୟାର)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ବୁଧବାର ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆଧାର କରି ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ନାଟକ ଦେବଦାସୀ ମଞ୍ଚସ୍ଥ ହୋଇଥିଲା। ଢେଙ୍କାନାଳର ଅଲଟରନେଟିଭ ରିଦିମ ଥିଏଟର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଦେବଦାସୀ' ଆବେଗ ଓ ସମର୍ପଣର ଭାବକୁ ବଖାଣିଥିଲା। ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମାନବୀୟ ଲୀଳା ଭିତରେ ଏକ ଅନନ୍ୟ ପରମ୍ପରା ହେଉଛି ଦେବଦାସୀ ପରମ୍ପରା। ଜଗତର ଠାକୁର ବଡ଼ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ୱାମୀ ରୂପେ ବରଣ କରି ସାରା ଜୀବନ ତାଙ୍କ ପାଇଁ ଶଙ୍ଖା, ସିନ୍ଦୂର, ପାଉଁଜି ଓ ଝୁଣ୍ଟିଆ ଲଗାଇ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ସଙ୍ଗୀତ ପରିବେଷଣ କରି ସେ ପାଏ ସ୍ୱର୍ଗୀୟ ପ୍ରେମ। ତାଙ୍କରି ଭାବନାରେ ସେ ପାଏ ତାର ସ୍ପର୍ଶ, ପ୍ରେମ, ସାନିଧ ଓ ସହଚର୍ଯ୍ୟ। ସବୁକିଛି ତ ସେଥିପାଇଁ। ନିଜକୁ ଅଳଙ୍କାରରେ ସଜାଇ ଜଗତ ଠାକୁରଙ୍କ ସମ୍ମୁଖରେ ନୃତ୍ୟ କରୁ କରୁ ସତେ ଯେମିତି ସେ ପାଇଥାଏ ସ୍ୱର୍ଗୀୟ ସୁଖ। ଏହା ହିଁ ହେଉଛି ନାଟକ ଦେବଦାସୀର କାହାଣୀ। ବିଶିଷ୍ଟ ନାଟ୍ୟକାର ଦୀନେଶ ଦାସଙ୍କ ପରିକଳ୍ପନା, ରଚନା ଓ ନିର୍ଦ୍ଦେଶନାରେ ଅଲଟରନେଟିଭ ରିଦିମ ଥିଏଟରର କଳାକାର ମନୋହର ଶତପଥୀ, ଦୀନେଶ ଦାସ, କାମାକ୍ଷା ପ୍ରସାଦ ରଣା, ଜୟଦେଶ ଶତପଥୀ, କାର୍ତ୍ତିକ, ନିରଞ୍ଜନ, ମାନସ, ପ୍ରମୋଦ, ଆଶୁତୋଷ, ବିଶ୍ୱଜିତ, ଜୟଚନ୍ଦ୍ର, ସତ୍ୟଜିତ, ମାଧବ, ବବି, ସାଇ ଚନ୍ଦନ, ଦେବଯାନୀ ଓ ବେବି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ନିର୍ଦ୍ଦେଶକ ଦୀନେଶ ଦାସ ନିଜେ ଦେବଦାସୀ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କ କରତାଳି ସାଉଁଟିଥିଲେ। ଆଲୋକ ସଜାଇଥିଲେ ବିକାଶ ପ୍ରଧାନ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ମଣ୍ଟୁ। ପ୍ରାରମ୍ଭରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନାଟକର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ଶତପଥୀ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ଅଧ୍ୟାପିକା କବିତା ମହାନ୍ତି, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଯୋଗ ଦେଇଥିଲେ। ଅଲଟରନେଟିଭ ରିଦିମ ଥିଏଟରର ନିର୍ଦ୍ଦେଶିକା ଡ. ପୁଷ୍ପଲତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ନାଟକ ଦେଖିବା ପାଇଁ ବହୁ ସଂଖ୍ୟାରେ ଜନ ସମାଗମ ହୋଇଥିଲା।


ନାଟକ 'ଦେବଦାସୀ'ର ଏକ ଦୃଶ୍ୟ।

# କୂଅରେ ପକାଇ ଯମଜ ଶିଶୁଙ୍କୁ ହତ୍ୟା ସନ୍ଦେହ

ଅନୁଗୋଳ,୧୭।୧
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବନ୍ତଲା ଥାନା ବସଲା ପଞ୍ଚାୟତ ମୁଣ୍ଡାଡ଼ିପ ସାହିରେ ବୁଧବାର ଘଟିଛି ଏକ ଅଭାବନୀୟ ଘଟଣା। ଗ୍ରାମର ସୁନୀଲ ସାହୁ ଓ ତପସ୍ୱିନୀ ସାହୁଙ୍କ ୩ ମାସର ଯମଜ ଶିଶୁଙ୍କୁ କୂଅରେ ପକାଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ପୋଲିସ ୨ ଶିଶୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ତପସ୍ୱିନୀ କୌଣସି କାମରେ ପଡ଼ୋଶୀ ଘରକୁ ଯାଇଥିଲେ। ଫେରିବା ପରେ ୨ ଶିଶୁଙ୍କୁ ନ ପାଇ ଖୋଜାଖୋଜି କରିଥିଲେ। ପରେ ଘର ପଛ କୂଅ ଭିତରେ ୨ ଶିଶୁ ପଡ଼ିଥିବା ଦେଖି ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିଶୁଙ୍କ ଭିତରେ ପୁତ୍ର ସାଇ ଓ ଶିଶୁ କନ୍ୟା ଶ୍ରଦ୍ଧା ଥିବା ସମ୍ପର୍କୀୟ ସୁଜିତ କୁମାର ସାହୁ କହିଛନ୍ତି। କିଏ ଓ କାହିଁକି ୨ ଶିଶୁଙ୍କୁ ଏପରି ହତ୍ୟା କଲେ ସେ ନେଇ ପୋଲିସ ତଦନ୍ତ କରୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

# ୨ ନିଲମ୍ବିତ, ଅଧିକ ତଦନ୍ତ ଜାରି

ଢେଙ୍କାନାଳ,୧୭।୧
(ରତନ ନାୟାର)

## ତହସିଲ କାର୍ଯ୍ୟାଳୟରେ ଅସାମାଜିକ କାର୍ଯ୍ୟକଳାପ ଘଟଣା

ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟରେ ଗତ ୯ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ କେତେଜଣ କର୍ମଚାରୀ ଓ ପଥର ମାଫିଆ ରେକର୍ଡ ରୁମଠାରେ ବସି ଭୋଜିଭାତ ଓ ନିଶା ଦ୍ରବ୍ୟର ଆସର ଜମାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଢେଙ୍କାନାଳ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଏହାର ଏକ ଆଭ୍ୟନ୍ତରୀଣ ତଦନ୍ତ କରାଯାଇଥିଲା। ଏହି ଘଟଣାରେ ମଙ୍ଗଳବାର କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ବୀରେନ କୁମାର ବିଶ୍ୱାଳ ଏବଂ ଜଗୁଆଳୀ ଶରତ ସେଠୀଙ୍କୁ ନିଲମ୍ବିତ କରାଯାଇଥିବା ଜିଲା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଉପ ଜିଲାପାଳଙ୍କ ତଦନ୍ତ ରିପୋର୍ଟକୁ ଆଧାର କରି ଜିଲାପାଳ ଓଡ଼ିଶା ଗଭର୍ନମେଣ୍ଟ ସରଭ୍ୟାଣ୍ଟ କଣ୍ଡକ୍ଟ ରୁଲ-୧୯୫୯ର ଉଲ୍ଲଂଘନ ପାଇଁ ଉଭୟଙ୍କୁ ନିଲମ୍ବନ କରିଥିବା ଜିଲା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏ ସଂକ୍ରାନ୍ତରେ ସଦର ତହସିଲଦାର ସୁଧାଂଶୁ କୁମାର ସାଓ କହିଛନ୍ତି, ଜଣେ ବରିଷ୍ଠ ରାଜସ୍ୱ ସହାୟକ ଓ ୱାଚମ୍ୟାନଙ୍କୁ ନିଲମ୍ବିତ କରିଥିବା ଜାଣିବାକୁ ପାଇଛି। ଅନ୍ୟ ବିଷୟରେ କହିପାରିବି ନାହିଁ କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଅନ୍ୟପଟରେ ଏହି ଘଟଣାକୁ ନେଇ ଅଧିକ ତଦନ୍ତ କରାଯିବା ସହିତ ଆବଶ୍ୟକ ପଡିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ସେହିପରି ଗତ ମଙ୍ଗଳବାର ଜିଲାପାଳ ମନୋରଞ୍ଜନ ମଲ୍ଲିକ ଓ ଉପଜିଲାପାଳ ସପନ କୁମାର ନନ୍ଦ ତହସିଲ କାର୍ଯ୍ୟାଳୟରେ ଅଚାନକ ପହଞ୍ଚିବା ସହ ଅସଜଡ଼ା ଭିତ୍ତିଭୂମି ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଆଧ୍ୟାତ୍ମିକ ଭାବଧାରାରେ ବିଭୋର ହେଲେ ଦର୍ଶକ

## ଢେଙ୍କାନାଳ ସହରରେ ଭକ୍ତିମୟ ପରିବେଶ

ଢେଙ୍କାନାଳ,୧୭।୧(ରତନ ନାୟାର)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ବୁଧବାର ଢେଙ୍କାନାଳ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଅଧିକାଂଶ ୱାର୍ଡରେ ଏଲ୍‌ଇଡି ମାଧ୍ୟମରେ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଅଞ୍ଚଳବାସୀ ଦେଖିବା ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ୍ୟ ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମ ସିଧା ପ୍ରସାରଣକୁ ପଞ୍ଚାୟତ ପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଦେଖିଥିଲେ। ସନ୍ଧ୍ୟାରେ ମିନି ଷ୍ଟାଡିୟମଠାରେ ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଓ ଶାସ୍ତ୍ରୀୟ ନୃତ୍ୟ ସାଙ୍ଗକୁ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ସୁଧାକର ମିଶ୍ର, ଗଗନ ବିହାରୀ ଜେନା ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାରମ୍ଭରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।


କଣ୍ଠଶିଳ୍ପୀ ସୁଧାକର ମିଶ୍ର ଜଗନ୍ନାଥ ଭଜନ ପରିବେଷଣ କରୁଛନ୍ତି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

କାମାକ୍ଷାନଗର,୧୭।୧(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ମଠକରଗୋଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସ ଶିବିରକୁ ଉଦ୍‌ଘାଟନ କରି ଛାତ୍ରୀମାନେ ଯେ କୌଣସି ପରିସ୍ଥିତିରେ ମୁକାବିଲା ପାଇଁ ଶାରୀରିକ ଓ ମାନସିକସ୍ତରରେ ସୁଦୃଢ଼ ହେବା ଉଚିତ। ଛାତ୍ରୀମାନେ ଠିକ୍ ଭାବେ ତାଲିମ ନେଇ ଭବିଷ୍ୟତରେ ଆତ୍ମରକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି କହିଥିଲେ। ଶିବିର ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ସ୍ୱପ୍ନିତା ରାଉତ, ମୋ କଲେଜ ଅଭିଯାନ ସଂଯୋଜିକା ଅଧ୍ୟାପିକା ଶୁଭସ୍ମିତା ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ଶିକ୍ଷା ଛାତ୍ରୀମାନଙ୍କ ନିମନ୍ତେ ଏକାନ୍ତ ଜରୁରୀ ବୋଲି କହିଥିଲେ। ମୋଟ ୧୮୭ ଛାତ୍ରୀ ୬ଟି ଟିମ୍‌ରେ ତାଲିମ ଗ୍ରହଣ କରୁଛନ୍ତି। ମାଷ୍ଟର ଟ୍ରେନର ପିନାକୀ ସ୍ୱାଇଁ ଓ ରୋଜାଲିନ ପଣ୍ଡା ତାଲିମ ପ୍ରଦାନ କରୁଛନ୍ତି। ଅଧ୍ୟାପିକା ସବିତା ଦେହୁରୀ, ପ୍ରମୋଦିନୀ ପରିଡା, ଦୀପ୍ତିମୟୀ ସାହୁ, ବିଜୟିନୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଫକୀର ମୋହନ ଲେଙ୍କା, ରଣଜିତ କୁମାର ସ୍ୱାଇଁ, ଗୀତାଞ୍ଜଳି ଦେଇ, ଦୀପକ କୁମାର ଖୁଣ୍ଟିଆ, ବିଶ୍ୱଜିତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ସହ ସଂଯୋଜିକା ଅର୍ଚ୍ଚିତା ମହାମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ।



ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

# ଇଭିଏମ୍, ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ

ଢେଙ୍କାନାଳ,୧୭।୧(ରତନ ନାୟାର)

ଭୋଟରମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ଭୋଟରମାନେ ଇଭିଏମରେ କିପରି ଭୋଟ ଦେବେ ଏବଂ ଦେଇଥିବା ଭୋଟ ମନୋନୀତ ପ୍ରାର୍ଥୀଙ୍କୁ ପଞ୍ଜୀକୃତ ହୋଇଛି କି ନାହିଁ ତା'ର ତଥ୍ୟ ମଧ୍ୟ ଭିଭିପିଏଟି ମାଧ୍ୟମରେ ଜାଣିପାରିବେ। ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସପନ କୁମାର ନନ୍ଦ, ସଦର ଡେପୁଟି କଲେକ୍ଟର ଚନ୍ଦନ ନାୟକ ଓ ମୀରା ନାଏକ ଏବଂ ସହକାରୀ ଜିଲାପାଳ ସୁଶାନ୍ତ ନାୟକ ଉପସ୍ଥିତ ଥିଲେ। ଏଥିସହିତ ଭୋଟରମାନଙ୍କୁ ଏହି ମେଶିନ ଉପରେ ସଚେତନ କରାଯାଇଥିଲ।



ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

# କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ

ଢେଙ୍କାନାଳ,୧୭।୧
(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକର ନାଠୁଆ-ସୋଗରପଶି ଉଦୟନାଥ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ମିଶ୍ର, ଆଲୁମନି ସଭାପତି ବିଭୂତି ଭୂଷଣ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ପୁରୁଷୋତ୍ତମ ମହନ୍ତ ଓ ଆର୍ଯ୍ୟରତ୍ନ ଦେବାୟନ ପଟ୍ଟନାୟକ ଏହାର ପରିଚାଳନା କରିଥିଲେ। ଶିକ୍ଷକ ଅଭୟ କୁମାର ଦେହୁରୀ, ଅଶୋକ କୁମାର ରାଉତ, ସୁରେଶଚନ୍ଦ୍ର ନାୟକ, ଝୁନୁବାଳା ବେହେରା, ଲିଜା ବେହେରା, ଯାଜ୍ଞସେନୀ ମହାପାତ୍ର, ଗଙ୍ଗାଧର ଦେହୁରୀ, ପ୍ରଜ୍ଞା ଦାସ, ମୌସୁମୀ ମିଶ୍ର ଏଥିରେ ସହଯୋଗ କରିଥିଲେ। ଶନିବାର ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ସେନା ଅଧିକାରୀ କ୍ୟାପଟେନ କବିବର ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶ୍ରେଷ୍ଠ ଛାତ୍ର ଭାବେ ୭ମ ଶ୍ରେଣୀର ଜିତ ଜୟପ୍ରକାଶ ନାୟକ, ଶ୍ରେଷ୍ଠ ଛାତ୍ରୀଭାବେ ୧୦ମ ଶ୍ରେଣୀର ରିଙ୍କି ରତ୍ନମଞ୍ଜରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ,୧୭।୧(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ପୋଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ମଞ୍ଜୁଲତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ଉପସଭାପତି ପତିତପାବନ ମହାନ୍ତି ଓ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ୪ର୍ଥ ଶ୍ରେଣୀ ଛାତ୍ର ଦେବାଶିଷ ମହାନ୍ତି ନିମ୍ନ ବୃତି ପରୀକ୍ଷାରେ ତୃତୀୟ ହୋଇଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର ଓ ସ୍ନେହପ୍ରଭା ସାହୁ ଉପସ୍ଥିତ ଥିଲେ।


ପୋଲିସ ଲାଇନ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀମାନେ।

# ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

କାମାକ୍ଷାନଗର,୧୭।୧(ସୁଧୀର କୁମାର ପରିଡା)

କଙ୍କଡାହାଡ଼ ବ୍ଲକ ମହାବିରୋଡ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଧର୍ମାନନ୍ଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ମଦନମୋହନ ଜେନା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ସରପଞ୍ଚ ସୁତାଲିନ ସାହୁ, ପୂର୍ବତନ ସମ୍ପାଦକ ଉମ୍ବରୁଧର ସାହୁ, ପିବିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମାନାଥ ପଣ୍ଡା, ନୋଡାଲ ଅଧିକାରୀ କୈଳାସ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅଧ୍ୟାପିକା ଯାଜ୍ଞସେନୀ ସାହୁ ଧନ୍ୟବାଦ ଦେଇଥିଲେ।



ମହାବିରୋଡ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦର ମକର ମିଳନ

ଢେଙ୍କାନାଳ,୧୭।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଭାପୁର ନିକଟସ୍ଥ ଅଉଖମାପାଟଣା ଠାରେ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ତରଫରୁ ମକର ମିଳନ, ବ୍ୟାସକବି ଫକୀରମୋହନ ଜୟନ୍ତୀ ଅନୁଷ୍ଠାନ ଉପଦେଷ୍ଟା ଅମିର ମୋହନ ରାଉତଙ୍କ ସଭାପତିତ୍ୱରେ ମଙ୍ଗଳବାର ପାଳିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ଜିଲାଜଜ୍ ବରିଷ୍ଠ ନାଗରିକ ପରିଷଦ ସଭାପତି ଦୁର୍ଗାଚରଣ ମିଶ୍ର, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଦୁର୍ଗାମାଧବ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ କବି ବାହାଦୁର ପାଟସାହାଣୀ, ମୁଖ୍ୟବକ୍ତା କବି ବିଦ୍ୟାଧର ଖଟୁଆ, ସମ୍ମାନିତ ଅତିଥି ଅଭୟ ଆଚାର୍ଯ୍ୟ, ଅଧ୍ୟାପକ କବି କ୍ଷୀରୋଦ ଚନ୍ଦ୍ର ନାୟକ ଯୋଗଦେଇ ଫକୀର ମୋହନଙ୍କ ସାହିତ୍ୟ ଓ ମକର ଉତ୍ସବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି କାଳୀଚରଣ ତ୍ରିପାଠୀ ଓ କବି ନିବେଦିତା ରଥ କବିତା ଗୁଡିକ ସଂଯୋଜନା କରିଥିଲେ। ସଂସଦ ସମ୍ପାଦକ କବି ଫକୀର ମୋହନ ସାହୁ, ଛଦେଶ ସାହିତ୍ୟ ସଂସଦ ଉପସଭାପତି ମଧୁସୂଦନ ଶତପଥୀ, ଆଇନଜୀବୀ ବୁଲା କିଶୋର ନାଥ, କବି ପ୍ରଶାନ୍ତ ଧଳ, ପ୍ରଫୁଲ୍ଲ ବେହେରା, ଅମ୍ବିକା ପ୍ରସାଦ ବରାଳ, ମହେଶ୍ୱର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ। କବି ମଧୁସୂଦନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦର ମକର ମିଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୮/୨୦୨୪ Bhubaneswar, Thursday, January 18/2024



**ଆଜିର ମନ୍ତବ୍ୟ**

ହିଂସା କେବେ ଏକତା ଆଣିନାହିଁ। ଶାନ୍ତି କେବେ ବିଭାଜନର କାରଣ ହୋଇନି।
–ଜଗଦୀପ ଧନକର, ଉପରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ହସ ବୃଥା ଅପାର
ହସ ଯେତେ ଦୁଃଖ ବଢ଼ିବ ତେତେ
ଜାଣ, ଏ ବେଦର ଗାର।**

ବେଶି ହସିଲେ ନଜର ଲାଗିଯାଇଥାଏ। ଯେତେ ହସିବ ପଛକୁ ସେତେ ଦୁଃଖ ପାଇବ ବୋଲି କୁହାଯାଇଥାଏ। ତେଣୁ ଅଯଥାରେ ବେଶି ହସିବା ଠିକ ନୁହେଁ ବୋଲି ଏଠାରେ ସୁପରାମର୍ଶ ଦିଆଯାଇଛି।

**ନିର୍ଲଜ ନାଉ,
ଟେକିଟାକି ଦେଲେ ପିଢ଼ାକୁ ଯାଉ।**

ଯେଉଁ ଲୋକର ମୁହଁକୁ ଲାଜ କି ସରମ ନ ଥାଏ ତାକୁ ଟିକେ ଟେକିଟାକି ଦେଲେ ସେ ସତକୁ ସତ ଫୁଲିଉଠେ। ଅଲାଜୁକ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଦୈହିକ, ମାନସିକ ତଥା ପାରିବାରିକ ସ୍ଥିତି ବହୁତ ଭଲ ରହିବ। କିନ୍ତୁ ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ। ଆକସ୍ମିକ ଭାବେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଭ୍ରମଣ ସୁଯୋଗ ଲାଭ କରିବେ।

**ବୃଷ**
ପ୍ରତିବନ୍ଧକ ଓ ପ୍ରତିରୋଧ କାରଣରୁ ଚେଷ୍ଟା କରୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ଶନିଙ୍କ ସୁପ୍ରଭାବରୁ ଅଫିସରେ କର୍ମକ୍ଷେତ୍ର ସମ୍ପର୍କିତ ଅଚାନକ ଶୁଭ ଖବର ଶୁଣି ଖୁସି ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା ତଥା ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଆଳସ୍ୟ ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ।

**ମିଥୁନ**
ବହୁ ଦିନ ହେଲା ଲାଗି ରହିଥିବା ପାରିବାରିକ ସମସ୍ୟାର ଆଜି ହିଁ ସରଳ ସମାଧାନ ହୋଇଯିବ। ସପ୍ତମସ୍ଥ ଗୁରୁ ଏକାଦଶସ୍ଥ ଯୋଗୁ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଜିଦ୍‌ଖୋର ମନୋବୃତ୍ତି ଯୋଗୁ କେତେକ କ୍ଷେତ୍ରରେ ହଇରାଣ ହୋଇପାରନ୍ତି।

**କର୍କଟ**
ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ଅନ୍ୟାନ୍ୟ ଦିଗରୁ ପ୍ରାୟତଃ ଶୁଭଫଳ ପାଇବେ। ଅସମର୍ଥିତ ସୂତ୍ରରୁ ଅଫିସରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କୋଣଭାବସ୍ଥ ଶୁକ୍ର ପ୍ରଭାବରୁ ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ନିକଟସ୍ଥ ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରିବା ସକାଶେ କର୍ମମୁଖର ହେବେ।

**ସିଂହ**
କିଛି ଭଲ କାମ ସଙ୍ଗକୁ କିଛି ସମସ୍ୟା ଭିତର ଦେଇ ଆଜି ଦିନଟି ଅତିବାହିତ ହେବ। ମଘା ନକ୍ଷତ୍ରର ଆର୍ଥିକ ପରିସ୍ଥିତି ପୂର୍ବଭଳି ଜଟିଳ ରୂପ ଧାରଣ କରିପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଯୋଗୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**କନ୍ୟା**
ବନ୍ଧୁଙ୍କ ଜରିଆରେ ସକାଳୁ ସକାଳୁ କୌଣସି ଖବର ପାଇ ଖୁସି ହୋଇଯିବେ। ମାତ୍ର ଚିତ୍ରା ନକ୍ଷତ୍ରର କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆତ୍ମୀୟମାନେ କୌଣସି ସମସ୍ୟା ବିଷୟରେ ଆଲୋଚନା କରିବା ସକାଶେ ଖବର ଦେଇପାରନ୍ତି। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହେବାକୁ ପଡ଼ିପାରେ।

**ତୁଳା**
ଦୈହିକ ଦୁର୍ବଳତା କିମ୍ବା ପାରିବାରିକ ଅଶାନ୍ତି ହେତୁ ମନ ଭଲ ରହି ନ ପାରେ। ଅଫିସିଆଲି କାମରେ କେତେକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ସରକାରୀ ସୂତ୍ରରୁ ସାହାଯ୍ୟ ଲାଭକରି ବ୍ୟୟ ଭାର କ୍ରମଶଃ କମି ଆସିବ। ବିଶାଖା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସଙ୍ଗକୁ ମିତ୍ରତା ବୃଦ୍ଧି ଘଟିପାରେ।

**ବିଛା**
ଆତ୍ମୀୟଙ୍କ ନିକଟରୁ ଖୁସି ଖବର ପାଇ ମାନସିକ ଶାନ୍ତି ଲାଭ କରିବେ। କିନ୍ତୁ ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ଗୁରୁତର ହେବନାହିଁ। ଜ୍ୟେଷ୍ଠା ନକ୍ଷତ୍ରର ଆର୍ଥିକ ସ୍ଥିତି ସେତେଟା ଭଲ ରହି ନ ପାରେ, ତାହା ବୋଲି ଅଭାବଗ୍ରସ୍ତ ହେବେ ନାହିଁ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ରର ବିବାଦୀୟ ଘଟଣାରେ ସମସ୍ୟା ବଢ଼ିଯାଇପାରେ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ ରାଜନୀତିରେ ଚେଷ୍ଟା ସଫଳ ହେବ ଓ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା, ଅର୍ଥ ଓ ସମ୍ମାନ ଲାଭ, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ଘଟିବ। ଦୀର୍ଘଦିନରୁ ପରିକଳ୍ପିତ ନୂତନ କାର୍ଯ୍ୟାରମ୍ଭ କରି ପ୍ରଶଂସିତ ହେବେ।

**ମକର**
କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ଧନିଷ୍ଠା ନକ୍ଷତ୍ର ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ କ୍ଷତିରେ ପଡ଼ିବେ ନାହିଁ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଶା କରିଥିବା କାମରେ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ।

**କୁମ୍ଭ**
ବାଧ୍ୟବାଧକତା ମଧ୍ୟରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ପଡ଼ିବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପୂର୍ବପରି ରହିବ। ପୂର୍ବଭାଦ୍ରବ ନକ୍ଷତ୍ର ସାଙ୍ଗସାଥୀଙ୍କ ଅନୁରୋଧ କ୍ରମେ ଭ୍ରମଣ ସୁଯୋଗ ଲାଭ କରିବେ। ବ୍ୟବସାୟ, ପରିବହନ, ପାଇଁ ଦିନଟି ବହୁତ ଭଲ, ଅବଶ୍ୟ ଲାଭବାନ୍ ହେବେ।

**ମୀନ**
କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବା କାରଣରୁ କେତେକ କାମ ଅଟକି ରହିଯିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ଥିବା ସମସ୍ୟା ସମାଧାନ କରିବା ଦିଗରେ ଚେଷ୍ଟା କରିପାରିଲେ ସଫଳତା ନିଶ୍ଚିତ ମିଳିବ। ଉତ୍ତରଭାଦ୍ରବ ଶ୍ରମ ଜନିତ ଶାରୀରିକ ପୀଡ଼ାରେ କଷ୍ଟ ପାଇପାରନ୍ତି। ପରିବାରରେ ପିଲାମାନଙ୍କ ସକାଶେ ଚିନ୍ତା ବଢ଼ିଯାଇପାରେ।

ଆଜି ଜାନୁଆରୀ ୧୮ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀ ଗୁରୁବାର, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଅଶ୍ୱିନୀ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଦେବତାଗଠନ ଓ ପ୍ରତିଷ୍ଠା। ଦିବା ଘ.୦୬.୨୮ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୫୧ମି. ଗତେ ଘ.୦୧.୦୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୧୯ମି. ଗତେ ଘ. ୦୨.୪୫ମି. ମଧ୍ୟେ ରାହୁକାଳ।

# କଂଗ୍ରେସକୁ ଫେରିଲେ ଗମାଙ୍ଗ ପରିବାର, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ


ଭୁବନେଶ୍ୱର, ୧୭।୧ (ସୁନିତ୍ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ବୁଧବାର କଂଗ୍ରେସକୁ ଫେରିଛନ୍ତି। ନୂଆଦିଲ୍ଲୀ ସ୍ଥିତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟାଳୟଠାରେ ନିଜର ପୂରା ପରିବାର ସହ କଂଗ୍ରେସରେ ଯୋଗଦେଇଛନ୍ତି। ଓପିସିସି(ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି) ପ୍ରଭାରୀ ଅଜୟ କୁମାର ଏବଂ ଏଆଇସିସି କୋଷାଧ୍ୟକ୍ଷ ଅଜୟ ମାକେନଙ୍କ ଉପସ୍ଥିତିରେ ଗିରିଧର ଗମାଙ୍ଗ, ତାଙ୍କ ସ୍ତ୍ରୀ ହେମା ଗମାଙ୍ଗ ଏବଂ ପୁଅ ଶିଶିର ଗମାଙ୍ଗ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ସମୟରେ ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ ମଧ୍ୟ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। କଂଗ୍ରେସ ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରାଯାଇଛି। ତେବେ ଗତ ୭ ତାରିଖରେ ଗମାଙ୍ଗଙ୍କ ପରିବାର କଂଗ୍ରେସରେ ଯୋଗଦେବେ ବୋଲି ପୂର୍ବରୁ


ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଭାରୀ ଅଜୟ କୁମାର ଏବଂ ଏଆଇସିସି କୋଷାଧ୍ୟକ୍ଷ ଅଜୟ ମାକେନଙ୍କ ଉପସ୍ଥିତିରେ ଗିରିଧର ଗମାଙ୍ଗ, ତାଙ୍କ ସ୍ତ୍ରୀ ହେମା ଗମାଙ୍ଗ, ପୁଅ ଶିଶିର ଗମାଙ୍ଗ ଏବଂ ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ ନୂଆଦିଲ୍ଲୀରେ ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି।

ଆଲୋଚନା ହେଉଥିଲା। ଏନେଇ ସେମାନଙ୍କ ପରିବାର ପକ୍ଷରୁ ମଧ୍ୟ ସ୍ପଷ୍ଟ କରି ଦିଆଯାଇସାରିଥିଲା।

ସୂଚନାଯୋଗ୍ୟ, ୨୦୧୫ରେ ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ କଂଗ୍ରେସ ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଥିଲେ। ୨୦୨୩ରେ ଉଭୟ ଭାଜପା ଛାଡ଼ି ଓଡ଼ିଶାର ଆଉ କେତେଜଣ ନେତାଙ୍କ ସହ ମିଶି ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ରେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ବିଆର୍‌ଏସ୍‌ରୁ ଲଢିବେ ବୋଲି କହିଥିଲେ ମଧ୍ୟ ସେପରି କିଛି ଦେଖିବାକୁ ମିଳିଲା ନାହିଁ। ସେହିପରି ସଞ୍ଜୟ ଭୋଇ କଂଗ୍ରେସ ଟିକେଟରେ ୨୦୦୯ରେ ବରଗଡ଼ ଲୋକ ସଭା ଆସନରୁ ୩ ଲକ୍ଷ ୯୭ ହଜାର ଭୋଟ ପାଇ ବିଜେଡି ପ୍ରାର୍ଥୀଙ୍କଠାରୁ ପାଖାପାଖି ଲକ୍ଷେ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ଲୋକ ସଭା ନିର୍ବାଚନରେ ସେ କଂଗ୍ରେସ ଟିକେଟରୁ ଲଢ଼ିଥିଲେ ମଧ୍ୟ ପରାଜିତ ହେବା ସଙ୍ଗେ ସଙ୍ଗେ ୩ ନମ୍ବର ସ୍ଥାନକୁ ଖସିଆସିଥିଲେ। ଏହାପରେ ୨୦୧୯ରେ କଂଗ୍ରେସ ତାଙ୍କୁ ଟିକେଟ ନ ଦେଇ ତାଙ୍କ ସ୍ଥାନରେ ପ୍ରଦୀପ କୁମାର ଦେବତାଙ୍କୁ ଦେଇଥିଲା। ସେଥିପାଇଁ ସେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଏହି ଆସନରୁ ଏବେ ଭାଜପାରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିବା ସୁରେଶ ପୂଜାରୀ ଏମ୍‌ପି ଅଛନ୍ତି। ତେଣୁ ସଞ୍ଜୟଙ୍କୁ ଆସନ୍ତା ସାଧାରଣ ନିର୍ବାଚନରେ ମଧ୍ୟ ଭାଜପାରୁ ଟିକେଟ ମିଳିବା ଏକ ପ୍ରକାର ଅସମ୍ଭବ ବୋଲି ଚର୍ଚ୍ଚା ହେଉଥିଲା। ତେଣୁ ସେ କଂଗ୍ରେସରେ ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନରେ ଲୋକ ସଭା ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି। ଦଳରେ ଯୋଗଦେବା ପରେ ଗିରିଧର କହିଛନ୍ତି, କଂଗ୍ରେସରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଲି। କଂଗ୍ରେସ ତାଙ୍କୁ ୯ ମାସ ମୁଖ୍ୟମନ୍ତ୍ରୀ ସହିତ ୧୧ ବର୍ଷ କେନ୍ଦ୍ରମନ୍ତ୍ରୀ କରିଛି। କଂଗ୍ରେସ ପାଇଁ ରାଜନୀତିଠାରୁ ଆରମ୍ଭକରି କ୍ଷମତା ସବୁ ମିଳିଥିଲା ବୋଲି ସେ କହିଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିକଶିତ ଭାରତ ସଂକଳ୍ପ ଯାତ୍ରା

# ଯୋଡ଼ିହେଲେଣି ୧୫ କୋଟି ଲୋକ

ଭୁବନେଶ୍ୱର,୧୭।୧(ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲିଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ୨ ମାସ ପୂରିଥିବାବେଳେ ଏହାକୁ ଦେଶବ୍ୟାପୀ ବିପୁଳ ଜନ ସମର୍ଥନ ମିଳିଛି। ଏଥିରେ ୧୫ କୋଟିରୁ ଅଧିକ ଲୋକ ଯୋଡିହୋଇଛନ୍ତି। ଏହି ଯାତ୍ରାରେ ଦେଶର ବିଭିନ୍ନ ରାଜ୍ୟର ଲୋକେ ଅଂଶଗ୍ରହଣ କରୁଥିବାବେଳେ ବିଶେଷକରି ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ତେଲଙ୍ଗାନାରେ ଏହାର ଶୁଭାରମ୍ଭ ପରଠାରୁ ଲୋକଙ୍କ ସମର୍ଥନ ଆଶ୍ଚର୍ଯ୍ୟଜନକ ଭାବେ ବଢୁଛି। ୨୦୨୩ ଡିସେମ୍ବର ୧୩ ସୁଦ୍ଧା ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ୨.୦୬ କୋଟି ଲୋକଙ୍କ ପାଖରେ ପହଞ୍ଚିଥିବାବେଳେ ଡିସେମ୍ବର ୨୨ ସୁଦ୍ଧା ଏହି ସଂଖ୍ୟା ୫ କୋଟିକୁ ବୃଦ୍ଧି ପାଇଥିଲା। ତେବେ ପରବର୍ତ୍ତୀ ୪ ସପ୍ତାହ ମଧ୍ୟରେ ଯାତ୍ରାରେ ୧୦ କୋଟି ଲୋକ ଅଂଶଗ୍ରହଣ କରିବା ପରେ ଏହା ୧୫ କୋଟି ଅତିକ୍ରମ କରିଛି। ବିକଶିତ ଭାରତ ସଂକଳ୍ପ ଯାତ୍ରା ଡ୍ୟାସ୍‌ବୋର୍ଡ ଅନୁଯାୟୀ, ଜାନୁଆରୀ ୧୭ ତାରିଖ ସୁଦ୍ଧା ଏଥିରେ ୨.୨୧ ଲକ୍ଷ ଗ୍ରାମ ପଞ୍ଚାୟତ ଏବଂ ୯,୫୪୧ ସହରାଞ୍ଚଳରେ ୧୫.୩୪ କୋଟି ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଛନ୍ତି। ସହର ଓ ଗ୍ରାମକୁ ଗ୍ରାମ ବୁଲି ଆଇଇସି ଭ୍ୟାନ ମାଧ୍ୟମରେ ସରକାରୀ ଯୋଜନା, ସ୍ଥାୟୀ ଚାଷ ଏବଂ ସୁଲଭ ସ୍ୱାସ୍ଥ୍ୟ ସେବା, ପରିମଳ ଏବଂ ଆର୍ଥିକ ସ୍ୱାଧୀନତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଏହାର ଲକ୍ଷ୍ୟ ରହିଛି। ଇତିମଧ୍ୟରେ ସ୍ୱାସ୍ଥ୍ୟ ଶିବିରରେ ୪ କୋଟିରୁ ଅଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେହିପରି 'ମାଇଁ ଭାରତ'ରେ ୩୮ ଲକ୍ଷରୁ ଅଧିକ ପଞ୍ଜୀକରଣ ହୋଇଛି। ସମସ୍ତଙ୍କ ପାଇଁ ସୁଲଭ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ନିମନ୍ତେ ୨ କୋଟିରୁ ଅଧିକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଜାରି କରାଯାଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କାର୍ଯ୍ୟକୁ ଆଗେଇ ନେବାକୁ ୧୧ କୋଟିରୁ ଅଧିକ ଲୋକ ସଂକଳ୍ପ ନେଇଛନ୍ତି। ଏହା ମଧ୍ୟରେ ୧ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତ ଆୟୁଷ୍ମାନ କାର୍ଡ ପାଇଁ ଶତ ପ୍ରତିଶତ ସଫଳତା ହାସଲ କରିଥିବା ସୂଚନା ରହିଛି। ଅନ୍ୟପକ୍ଷରେ 'ହର ଘର ଜଳ' ଯୋଜନା ମାଧ୍ୟମରେ ସ୍ୱଚ୍ଛ ଜଳ ୭୯ହଜାରରୁ ଅଧିକ ଗ୍ରାମ ପଞ୍ଚାୟତରେ ପହଞ୍ଚୁଥିବାବେଳେ ୧.୩୮ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତରେ ଶତପ୍ରତିଶତ ଜମି ରେକର୍ଡ ଡିଜିଟାଇଶେନ ସ୍ୱଚ୍ଛତା ଏବଂ ନିରାପତ୍ତାକୁ ସୁଗମ କରୁଛି। ଏହା ବ୍ୟତୀତ ୧୭ ହଜାରରୁ ଅଧିକ ଗ୍ରାମ ପଞ୍ଚାୟତ ଓଡିଏଫ ପ୍ଲସ୍ ଅନୁପାଳନ ହାସଲ କରିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।




# ଅଶ୍ଳୀଳ ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ

ବାଲୁଗାଁ,୧୭।୧
(ସଂଗ୍ରାମ ପାଇକରାୟ)

ପ୍ରେମିକାଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ସମ୍ପୃକ୍ତ ପ୍ରେମିକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବାଲେଶ୍ୱର ଜିଲା ଖଣ୍ଟାପଡ଼ା ଥାନା ଅଞ୍ଚଳର ବିକାଶ ଦାସ(୨୬)। ପୋଲିସ ସୂଚନା ମୁତାବକ, ବାଲୁଗାଁ ଅଞ୍ଚଳର ଜଣେ ଯୁବତୀଙ୍କ ସହ ବିକାଶଙ୍କର ଏକବର୍ଷ ପୂର୍ବେ ଫେସ୍‌ବୁକ୍‌ରେ ବନ୍ଧୁତା ସ୍ଥାପନ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତା ନିବିଡ଼ ହେବାପରେ ତାହା ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ତେବେ ବିକାଶଙ୍କ ମନରେ ପ୍ରତାରଣା ଥିବା ଯୁବତୀ ଜଣକ ଜାଣିପାରି ନ ଥିଲେ। ମୋବାଇଲ ଫୋନ୍‌ରେ ଭିଡିଓ କଲ୍ କରି ଯୁବତୀଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ କରିଥିଲେ। ଏହାପରେ ବିକାଶ ଯୁବତୀଙ୍କୁ ଅନୈତିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ। ଯୁବତୀ ଜଣକ ଅରାଜି ହେବାରୁ ବିକାଶ ଅଶ୍ଳୀଳ ଭିଡିଓ ଏବଂ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଫଳରେ ଯୁବତୀ ଜଣକ ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ଯୁବତୀଙ୍କ ପରିବାର ୨୦୨୩ ଜୁନ୍ ୨୧ରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୩୬/୨୩) ରୁଜୁକରି ସାଇବର କ୍ରାଇମ୍ ତଦନ୍ତ ସହାୟତା ଲୋଡ଼ିଥିଲା। ମହାରାଷ୍ଟ୍ରର ପୁନେରେ ବିକାଶ ଆତ୍ମଗୋପନ କରିଥିବା ଖବରପାଇ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ଚଢ଼ାଉ କରିବା ବେଳେ କୌଶଳକ୍ରମେ ବିକାଶ ସେଠାରୁ ଖସି ପଳାଇଥିଲେ। ତେବେ ସୋମବାର ବିକାଶ ଭୁବନେଶ୍ୱରରେ ଥିବା ଖବର ମିଳିବା ପରେ ଆଇଆଇସି ପରିଡ଼ା ସଦଳବଳ ଚଢ଼ାଉ କରି ବିକାଶଙ୍କୁ ଗିରଫ କରିଥିଲେ।

# ପୋଲିସ କୁକୁରଙ୍କ ପାଇଁ 'ସେବାନିବୃତ୍ତ ଗୃହ'

## ଦେଶରେ ପ୍ରଥମ

ନୂଆଦିଲ୍ଲୀ,୧୭।୧

ପୋଲିସରେ ସେବା ଯୋଗାଇ ଦେଉଥିବା କୁକୁରଙ୍କ ପାଇଁ ଅଭିନବ ପଦକ୍ଷେପ ନେଇଛି ଗୁଜରାଟର ଆନନ୍ଦ ଜିଲା ପୋଲିସ। ବୃଦ୍ଧାବସ୍ଥା କିମ୍ବା ଅନ୍ୟ କାରଣରୁ ପୋଲିସରେ ସେବା ପାଇଁ ଅଯୋଗ୍ୟ ହେବା ପରେ ସେମାନଙ୍କର ଉପଯୁକ୍ତ ଥଇଥାନ ଓ ଯତ୍ନ ଲାଗି 'ସେବାନିବୃତ୍ତ ଗୃହ' ନିର୍ମାଣ କରାଯାଇଛି। ଏହାଦ୍ୱାରା ସେମାନଙ୍କୁ ଅବଶିଷ୍ଟ ଜୀବନ ଅତିବାହିତ କରିବାରେ ସୁବିଧା ହେବ ବୋଲି ସେଠାକାର ଡେପୁଟି ପୋଲିସ ଅଧୀକ୍ଷକ(ଡିଏସ୍‌ପି) ଜେ. ଜେ. ଚୌଧୁରୀ କହିଛନ୍ତି। ପୋଲିସ କୁକୁରଙ୍କ ଲାଗି ଏଭଳି ବ୍ୟବସ୍ଥା ଦେଶରେ ପ୍ରଥମ ବୋଲି କୁହାଯାଉଛି।




ସେବାନିବୃତ୍ତ ଗୃହରେ ପୋଲିସ ସେବାରେ ନିୟୋଜିତ କୁକୁରମାନଙ୍କୁ ଆରାମଦାୟକ ଜୀବନଯାପନ ଲାଗି ୨୩ କୋଠରି ରହିଛି। ଏଥିସହିତ ସେବାରେ କାର୍ଯ୍ୟରତ କୁକୁରମାନଙ୍କ ଲାଗି ୩ କୋଠରି ନିର୍ମାଣ କରାଯାଇଛି। ଏଠାରେ ସେମାନଙ୍କ ପାଇଁ ଖାଇବା, ଚିକିତ୍ସା ଏବଂ ସ୍ୱଚ୍ଛ ପରିବେଶର ବ୍ୟବସ୍ଥା ରହିଛି। ପ୍ରତି କୁକୁରକୁ ଦୈନିକ ୭୦୦ ଗ୍ରାମ୍ କ୍ଷୀର, ୧୭୦ ଗ୍ରାମ୍ ରୁଟି, ସକାଳେ ଗୋଟିଏ ଅଣ୍ଡା ଏବଂ ସନ୍ଧ୍ୟାରେ ୨୮୦ ଗ୍ରାମ୍ ମଟନ, ପନିପରିବା ଏବଂ ଭାତ ସହିତ ଖାଦ୍ୟ ଦିଆଯାଉଛି। କୁକୁରଙ୍କୁ ପ୍ରତି ୧୫ ଦିନରେ ପ୍ରାଣୀ ଚିକିତ୍ସକ ପରୀକ୍ଷା କରନ୍ତି। ଆବଶ୍ୟକସ୍ଥଳେ କୁକୁରଙ୍କୁ ତୁରନ୍ତ ଚିକିତ୍ସାଳୟ ନିଆଯାଇ ଚିକିତ୍ସା କରାଯାଉଛି। ଏଥିପାଇଁ ଏକ ପୋଲିସ ଭ୍ୟାନ ମଧ୍ୟ ଯୋଗାଇ ଦିଆଯାଇଛି। ସକାଳ ଓ ସନ୍ଧ୍ୟା ସମୟରେ କୁକୁରଙ୍କୁ ବାରାକରୁ ବାହାର କରାଯାଇ ଖୋଲା ସ୍ଥାନରେ ଖେଳିବାକୁ ଛଡ଼ାଯିବା ସହ ଦୈନିକ ବ୍ୟାୟାମର ବ୍ୟବସ୍ଥା ରହିଛି। ଶନିବାର, ରବିବାର ଏବଂ ସାଧାରଣ ଛୁଟିଦିନରେ ଲୋକେ ଏହି କୁକୁରଙ୍କୁ ଭେଟିବା, ସେମାନଙ୍କ ସହ ସମୟ ବିତାଇବା ଏବଂ ସେମାନଙ୍କୁ ଖାଇବାକୁ ଦେବା ଲାଗି ଅନୁମତି ରହିଛି। ବର୍ତ୍ତମାନ ଏଠାରେ ୨୦ କୁକୁର ରହିଥିବା ବେଳେ ୧୬ ସେବାନିବୃତ୍ତ, ୨ କାର୍ଯ୍ୟରତ ଏବଂ ୨ ତାଲିମପ୍ରାପ୍ତ କୁକୁର ରହିଥିବା ଚୌଧୁରୀ କହିଛନ୍ତି।

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୮/୨୦୨୪ Bhubaneswar, Thursday, January 18/2024


# ଶ୍ରୀକ୍ଷେତ୍ର ଐତିହ୍ୟରେ ନୂଆ ଫର୍ଦ୍ଦ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ପୌଷ ଶୁକ୍ଳ ସପ୍ତମୀ ବୁଧବାର ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହୋଇଛି, ଯାହାକି ଶ୍ରୀକ୍ଷେତ୍ର ଐତିହ୍ୟରେ ନୂଆଫର୍ଦ୍ଦ ଯୋଡ଼ି ଦେଇଛି। ବିଶ୍ୱନିୟନ୍ତାଙ୍କ ଲୀଳାକ୍ଷେତ୍ରର ଆକର୍ଷଣୀୟ ରୂପକୁ ଦୁନିଆ ଦେଖିବାକୁ ପାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଅପରାହ୍ନ ୧ଘଟିକା ୨୬ମିନିଟ୍‌ରେ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଏହାସହ ଗତ ୩ଦିନ ଧରି ଚାଲିଥିବା ମହାଯଜ୍ଞକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ପୂର୍ଣ୍ଣାହୁତି ଦେଇଛନ୍ତି।**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରୁଛନ୍ତି।

**ପୁରୀ, ୧୭।୧ (ଅଜିତ୍ ମହାନ୍ତି)**

ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍‌ସ ପ୍ରୋଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ବୈଦିକ ମନ୍ତ୍ରପାଠ ଓ ବେଦଧ୍ୱନି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପ ଫଳକ ଉନ୍ମୋଚନ କରିବା ପରେ ନିର୍ଦ୍ଧାରିତ ଶୁଭଲଗ୍ନରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଗଜପତିଙ୍କ ଦ୍ୱାରା ପୂର୍ଣ୍ଣାହୁତି ପରେ ତ୍ରିଦିନାତ୍ମକ ଯଜ୍ଞ ସମ୍ପୂର୍ଣ୍ଣ ହୋଇଛି। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସହ ଦୀର୍ଘଦିନ ଧରି ଅପେକ୍ଷା କରିଥିବା ଭକ୍ତ, ଶ୍ରଦ୍ଧାଳୁ, ପୁରୀବାସିନ୍ଦା ଏବଂ ଭୂମି ଦାନ କରିଥିବା ବ୍ୟକ୍ତି ବିଶେଷଙ୍କ ଆଶା ପୂରଣ ହେବା ସହ ସମସ୍ତ ଅପେକ୍ଷାର ଅନ୍ତ ଘଟିଛି। ଭକ୍ତମାନେ ଶ୍ରୀମନ୍ଦିର ଚାରିପାଖେ ପ୍ରଦକ୍ଷିଣ କରିବା ସହ ନାମ ସଂକୀର୍ତ୍ତନ କରି ଭାବ ବିଭୋର ହୋଇ ଉଠୁଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତେ ଅନୁଷ୍ଠିତ ଯଜ୍ଞ ପାଇଁ ଗତ ୧୨ ତାରିଖରେ ଗଜପତି ମହାରାଜା ଶ୍ରୀନଅରରେ ଆଚାର୍ଯ୍ୟବରଣ କରିବା ସହ ଗୁଆ ଟେକିଥିଲେ। ପରେ ବରଣ ହୋଇଥିବା ଆଚାର୍ଯ୍ୟମାନଙ୍କ ଦ୍ୱାରା ଅଙ୍କୁରାରୋପଣ, ଅଙ୍କୁରାପୂଜନ, ଅଧିବାସ, ମଣ୍ଡଳ କଟା, ସୂର୍ଯ୍ୟପୂଜା, ଧରିତ୍ରୀପୂଜା ହୋଇ ଗତ ୧୫ ତାରିଖରେ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞ ଆରମ୍ଭ କରିଥିଲେ। ତେବେ ତିନିଦିନ ଧରି ଚାଲିଥିବା ଯଜ୍ଞକୁଣ୍ଡରେ ଗଜପତି ମହାରାଜା ନିର୍ଦ୍ଧାରିତ ସମୟରେ ପହଞ୍ଚି ଯଜ୍ଞ କାର୍ଯ୍ୟରେ ସାମିଲ ହୋଇଥିଲେ। ପରେ ପୂର୍ଣ୍ଣାହୁତି ଦେଇ ଯଜ୍ଞ ପ୍ରକ୍ରିୟା ସମାପ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଶ୍ରୀସେତୁ ନିକଟରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରୁ ବ୍ୟାଟେରି ଗାଡ଼ି ଯୋଗେ ପରିକ୍ରମା ମାର୍ଗକୁ ଆସିଥିଲେ। ପରେ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶରେ ☞ପୃଷ୍ଠା-୯

ଆଜିର ସମ୍ପାଦକୀୟ ଅଶାନ୍ତ ବିଶ୍ୱ






# ଅଶାନ୍ତ ବିଶ୍ୱ



ବ୍ରହ୍ମ ଚେଲାନି

ଗାଜାରେ ଇସ୍ରାଏଲ୍‌ର ବିନାଶକାରୀ ଯୁଦ୍ଧ, ୟୁକ୍ରେନ୍ ଉପରେ ରୁଷିଆର ରକ୍ତାକ୍ତ ଆକ୍ରମଣ, ଆମେରିକାର ସୀମାପାର ହତ୍ୟା ଏବଂ ଚାଇନାର ଆକ୍ରମଣାତ୍ମକ ବିସ୍ତାରବାଦ ସାମ୍ପ୍ରତିକ ସମୟର ଏକ ସିଦ୍ଧାନ୍ତକୁ ଦର୍ଶାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୃଷ୍ଟି ହୋଇଥିବା ବୈଶ୍ୱିକ ବ୍ୟବସ୍ଥା ଏବେ ବିଶ୍ୱକୁ ଏକ ଅବ୍ୟବସ୍ଥିତ ସ୍ଥିତି ଆଡ଼କୁ ବାଟ କଢ଼ାଇନେଉଛି। ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ ପ୍ରବାହ, ଦ୍ରୁତ ବୈଷୟିକ ଜ୍ଞାନ କୌଶଳର ଅଗ୍ରଗତି ଏବଂ ଅତ୍ୟଧିକ ଜନସଂଖ୍ୟା ସ୍ଥିତିରୁ ଏଭଳି ଏକ ବଡ଼ ପରିବର୍ତ୍ତନ ସ୍ପଷ୍ଟ ହୋଇଛି। ଏହାର ଆଗାମୀ ପରିଣାମ ଏକ ଅସମାହିତ ପ୍ରଶ୍ନ ହୋଇଛି। ଚଳିତ ବର୍ଷର ପ୍ରମୁଖ ନିର୍ବାଚନଗୁଡ଼ିକର ପରିଣାମରୁ ଆଗାମୀ ପରିବର୍ତ୍ତନ ପ୍ରକାଶ ପାଇବ କିମ୍ବା ତ୍ୱରିତ ହୋଇପାରେ। ଏହିସବୁ ନିର୍ବାଚନରେ ୭୬ ଦେଶରେ ୪.୨ ବିଲିୟନ ଲୋକ ଭୋଟ ଦେଇ ୨୦୨୪କୁ ଇତିହାସରେ ସର୍ବବୃହତ୍ ନିର୍ବାଚନର ବର୍ଷ ଭାବେ ପ୍ରତିପାଦିତ କରିବେ। ବିଶ୍ୱର ୧୦ଟି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ମଧ୍ୟରୁ ୮ଟି (ବାଂଲାଦେଶ, ବ୍ରାଜିଲ, ଭାରତ,ଇଣ୍ଡୋନେସିଆ, ମେକ୍ସିକୋ, ପାକିସ୍ତାନ, ରୁଷିଆ ଏବଂ ଆମେରିକା) ଏବଂ ୟୁରୋପୀୟ ସଂଘରେ ନିର୍ବାଚନ ହେବ। ଚଳିତ ବର୍ଷର ନିର୍ବାଚନ ସମଗ୍ର ବିଶ୍ୱରେ ଗଣତନ୍ତ୍ରର ଏକ ମାପକାଠି ଭାବରେ କାର୍ଯ୍ୟ କରିବ। ଏକଛତ୍ରବାଦ ବୃଦ୍ଧି ପାଇବା ଯୋଗୁ ତାହା ଅଧିକ ଚିନ୍ତାର କାରଣ ହୋଇଛି। ବାସ୍ତବରେ ନୂଆବର୍ଷ ଆରମ୍ଭରେ ବାଂଲାଦେଶ ଏବଂ ତାଇୱାନ ଭଳି ଦୁଇଟି ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚନରେ ବିବାଦ ସୃଷ୍ଟି ହୋଇଥିଲା। ବାଂଲାଦେଶରେ ବିରୋଧୀମାନେ ନିର୍ବାଚନକୁ ତ୍ରୁଟିପୂର୍ଣ୍ଣ ବୋଲି ଅଭିଯୋଗ ଆଣି ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ କ୍ଷମତା ହାସଲକଲେ।

ବାଂଲାଦେଶ ଏକମାତ୍ର ଦେଶ ନୁହେଁ ଯେଉଁଠାରେ ଚଳିତ ବର୍ଷ ନିର୍ବାଚନରେ କିଛି ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏହା ମଧ୍ୟ ନିଃସନ୍ଦେହ ଯେ, ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନିଶ୍ଚିତ ଭାବରେ ପୁନଃ ନିର୍ବାଚିତ ହୋଇ କ୍ଷମତା ହାସଲ କରିବେ। ଏଥିପାଇଁ ପୁଟିନ୍ ସବୁକିଛି ଶେଷ କରିଦେଇଛନ୍ତି। କ୍ୟାଥରିନ ଦି ଗ୍ରେଟ୍‌ଠାରୁ ରୁଷିଆକୁ ସବୁଠୁ ଅଧିକ ସମୟ ଶାସନ କରିଥିବା ସୋଭିଏଟ୍ ନେତା ଜୋସେଫ ଷ୍ଟାଲିନଙ୍କୁ ସେ ଟପିଯିବେ। ପାକିସ୍ତାନରେ ଶାସନ ଶେଷରେ ସେନା ନିୟନ୍ତ୍ରଣରେ ରହୁଥିବାରୁ ସେଠାରେ ନିର୍ବାଚନ ଫଳାଫଳ ପ୍ରାୟତଃ ଏକ ବିତର୍କର ପ୍ରଶ୍ନ ହୋଇ ରହିବ। କିନ୍ତୁ ପ୍ରକୃତ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ମଧ୍ୟ ଆଗାମୀ ନିର୍ବାଚନରେ ଦକ୍ଷିଣପନ୍ଥୀ ବିଚାର ଆଡ଼କୁ ଢଳୁଥିବାର ବିପଦ ଦେଖାଯାଇଛି। ଏହି ଧାରା ଲାଗିରହିଛି ଏବଂ ଫିନ୍‌ଲାଣ୍ଡରେ (ନୂତନ ଭାବେ ନାଟୋ ସଦସ୍ୟ ହୋଇଛି) ଓ ଅତି ନିକଟରେ



ଆର୍ଜେଣ୍ଟିନା ନିର୍ବାଚନରେ ଏହା ଏବେ ଦେଖାଯାଇଛି। ପୋଲାଣ୍ଡ ଏହି ଧାରାର ମୁକାବିଲା କରିଥିବାବେଳେ ବ୍ରେକ୍‌ଜିଟ୍ ପରେ ପ୍ରଥମ ହେବାକୁ ଥିବା ୟୁରୋପୀୟ ସଂସଦ ନିର୍ବାଚନ ଏହାକୁ ବଜାୟ ରଖିବାର ସମ୍ଭାବନା ରହିଛି।

ଶାନ୍ତିଠାରୁ ଯୁଦ୍ଧ ପର୍ଯ୍ୟନ୍ତ ସମସ୍ତ ମାପକାଠିକୁ ଦକ୍ଷିଣପନ୍ଥୀ ରାଜନୀତି ଭିନ୍ନ ମୋଡ଼ ଦେଇପାରେ। ଇସ୍ରାଏଲ କଥା ବିଚାରକୁ ନିଆଯାଉ। ଅକ୍ଟୋବର ୭ ରେ ହମାସ୍ ଦ୍ୱାରା କରାଯାଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ କେନ୍ଦ୍ରକରି ଗାଜାରେ ଯୁଦ୍ଧ ଆରମ୍ଭ ହୋଇଥିଲା। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଦକ୍ଷିଣପନ୍ଥୀ ସରକାର ଇସ୍ରାଏଲ୍ ଇତିହାସର ସବୁଠାରୁ ଜାତୀୟତାବାଦୀ ନୀତି ନିଶ୍ଚିତ ଭାବେ ଯୁଦ୍ଧ ପାଇଁ ବାଟ ସଫା କରିଛି। କିନ୍ତୁ ଏହା ସର୍ବଦା ସତ ହୋଇ ନ ଥାଏ। ଆମେରିକାରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଜାତୀୟ ସୁରକ୍ଷା ଟିମ୍ ମୁଖ୍ୟତଃ ଉଦାରବାଦୀ ମଧ୍ୟସ୍ଥ ବିଶେଷକରି ବାମପନ୍ଥୀ ସପକ୍ଷବାଦୀଙ୍କୁ ନେଇ ଗଠିତ। ଅନ୍ୟପଟେ ଦକ୍ଷିଣପନ୍ଥୀମାନଙ୍କୁ ହସ୍ତକ୍ଷେପକାରୀ ଭାବରେ ବିବେଚନା କରାଯାଇପାରେ (କିମ୍ବା ସମାଲୋଚକମାନେ ସେମାନଙ୍କୁ ବିଚ୍ଛିନ୍ନତାବାଦୀ ଭାବରେ ବିବେଚନା କରନ୍ତି)।

ନିର୍ବାଚନ ସବୁକିଛି ନୁହେଁ। ବିଶ୍ୱ ସ୍ତରରେ ନିର୍ବାଚନ ପ୍ରକ୍ରିୟାରେ ଅନ୍ତଃରାଷ୍ଟ୍ରୀୟ ସମ୍ପର୍କକୁ ନେଇ ବହୁ ବିପଜ୍ଜନକ ଧାରା ରହିଛି। ଦୀର୍ଘଦିନର ନିୟମ ଏବଂ ନୀତି, ଯଥା ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ଏବଂ ଆଞ୍ଚଳିକ ବିଜୟର ନିଷେଧାଦେଶକୁ ଅନ୍ତର୍ଭୁକ୍ତକରି ନିକଟ ଅତୀତରେ ଅଧିକରୁ ଅଧିକ ଏହାକୁ ପାଳନ କରିବା ପାଇଁ ପ୍ରଚାର କରୁଥିବା ସେହି ଦେଶଗୁଡ଼ିକ ଦ୍ୱାରା ସେସବୁକୁ ଅଧିକ ଖଣ୍ଡନ କରାଯାଇଥିଲା। ଯୁକ୍ତରାଷ୍ଟ୍ରଠାରୁ ଆରମ୍ଭକରି ଯେଉଁ ଦେଶଗୁଡ଼ିକ ନିୟମ ତିଆରି କରିଥିଲେ ସେମାନଙ୍କର ସ୍ୱାର୍ଥ ବିପଦରେ ଅଛି ବୋଲି ଯେତେବେଳେ ଧାରଣା ଆସିଛି ସେତେବେଳେ ସେମାନେ ଆଇନଗୁଡ଼ିକୁ ଅବମାନନା କରିବାକୁ ବହୁ ଇଚ୍ଛୁକ ହୋଇଥିବା ପ୍ରମାଣିତ ହୋଇଛି। ଏହି ସମୟରେ ମିଳିତ ଜାତିସଂଘ ଭଳି ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକର ପ୍ରଭାବ ହ୍ରାସ ପାଇବାରେ ଲାଗିଛି। ସେଗୁଡ଼ିକୁ ଗଠନ କରିଥିବା ପାଶ୍ଚାତ୍ୟ ଦେଶଗୁଡ଼ିକ ବର୍ତ୍ତମାନର ଭୌଗୋଳିକ ବାସ୍ତବତା ସହିତ ବିଶ୍ୱ ଶାସନକୁ ଉନ୍ନତ କରିବା ଲାଗି ଅଭିପ୍ରେତ ଗଠନମୂଳକ ସଂସ୍କାରକୁ ପ୍ରତିରୋଧ କରୁଛନ୍ତି। ତେବେ ଏଭଳି କାର୍ଯ୍ୟକଳାପ ପାଶ୍ଚାତ୍ୟକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରୁଥିବା ନିୟମ ଆଧାରିତ ବ୍ୟବସ୍ଥାକୁ କ୍ଷୁଣ୍ଣ କରୁଛି।

ପାଶ୍ଚାତ୍ୟ ତା'ର ବିଶ୍ୱସ୍ତରୀୟ ପ୍ରଭୁତ୍ୱ ରକ୍ଷା ପାଇଁ ଗ୍ରହଣ କରୁଥିବା ଅନ୍ୟାନ୍ୟ ପଦକ୍ଷେପ ମଧ୍ୟ ପ୍ରତିକୂଳ ପ୍ରମାଣିତ ହୋଇଛି। ଉଦାହରଣ ସ୍ୱରୂପ, ବୈଦେଶିକ ନୀତିର ଏକ ସାଧନ ଭାବରେ କଟକଣାର ନିତ୍ୟ ବ୍ୟବହାର ଏବଂ ଅର୍ଥକୁ ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଉପଯୋଗ ଅଣ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଆମେରିକୀୟ ଡଲାରରୁ ନିଜକୁ ଦୂରେଇନେବା ପଥ ଅନୁସରଣ କରିବା ଲାଗି ଉତ୍ସାହିତ କରୁଛି। ତୈଳ ବଜାରରେ ଗତିଶୀଳ ହେବାକୁ ଏବଂ ସମାନ୍ତରାଳ ଆର୍ଥିକ ବ୍ୟବସ୍ଥା ସୃଷ୍ଟି କରିବାକୁ ସେମାନେ ଏଭଳି ପ୍ରୟାସ କରୁଛନ୍ତି। ଜାନୁଆରୀ ୧ରେ ବ୍ରିକ୍ସ ଗୋଷ୍ଠୀ (ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା) ଏହାର ସଦସ୍ୟ ସଂଖ୍ୟା ବୃଦ୍ଧିକରି ସେଥିରେ ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସକୁ ଅନ୍ତର୍ଭୁକ୍ତ କରିଥିଲା। ଏହାଯୋଗୁ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ, ଉତ୍ତର ଏବଂ ଦକ୍ଷିଣ ମଧ୍ୟରେ ମତଭେଦ ବୃଦ୍ଧି ପାଉଛି।

ବିଶ୍ୱରେ ତିକ୍ତତା ବୃଦ୍ଧିପାଉଥିବାରୁ ଦେଶଗୁଡ଼ିକ ସଂରକ୍ଷଣବାଦୀ ତଥା ଜାତୀୟତାବାଦୀ ଅର୍ଥନୈତିକ ନୀତିକୁ ଅଧିକରୁ ଅଧିକ ଗ୍ରହଣ କରୁଛନ୍ତି। ବିଖଣ୍ଡିତ ଅର୍ଥନୀତି ଏବଂ ପ୍ରତିଦ୍ୱନ୍ଦ୍ୱୀ ବାଣିଜ୍ୟ ଗୋଷ୍ଠୀଗୁଡ଼ିକ ମୁଣ୍ଡ ଟେକୁଛନ୍ତି। ଏହି ଧାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶରେ ବାଧା ଦେଉନାହିଁ ବରଂ ଏହା ଶାନ୍ତି ପ୍ରତି ବିପଦ ସୃଷ୍ଟି କରିପାରେ। ସ୍ମରଣଯୋଗ୍ୟ, ୧୯୩୦ ଦଶକରେ ଏଭଳି ସମାନ ସ୍ଥିତି ଉପୁଜିଥିଲା। ସେତେବେଳେ ବହୁରାଷ୍ଟ୍ରୀୟ ବାଣିଜ୍ୟିକ ସ୍ଥିତି ଭୂରାଜନୈତିକ ଗୋଷ୍ଠୀ ଭିତ୍ତିକ ବାଣିଜ୍ୟ ଆଡ଼କୁ ପରିବର୍ତ୍ତନ ହେବା ଦ୍ୱାରା ତିକ୍ତତା ବୃଦ୍ଧି ପାଇଥିଲା, ଯାହା ଶେଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ହୋଇଥିଲା।

ତାଇୱାନ ବିରୋଧରେ ଚାଇନାର ଆକ୍ରୋଶ ବିଶେଷ ଭାବେ ତୀବ୍ର ହେବା ଦେଖାଯାଉଛି। ନିକଟରେ ତାଇୱାନ ରାଷ୍ଟ୍ରପତି ନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନରେ ସାର୍ବଭୌମ ସମର୍ଥକ ଲାଇ ଚିଙ୍ଗ୍-ଟିଙ୍ଗ୍ ବିଜୟ, ବିଶ୍ୱରେ ବଢୁଥିବା ଅଶାନ୍ତି ଏବଂ ଚାଇନାର ମାନ୍ଦା ଅର୍ଥ ବ୍ୟବସ୍ଥା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ତାଇୱାନ ଏକୀକରଣକୁ ଶୀଘ୍ର ବନ୍ଦ କରିବାକୁ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଲକ୍ଷ୍ୟକଲେ ଜାଣିପାରିବେ ଯେ, ଏକ ପ୍ରମୁଖ ତଥା ଭିନ୍ନ ଭୂରାଜନୈତିକ ପୁନଃ ସଂରଚନା ଚାଲିଛି। କିନ୍ତୁ ପରିଣାମ ହିଁ ଆଗାମୀ ବର୍ଷରେ ବିକାଶ ଉପରେ ଅଧିକ ନିର୍ଭର କରିବ।

**ପ୍ରାଧ୍ୟାପକ, ଷ୍ଟ୍ରାଟେଜିକ୍ ଷ୍ଟଡିଜ,**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

## ମାଇକ୍ରୋ ପ୍ଲାଷ୍ଟିକ



ଅଭିମନ୍ୟୁ ଧଳ

ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ବଢ଼ିଚାଲିଛି। ଫଳରେ ପୁନଃ ଚକ୍ରଣ ହୋଇପାରୁ ନ ଥିବା ପ୍ଲାଷ୍ଟିକ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଜମାହୋଇ ମାଇକ୍ରୋ ବା ଅତିକ୍ଷୁଦ୍ର ପ୍ଲାଷ୍ଟିକରେ ପରିଣତ ହେଉଛି। ଏହି ଅତିକ୍ଷୁଦ୍ର କଣିକା ସ୍ଥଳଭାଗରୁ ଜଳଭାଗ ବା ବାୟୁ ମଣ୍ଡଳରେ ଘୂରି ବୁଲୁଛି। ମନୁଷ୍ୟ ଶ୍ୱାସକ୍ରିୟାରେ ଏହା ଶରୀରରେ ଜମା ହେଉଛି ବୋଲି ବୈଜ୍ଞାନିକମାନେ ସତର୍କ କରିଦେଇଛନ୍ତି। ଜର୍ମାନ ଫିଜିକ୍ସ ଅଫ ଫ୍ଲୁଇରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ମାଇକ୍ରୋ ପ୍ଲାଷ୍ଟିକ ମଣିଷ ଶରୀରରେ ପ୍ରଭୂତ କ୍ଷତି ଘଟାଇବାକୁ ସକ୍ଷମ। ଶରୀରରେ କୋଷିକା ନଷ୍ଟ କରିବା ସହ ଅଙ୍ଗ ପ୍ରତ୍ୟଙ୍ଗରେ ଏହାର କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ। ମାଇକ୍ରୋ ପ୍ଲାଷ୍ଟିକ ଜଳରେ ପ୍ରାଣୀମାନଙ୍କ ଜୀବନ ପାଇଁ ବିପଦ ସାଜିଲାଣି। ସାଗର ଓ ମହାସାଗର ଏବେ ବର୍ଜ୍ୟ ପ୍ଲାଷ୍ଟିକର ଗନ୍ତାଘର। ଅନେକ ମିଲିଅନ ଟନ ପ୍ଲାଷ୍ଟିକ ସମୁଦ୍ରକୁ ବିଷାକ୍ତ କରିଦେଲାଣି। ଏଠାରେ ଜଳଜୀବ ବିଶେଷ କରି ମାଛ ପ୍ଲାଷ୍ଟିକୁ ଖାଦ୍ୟରୂପେ ବ୍ୟବହାର କରୁଥିବାରୁ ତାହା ମଣିଷ ଦେହକୁ ଯାଉଛି। ମାତୃ କ୍ଷୀର ବର୍ତ୍ତମାନ ତା' ଶିଶୁ ପାଇଁ ଅମୃତ ହୋଇ ରହିନାହିଁ, ଏହି ବିଷାକ୍ତ ମାଛ ଭକ୍ଷଣ କରିବାରୁ ମା'ର ବିଷାକ୍ତ କ୍ଷୀର ଶିଶୁ ପାନ କରୁଛି। ଚାଇନା ସର୍ବାଧିକ ପ୍ଲାଷ୍ଟିକ ପ୍ରଦୂଷଣ ବିସ୍ତାର କରୁଛି। ଏହା ପଛକୁ ରହିଛି ଇଣ୍ଡୋନେସିଆ। ଆକଳନ କରାଯାଇଛି ଯେ ୨୦୫୦ ସୁଦ୍ଧା ସମୁଦ୍ରରେ ପହଞ୍ଚୁଥିବା ପ୍ଲାଷ୍ଟିକର ଓଜନ ମାଛଙ୍କର ମୋଟ ଓଜନଠାରୁ ଅଧିକ ହୋଇଯିବ।

ଆମ ଦେଶରେ ଦୈନିକ ୨୫ ହଜାର ଟନ୍ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ ହେଉଛି। ଏହାର ୪୦ ପ୍ରତିଶତ ଅସଂଗୃହୀତ ଭାବେ ରହିଯାଉଛି। ଯାହା ସଂଗୃହୀତ ହୋଇପାରୁନାହିଁ ତାହା ମାଟି, ଜଳ ଭିତରେ ବର୍ଷ ବର୍ଷ ଧରି ଅକ୍ଷତ ଅବସ୍ଥାରେ ରହୁଛି। ଉଭୟ ମାଟି ଓ ଜଳକୁ ଦୂଷିତ କରୁଛି। ଉଦ୍‌ବୃତ୍ତ ବର୍ଷାଜଳ ମାଟି ଭିତରକୁ ଯାଇ ନ ପାରିବା ମୁଖ୍ୟ ବାଧକ ସାଜିଛି। ଆମ ରାଜ୍ୟ ମଧ୍ୟ ବର୍ଜ୍ୟ ପ୍ଲାଷ୍ଟିକରେ ଉବୁଟୁବୁ। ୨୦୨୧ ସେପ୍ଟେମ୍ବର ୩୦ରେ ରାଜ୍ୟରେ ପ୍ଲାଷ୍ଟିକ ବ୍ୟାଗ, ଉତ୍ପାଦନ, ଆମଦାନୀ, ମହଜୁଦ, ଆବଣ୍ଟନ, ବିକ୍ରି ଓ ବ୍ୟବସାୟକୁ ନିଷିଦ୍ଧ କରିଛନ୍ତି। ମଝିରେ ମଝିରେ ଚଢ଼ାଉ କରାଯାଇ ଥରେ ବ୍ୟବହୃତ ପ୍ଲାଷ୍ଟିକ ଜବତ କରାଯାଉଛି। କିନ୍ତୁ ଲୋକେ ପ୍ଲାଷ୍ଟିକ ଜରିରେ ପରିବା ତଥା ଅନ୍ୟାନ୍ୟ ସାମଗ୍ରୀ ଆଣୁଛନ୍ତି। ବର୍ଜ୍ୟ ପ୍ଲାଷ୍ଟିକର ଭୟାବହତାକୁ ଦୃଷ୍ଟିରେ ରଖି ଗତ ୫ ବର୍ଷ ହେଲା ଦେଶର ୨୦ରୁ ଊର୍ଦ୍ଧ୍ୱ ରାଜ୍ୟ ପ୍ଲାଷ୍ଟିକ ଉପରେ କଟକଣା ଲଗାଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳିନି। ଅସରନ୍ତି ଭଣ୍ଡାର ପରି ଏହାର ଉପସ୍ଥିତି ଦୃଶ୍ୟମାନ। ଆମ ରାଜ୍ୟରେ ଏହି ସିଙ୍ଗିଲ ୟୁଜ ପଲିଥିନ କାରଖାନା ଭୟଶୂନ୍ୟ ଭାବରେ ସେମାନଙ୍କ ବେପାର କରିଚାଲିଛନ୍ତି। ଏହା କାହାକୁ ଅଛପା ଅଛି। ହଜାର ହଜାର ଦୋକାନ ବୁଲି ପଲିଥିନ ଜବତ କରିବା ଅପେକ୍ଷା ହାତଗଣତି କେତୋଟି ଫ୍ୟାକ୍ଟ୍ରି ଉପରେ ସତର୍କ ନଜର ରଖିଲେ ବଜାରରେ ଏହା ଦେଖାଯାଆନ୍ତା ନାହିଁ।

୧୯୩୩ରେ ପ୍ଲାଷ୍ଟିକ ସୃଷ୍ଟି ହୋଇଥିଲା। ଏରିକ୍ ଫସେଟ ଏବଂ ରେଜିନାଲ୍ଡ ଗିବ୍ସନ ଦୁଇ ବ୍ରିଟିଶ ବୈଜ୍ଞାନିକ ଏହା ଉପରେ ଗବେଷଣା କରି ସଫଳ ହୋଇଥିଲେ, ଯାହା ମଣିଷ ସମାଜ ପାଇଁ ଆଶୀର୍ବାଦ ଥିଲା। ବିଶ୍ୱର ଲୋକେ ସେ ସମୟକୁ 'ପ୍ଲାଷ୍ଟିକ ଯୁଗ'ର ଆଖ୍ୟା ଦେଇଥିଲେ। କିନ୍ତୁ ତାହା ଆଜି ସମଗ୍ର ମାନବ ସମାଜ ପାଇଁ ଅଭିଶାପରେ ପରିଣତ ହୋଇଛି। ପ୍ଲାଷ୍ଟିକକୁ ନଷ୍ଟ କରିଦେଲା ଭଳି ଏନ୍‌ଜାଇମ ବିକଶିତ କରୁଛନ୍ତି ଆମେରିକା ଓ ବ୍ରିଟେନର ବୈଜ୍ଞାନିକମାନେ। ମିଲଓ୍ୱାର୍ମ ଲାର୍ଭା, ପ୍ଲାଷ୍ଟିକ ବିନାଶକ ବୋଲି ସେମାନେ କହିଛନ୍ତି। ଗୋଟିଏ ମିଲଓ୍ୱାର୍ମ ଲାର୍ଭା ଥରକୁ ପ୍ରାୟ ୪୦ ମିଲିଗ୍ରାମ ପ୍ଲାଷ୍ଟିକ ଖାଇ ୨୪ ଘଣ୍ଟାରେ ହଜମ କରିପାରେ। ତେଣୁ କୋଟି କୋଟି ମିଲଓ୍ୱାର୍ମ ଲାର୍ଭା କୃତ୍ରିମ ଉପାୟରେ ସୃଷ୍ଟି କରି ପ୍ଲାଷ୍ଟିକ ନଷ୍ଟ ଉଦ୍ୟମ ଚାଲିଛି। ତାହା ସମୟ ଓ ବ୍ୟୟ ସାପେକ୍ଷ।

ବର୍ତ୍ତମାନଠାରୁ ପ୍ଲାଷ୍ଟିକ୍ ବ୍ୟବହାର ନିଷିଦ୍ଧ କରାଗଲେ ସ୍ଥଳ ଓ ଜଳଭାଗରେ ଥିବା ଅନେକ ମିଲିଅନ ଟନ୍ ବର୍ଜ୍ୟ ପ୍ଲାଷ୍ଟିକ ନଷ୍ଟ କରିବା ପାଇଁ ବର୍ଷ ବର୍ଷ ଲାଗିଯିବ। ଜଳବାୟୁର ପ୍ରଦୂଷଣର ମୁଖ୍ୟ କାରଣ ସାଜିଛି ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ। ଏସବୁ ସତ୍ତ୍ୱେ ମଣିଷ ଦ୍ୱାରା ସବୁ ସମ୍ଭବ। ପ୍ଲାଷ୍ଟିକର ଭୟାବହତା ଉପଲବ୍ଧି କରି ଏହାର ବ୍ୟବହାର ବନ୍ଦ କରିଦେଲେ, ସଂକଟ ମଧ୍ୟକୁ ଚାଲିଯାଉଥିବା ଆମ ଧରଣୀ ଓ ଆମ ଜୀବନ ବଞ୍ଚିଯାଇପାରନ୍ତା। ସଚେତନତା ଏହାର ଏକମାତ୍ର ନିରାକରଣ।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ: ୯୮୬୧୦୪୮୦୫୨**

## ଏଇ ଭାରତରେ

ଭାରତରେ ଶିଶୁ ଅପପୁଷ୍ଟିକୁ ନେଇ ସବୁବେଳେ ଆଲୋଚନା ହୁଏ। ଏହାକୁ ଦୂର କରିବା ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ମଧ୍ୟ ଅନେକ ଯୋଜନା ଲାଗୁ କରାଯାଇଛି। ତଥାପି ଶିଶୁ ଅପପୁଷ୍ଟି ଦୂର କରିବାରେ ଅଶାନୁରୂପ ସଫଳତା ମିଳିପାରୁନାହିଁ। ତେବେ ଏ କ୍ଷେତ୍ରରେ ଆଇଏଏସ୍ ଅଧିକାରୀ ଶୁଭମ୍ ଗୁପ୍ତା ନେଉଥିବା ପଦକ୍ଷେପ ନିଶ୍ଚୟ ଉତ୍ସାହପ୍ରଦ। ଶୁଭମ୍ ଇଟାପଲ୍ଲୀର ଆସିଷ୍ଟାଣ୍ଟ କଲେକ୍ଟର ଅଛନ୍ତି। ସେ ମହାରାଷ୍ଟ୍ରର ଟୋଡ୍‌ସା ଆଶ୍ରମ ସ୍କୁଲର ପିଲାଙ୍କ ଅପପୁଷ୍ଟି ଦେଖି ତାହାକୁ ଦୂର କରିବା ଲାଗି ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାର ସାହାଯ୍ୟ ନେଉଛନ୍ତି। ଏହି ସ୍କୁଲରେ ୨୨୨ ଝିଅଙ୍କ ମଧ୍ୟରେ ୬୧ ଜଣ ଅପପୁଷ୍ଟିର ଶିକାର ହୋଇଥିବା ଜଣାପଡ଼ିବା ପରେ ସେଠାରେ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ପରଖିବା ଲାଗି ଏଆଇ ମେଶିନ ଲଗାଇଛନ୍ତି। ପିଲାମାନେ ଖାଦ୍ୟଥାଳି ଧରି ଏଆଇ ମେଶିନ ଆଗରେ ଠିଆ ହେଉଛନ୍ତି ଓ ଖାଦ୍ୟର ମାନ ଜଣାପଡୁଛି। ଶୁଭମ୍ ଏହି ମେଶିନକୁ ଅକ୍ଟୋବର ୨୦୨୨ରେ ଲଗାଇଥିଲେ। ଏହି ଉପାୟ ଅବଲମ୍ବନ କରାଯିବା ପରେ ବର୍ତ୍ତମାନ ଅପପୁଷ୍ଟିର ଶିକାର ହୋଇଥିବା ପିଲାଙ୍କ ସଂଖ୍ୟା ୬୧ରୁ ୨୦କୁ ଖସିଆସିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୮ ଜାନୁଆରୀ ୧୯୭୫**

- ରାଉରକେଲାରେ ପାଇପ୍ କାରଖାନା ନିର୍ମାଣ ପାଇଁ ରାଉରକେଲା ଇସ୍ପାତ କାରଖାନା ଏବଂ 'ହୋସ୍କ' ନାମକ ଏକ ଜର୍ମାନ କମ୍ପାନୀ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ପଞ୍ଜାବ ବିଧାନସଭାରେ ବିରୋଧୀ ପକ୍ଷରୁ ଆଗତ ଥେନବନ୍ଧ ସମ୍ପର୍କୀୟ ସ୍ୱାଧୀକାର ଭଙ୍ଗ ଅଭିଯୋଗ ଅଗ୍ରାହ୍ୟ।
- ଆନ୍ତର୍ଜାତିକ ଅର୍ଥପାଣ୍ଠିରୁ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ କ୍ଷତିଗ୍ରସ୍ତ ବିକାଶୋନ୍ମୁଖୀ ଦେଶଗୁଡ଼ିକୁ କମ୍ ସୁଧରେ ଋଣ ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 9 | 6 |
| 6 | 9 | | | | | | | |
| 1 | | | 8 | | | | 3 | |
| 5 | 8 | | | | 2 | | | |
| | | 7 | 3 | 8 | | | | |
| | | | 9 | 1 | | | | 3 |
| | | | | | | | | |
| | | | | | 6 | | | 4 |
| | | 8 | | 3 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 4 | 2 | 8 | 7 | 9 | 1 |
| 9 | 1 | 2 | 3 | 7 | 5 | 4 | 8 | 6 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 7 | 3 | 2 | 5 | 6 | 8 | 4 | 9 |
| 2 | 5 | 9 | 7 | 8 | 4 | 6 | 1 | 3 |
| 8 | 6 | 4 | 1 | 3 | 9 | 2 | 5 | 7 |
| 6 | 2 | 1 | 5 | 4 | 7 | 9 | 3 | 8 |
| 4 | 8 | 5 | 9 | 6 | 3 | 1 | 7 | 2 |
| 3 | 9 | 7 | 8 | 1 | 2 | 5 | 6 | 4 |

ଗତକାଲିର ଉତ୍ତର

# ମାଣ୍ଡିଆର ପଦୋନ୍ନତି



ଡ. ମନୋରଞ୍ଜନ ପ୍ରଧାନ

ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ ଉପାଦେୟ ଖାଦ୍ୟଶସ୍ୟ ମାଣ୍ଡିଆକୁ ପଦୋନ୍ନତି ମିଳିଛି। ସରକାରୀ ସ୍ତରରେ ମିଲେଟ ମିଶନର ସଫଳ ରୂପାୟନ ହେତୁ ମାଣ୍ଡିଆ ଅତ୍ୟନ୍ତ ଉପାଦେୟ ଖାଦ୍ୟଶସ୍ୟ ପରିଚୟ ପାଇଛି। ଫଳତଃ ଏହାର ଆଦର ଓ ଚାହିଦା ବଢ଼ିବାରେ ଲାଗିଛି। ଏପରି କି ବିଶିଷ୍ଟ ଡାକ୍ତର, ଚିକିତ୍ସା ବିଜ୍ଞାନୀ ତଥା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କର ମାଣ୍ଡିଆର ଔଷଧୀୟ ଗୁଣ ଓ ଉତ୍କୃଷ୍ଟ ଖାଦ୍ୟ ଉତ୍ସ ସମ୍ବନ୍ଧରେ ଆଲୋଚନା ଓ ପରାମର୍ଶ ବିଶେଷକରି ଶିକ୍ଷିତବର୍ଗଙ୍କୁ ପ୍ରଭାବିତ କରିଛି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ମାଣ୍ଡିଆ ଏକ ସୁପାଚ୍ୟ ଓ ସୁଷମ ଖାଦ୍ୟ। ଏହା ଅମ୍ଳପିତ୍ତ( ଏସିଡିଟି) ପାଇଁ ଅବ୍ୟର୍ଥ ଔଷଧ ଓ ଶରୀରକୁ କ୍ୟାଲ୍‌ସିୟମ ଯୋଗାଇଥାଏ। ସଂକ୍ଷେପରେ ଏହା ଏକ ନୀରୋଗ ଖାଦ୍ୟଶସ୍ୟ। ଆଜିକାଲି ହାଇଫାଇ ମଲଗୁଡ଼ିକରେ ମାଣ୍ଡିଆ ବିକ୍ରି ହେବା ଏକ ସୁଖଦ ଅନୁଭୂତି। କାରଣ ଦିନ ଥିଲା ଗ୍ରାମାଞ୍ଚଳରେ ମାଣ୍ଡିଆ କିଣିଲାବେଳେ ଲୋକେ ଲାଜ କରୁଥିଲେ। କେବଳ ସେତିକି ନୁହେଁ, ଆଜିକାଲି ମାଣ୍ଡିଆ ତିଆରି ଖାଦ୍ୟ ସାମଗ୍ରୀର ହୋଟେଲ ଓ ରେଷ୍ଟୁରାଣ୍ଟ ତିଆରି ହେଲାଣି; ଯେଉଁଠି ମାଣ୍ଡିଆ ତିଆରି ଇଡ୍‌ଲି, ବରା, ପୁରି, ଏପରି କି ବିଭିନ୍ନ ସୁସ୍ୱାଦୁ ମିଠା ମଧ୍ୟ ବିକ୍ରି ହେଲାଣି। ସତ କହିବାକୁ ଗଲେ ଅଭାବୀ, ଗରିବ, ମଳି ମୁଣ୍ଡିଆ ତଥା ଗାଁଉଲୀଙ୍କ ଖାଦ୍ୟ ଭାବରେ ପରିଚିତ ଖାଦ୍ୟଶସ୍ୟ ମାଣ୍ଡିଆ ବଡ଼ବଡ଼ିଆ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ଖାଦ୍ୟ ଥାଳିରେ ସ୍ଥାନ ପାଇ ତା'ର ପଦୋନ୍ନତି ହୋଇଛି ବୋଲି ଏ ଲେଖକର ବ୍ୟକ୍ତିଗତ ମତ। ଏଠାରେ ଏକ ବାସ୍ତବ ଉଦାହରଣ ଉପସ୍ଥାପନ କରୁଛି।

ମୋ ଭଳି ଅନେକଙ୍କ ଏ ଅନୁଭବ ଥିବ, ଯେଉଁମାନେ ଗାଁରେ ବିଶେଷକରି ଗରିବ ଘରେ ଜନ୍ମ ନେଇଥିବେ। ମନେପଡୁଛି ପିଲାବେଳ କଥା। ଚାଷଜମିରୁ ପ୍ରବଳ ମାଣ୍ଡିଆ ଉତ୍ପାଦନ ହୁଏ। ମାଣ୍ଡିଆର ଅଭାବୀ ବିକ୍ରି ଥାଏ। ସେତେବେଳରୁ ଗ୍ରାମାଞ୍ଚଳରେ ରହୁଥିବା ସିଂହଭାଗ ଗରିବଗୁରୁବାଙ୍କ ପ୍ରମୁଖ ଖାଦ୍ୟ ଥିଲା ମାଣ୍ଡିଆ ଜାଉ । ପ୍ରତିଦିନ ଭାତ ମୁଠାଏ ପାଇବା ସମସ୍ତଙ୍କ ଭାଗ୍ୟରେ ନ ଥିଲା। ସକାଳେ ଓ ମଧ୍ୟାହ୍ନରେ ମାଣ୍ଡିଆ ଜାଉ ଖାଇବା ଏକ ପ୍ରକାର ସ୍ଥାୟୀ ମେନ୍ୟୁ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ରାତିରେ ଭାତ କିମ୍ବା ମାଣ୍ଡିଆ ତିଆରି ଚକୁଳି, ତୁଲକା, କାକରା ବା ତମ୍ପା (ମାଣ୍ଡିଆ ଜନ୍ତୁଣି) ଆଦି ଖାଦ୍ୟ ଖାଇବାକୁ ମିଳୁଥିଲା। ଏପରି କି ଚାଷଜମିକୁ ଚାଷକାର୍ଯ୍ୟ ବା ଜଳସେଚନ ପାଇଁ ଗଲାବେଳେ ଜାଉ ତୋରାଣି ନେଇ ଯାଉଥିଲେ। ମଜା କଥା ହେଉଛି ଘରର ମାଆବାପାଙ୍କ ନିର୍ଦ୍ଦେଶ ଥାଏ କି ଯଦି କେହି ବାହାର ଲୋକ କ'ଣ ଖାଇଲୁ ବୋଲି ପଚାରନ୍ତି ମାଣ୍ଡିଆ ବଦଳରେ ଭାତ ଖାଇବାକୁ କହିବା ପାଇଁ। କାରଣ ସେତେବେଳେ ମାଣ୍ଡିଆ ଏକ ପ୍ରକାର ଗରିବ ଅବହେଳିତ ଲୋକଙ୍କ ଖାଦ୍ୟ ଥିଲା। ତେଣୁ ମାଆବାପାମାନେ ଅନ୍ୟମାନଙ୍କ ଟାହିଟାପରା ବା ସମାଲୋଚନାରୁ ବର୍ତ୍ତିବାକୁ ଏଭଳି କହିବାକୁ ପରାମର୍ଶ ଦେଉଥିଲେ। ଅବଶ୍ୟ ଏକଥା ଅନୁଭବୀ ହିଁ କହିପାରିବ ବା



ବିଶ୍ୱାସ କରିପାରିବେ। ଗ୍ରାମାଞ୍ଚଳରେ ମାଣ୍ଡିଆ ପ୍ରତି ନକାରାତ୍ମକ ମନୋବୃତ୍ତି ଆଜି ମଧ୍ୟ ରହିଛି। ଏକ ଉଦାହରଣ ଉପସ୍ଥାପନ କରୁଛି।

କିଛିଦିନ ପୂର୍ବେ ଜଣେ ଆଦିବାସୀ ମହିଳା ଚାଷଜମିରୁ ଉତ୍ପାଦିତ ପନିପରିବା ନେଇ ଆସିଥିଲେ। ବୋଉ ତାଙ୍କ ସହ ଭଲ ମନ୍ଦ ଆଲୋଚନା ପରେ ଆମ ପାଇଁ ମାଣ୍ଡିଆ ଆଣି ଦେବାକୁ ବରାଦ ଦେଲେ। ଦୁଇ ଚାରି ଦିନ ପରେ ମହିଳା ଜଣକ କୋଡ଼ିଏ କେ.ଜି. ମାଣ୍ଡିଆ ଆଣିଦେଲେ। ମାଣ୍ଡିଆର ପାଉଣା ଦେଲା ବେଳେ ଚିରାଚରିତ ଭାବେ ମହିଳା ଜଣକୁ ତାଙ୍କ ପରିବାର ସମ୍ବନ୍ଧରେ ପଚାରିଲି। ଚାରି ପୁଅ ସହ ଗୋଟିଏ ଝିଅ ଅଛନ୍ତି ଏବଂ ଦୁଇ ପୁଅ ସହ ଝିଅ ମଧ୍ୟ କଲେଜରେ ପଢୁଥିବା କଥା କହିଲେ। ଅଭାବ ଅସୁବିଧା ସତ୍ତ୍ୱେ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରେଇବା ପାଇଁ ତାଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ ଆବଶ୍ୟକୀୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇ କୌତୂହଳରେ ପଚାରିଲି, ତୁମ ପିଲାମାନେ ମାଣ୍ଡିଆ ତିଆରି ଖାଦ୍ୟ ଖାଉଛନ୍ତି କି ନାହିଁ? ମହିଳା ଜଣକ କହିଲେ, ଆମେ ଖାଇବା ପାଇଁ ହିଁ ମାଣ୍ଡିଆ ଚାଷ ଅଳ୍ପଜମିରେ କରିଥିଲୁ। ହେଲେ ପିଲାମାନେ ମାଣ୍ଡିଆ ଖାଇବାକୁ ମନା କରିଦେଲେ। ତେଣୁ ଆମ ସ୍ୱାମୀ ସ୍ତ୍ରୀ ଖାଇବା ପାଇଁ କିଛି ରଖି ତମକୁ ବିକି ଦେଲି। ତା' ପରେ ପଚାରିଲି ପିଲାମାନେ କାହିଁକି ମାଣ୍ଡିଆ ପସନ୍ଦ କରୁନାହାନ୍ତି? ସେ କହିଲେ ଗାଁରେ ମ୍ୟାଗି, ଚାଓମିନ ଦୋକାନ ହେଲା ଦିନଠୁ ପିଲା ମାଣ୍ଡିଆ ଖାଇବାକୁ ମନା କରୁଛନ୍ତି। ଦୁଃଖର କଥା ମାଣ୍ଡିଆ ପେଯ ପିଇ ଦିନ ସାରା ଅକ୍ଳାନ୍ତ ପରିଶ୍ରମ କରିପାରିବାର ସାମର୍ଥ୍ୟ ରଖିପାରୁଥିବା ଆଦିବାସୀ ଚାଷୀର ପୁଅଝିଅମାନେ ପୁଷ୍ଟିଶସ୍ୟ ମାଣ୍ଡିଆକୁ ହତାଦର କରି ମଇଦା ତିଆରି ଚାଓମିନ, ମ୍ୟାଗି ଭଳି ଶରୀର ଅହିତକାରୀ ଚଟ୍‌ପଟି ଖାଦ୍ୟର ଅନ୍ଧ ଉପଭୋକ୍ତା। ବାସ୍ତବରେ ଏହା କେବଳ ସେ ଆଦିବାସୀ ମହିଳାଙ୍କ ଗାଁର ଚିତ୍ର ନୁହେଁ, ସମଗ୍ର ଦେଶର ଗାଁର ଚିତ୍ର। ମୋ ନିଜ ଗାଁରେ ମଧ୍ୟ ଫାଷ୍ଟଫୁଡ ଦୋକାନରେ ପ୍ରବଳ ଭିଡ଼। ଅର୍ଥାତ୍ ମାଣ୍ଡିଆ ଭଳି ଶରୀର ପାଇଁ ଅତି ଉପାଦେୟ ଖାଦ୍ୟଶସ୍ୟ, ଯାହା ଗ୍ରାମରେ ବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ମୁଖ୍ୟ ଖାଦ୍ୟ ଥିଲା ତାହା ଆଜି ଆଧୁନିକ ପିଲା ଓ ଯୁବପିଢ଼ି ପାଇଁ ଅଲୋଡ଼ା କିନ୍ତୁ ସହରୀ ଉଚ୍ଚ ଶିକ୍ଷିତମାନଙ୍କ ପାଇଁ ଅତିପ୍ରିୟ ହେବାରେ ଲାଗିଛି।

ସୌଭାଗ୍ୟର ବିଷୟ ସରକାରଙ୍କ ପ୍ରୋତ୍ସାହନରେ ମାଣ୍ଡିଆ ମିଶନ ଜରିଆରେ ମାଣ୍ଡିଆର ଔଷଧୀୟ ଗୁଣ ଓ ଉପାଦେୟତା ସମ୍ପର୍କରେ ଜନସଚେତନତା ପାଇଁ ଚେଷ୍ଟା କରାଯାଉଛି। ମାଣ୍ଡିଆ ଭଳି ଖାଦ୍ୟଶସ୍ୟ ଉପଯୋଗ କରି ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଥିବା ଉଦ୍ୟୋଗୀ ଓ ଉଦ୍ୟୋଗ ଗୁଡ଼ିକୁ ପ୍ରୋତ୍ସାହନ ଦେବା ସହ ପୁରସ୍କୃତ କରାଯାଉଛି। ଆଶାକରେ ଏହି ପ୍ରୋତ୍ସାହନ ଆହୁରି ବ୍ୟାପକ ହେଉ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଯାଏ ସମସ୍ତେ ମାଣ୍ଡିଆ ଭଳି ଖାଦ୍ୟଶସ୍ୟଗୁଡ଼ିକର ଭରପୂର ଉପଯୋଗ କରନ୍ତୁ। କାରଣ ମାଣ୍ଡିଆର ପଦୋନ୍ନତି ଉଭୟ ଚାଷୀ ଓ ଉପଭୋକ୍ତା ସମସ୍ତଙ୍କୁ ନିରାମୟ ଜୀବନଯାପନର ବରଦାନ ହେବ।

**ସହକାରୀ ପ୍ରଫେସର, ବିକ୍ରମ ଦେବ**
**ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତର କରାଯାଉ

ମହାଶୟ,

ଅନେକ ସ୍କୁଲ ଓ କଲେଜର ରୂପାନ୍ତୀକରଣରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ସ୍କୁଲରେ ଶିକ୍ଷକ ନାହାନ୍ତି କି କଲେଜରେ ଅଧ୍ୟାପକ ନାହାନ୍ତି । ଦୁଃଖର ବିଷୟ , ଯେଉଁ ତୃଣମୂଳରୁ ବିଦ୍ୟାର୍ଥୀମାନେ ନିଜକୁ ଗଢ଼ି ତୋଳିବା ପାଇଁ ପ୍ରାଥମିକ ବିଦ୍ୟାଳୟରେ ନାମଲେଖାନ୍ତି, ସେଗୁଡ଼ିକ ଅବହେଳିତ ଅବସ୍ଥାରେ ରହିଛି। ତା' ପ୍ରତି କେହି ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ । କୋମଳମତି ଶିଶୁମାନେ ସ୍କୁଲ ପରିସରକୁ ପ୍ରବେଶ କଲେ ସେମାନଙ୍କୁ ତାହା ବିଦ୍ୟାଧ୍ୟୟନର ପରିବେଶ ପରି ମନେହୁଏ ନାହିଁ। ଅନେକ ସ୍କୁଲରେ ଛାତ ନାହିଁ, ପାଇଖାନା ନାହିଁ, ବିଦ୍ୟୁତ୍ ସଂଯୋଗ ନାହିଁ, ଆହୁରି ଏମିତି ଅନେକ ଅବ୍ୟବସ୍ଥାକୁ ଅଣଦେଖା କରାଯାଉଛି । ଦିଲ୍ଲୀରେ ପ୍ରାୟ ସବୁ ସରକାରୀ ସ୍କୁଲର ଅବସ୍ଥା ଏତେ ସୁନ୍ଦର ହୋଇଛି ଯେ ଅଭିଭାବକମାନେ ନିଜ ପିଲାଙ୍କୁ ବେସରକାରୀ ସ୍କୁଲରୁ ଆଣି ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି । କିନ୍ତୁ ଆମ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଭଲ ନ ଥିବାରୁ ଅଭିଭାବକମାନେ ବେସରକାରୀ ସ୍କୁଲରେ ପିଲାଙ୍କ ନାମ ଲେଖାଉଛନ୍ତି । ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ମାନ ବଢ଼ାଇଲେ ଲୋକମାନେ ବେସରକାରୀ ସ୍କୁଲକୁ ଅଧିକ ଖର୍ଚ୍ଚାନ୍ତ ହୋଇ ଯାଆନ୍ତେ ନାହିଁ । ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଜନଗଣନା, ରାଶନ କାର୍ଡ, ନିର୍ବାଚନ କାର୍ଯ୍ୟ, ପିଲାଙ୍କ ମଧ୍ୟାହ୍ନଭୋଜନ ଭଳି ଅନେକ କାର୍ଯ୍ୟରେ ନିୟୋଜିତ କରାଯାଏ ; ଯାହା ଫଳରେ ସେମାନେ ପାଠ ପଢ଼ାଇ ପାରନ୍ତି ନାହିଁ। ଏହି ବ୍ୟବସ୍ଥା ବନ୍ଦ ହେବା ଉଚିତ।

**–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମକୁ ଭୁଲେ ଯେବେ ଜୀବନ ସାଧନାରେ
ପରାଣ ଜଳଇ ଯେ ବିଷମ ବେଦନାରେ,
ସକଳ ହତଶିରୀ
ମରମ ପୋଡେ ଚିରି
ଜୀବନ ସାଧନାରେ
ବିଷମ ବେଦନାରେ।

–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅମୃତ ବାରିରେ ଦେବାଶୀର୍ବାଦ

## ଯଜ୍ଞ ସଫଳର ବାର୍ତ୍ତା ଦେଲେ ପଣ୍ଡିତ

ଭୁବନେଶ୍ୱର,୧୭।୧(ଅନିଲ ଦାସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମିଳିଛି ମହାପ୍ରଭୁଙ୍କ ଆଶୀର୍ବାଦ। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓ ମହାଯଜ୍ଞର ପୂର୍ଣ୍ଣାହୁତିର ଠିକ୍ ପୂର୍ବରୁ ପୁରୀ ଆକାଶରୁ ଦେବାଶୀର୍ବାଦ ସ୍ୱରୂପ ଝରିଛି ଅମୃତ ବାରି। ଟୋପାଟୋପା ବର୍ଷା ଭକ୍ତ, ଶ୍ରଦ୍ଧାଳୁ, ପୂଜକ, ସେବାୟତଙ୍କୁ ଦେଇଛି ଅପ୍ରମିତ ଶାନ୍ତି। ଆକାଶରୁ ପୁଷ୍ପ ବୃଷ୍ଟି ଭଳି ଝିପିଝିପି ବର୍ଷା ଶ୍ରୀକ୍ଷେତ୍ର ମାଟିକୁ ଭିଜାଇଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଏହା ଏକ ଶୁଭ ସୂଚନା ଓ ଯଜ୍ଞ ସଫଳ ହୋଇଥିବା କହିଛନ୍ତି ପଣ୍ଡିତଗଣ।

ସାଧାରଣତଃ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ବର୍ଷା ହେଲେ ଶୁଭ ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଆମର ଧାର୍ମିକ ସଂସ୍କୃତିରେ ବର୍ଷା ଆବାହନ କରାଯାଇଥାଏ। ଯଜ୍ଞ ସମୟରେ ବର୍ଷା ହେଲେ ତାହାକୁ ଅତ୍ୟନ୍ତ ଶୁଭ ବୋଲି ଗଣାଯାଇଥାଏ। ପୁରୀରେ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ସମୟରେ ବର୍ଷା ଏହି ପ୍ରକଳ୍ପ ଉପରେ ଦେବତା ଓ ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରଦାନ କରିଛନ୍ତି ବୋଲି ପଣ୍ଡିତମାନେ କହିଛନ୍ତି। ସେହିପରି ଅଙ୍କୁରାରୋପଣ ସମୟରେ ପଞ୍ଚଶସ୍ୟରୁ ମଧ ଅଙ୍କୁରୋଦଗମ୍ ହୋଇଥିବା ଅତି ଶୁଭ ସୂଚନା ଦେଇଛି।

ମଧ୍ୟାହ୍ନର ଖରା, ସାମାନ୍ୟ ବର୍ଷା ଜନିତ ଗୁଳୁଗୁଳି ମଧ୍ୟରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ପରିକ୍ରମାର ପ୍ରଦକ୍ଷିଣ କରିଛନ୍ତି। ଶ୍ରୀମନ୍ଦିର ଚାରିପଟେ ୧ କିଲୋମିଟର ଚାଲିଲେ ମଧ କ୍ଳାନ୍ତି ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଅଫୁରନ୍ତ ଆନନ୍ଦର ଭାବ ଦେଖିବାକୁ ମିଳିଥିଲା।

ମହାପ୍ରଭୁଙ୍କ ଆଶିଷ ଭିକ୍ଷା ସହ ମୁଖ୍ୟମନ୍ତ୍ରୀ ପ୍ରାୟ ୧ କିଲୋମିଟର ଦୈର୍ଘ୍ୟର ପରିକ୍ରମାକୁ ଚାଲିଚାଲି ଚତୁଃପାର୍ଶ୍ୱ ବୁଲିଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଅରୁଣ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ଆଶିଷ ଭିକ୍ଷାକରି ପରିକ୍ରମା ନିମନ୍ତେ ବାହାରିଥିଲେ। ନାମ ସଂକୀର୍ତ୍ତନ ଦଳ, ସାଧୁସନ୍ଥ, ନିମନ୍ତ୍ରିତ ବିଶିଷ୍ଟ ବ୍ୟକ୍ତି ଏବଂ ଗଜପତି ମହାରାଜାଙ୍କ ସହିତ ମୁଖ୍ୟମନ୍ତ୍ରୀ ଚାଲି ଚାଲି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିଥିଲେ। ଗଜପତି ମହାରାଜା ଏବଂ '୫-ଟି' ଅଧ୍ୟକ୍ଷ ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଟିକିନିଖି ବୁଝାଇଥିଲେ। ଭକ୍ତଙ୍କ ସୁବିଧା ପାଇଁ ପ୍ରକଳ୍ପ ମଧ୍ୟରେ କେଉଁଠି କ'ଣ କରାଯାଇଛି ସେସବୁକୁ ଦେଖାଇ ଦେଇଥିଲେ। ପରିକ୍ରମା ମାର୍ଗ ପ୍ରଦକ୍ଷିଣ ସମୟରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ହାତଯୋଡ଼ି ନମସ୍କାର କରୁଥିଲେ ମୁଖ୍ୟମନ୍ତ୍ରୀ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ପାଇଁ ଦିନେ ଏମିତି ସୁବିଧା ହେବ କେବେ କଳ୍ପନା କରିପାରି ନ ଥିବା ଭକ୍ତମାନେ ହରିବୋଲ, ହୁଳହୁଳି ପକାଇ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଉଥିଲେ। ନାମ, ସଂକୀର୍ତ୍ତନରେ ଫାଟି ପଡୁଥିଲା ବଡ଼ଦେଉଳ ଚତୁଃପାର୍ଶ୍ୱ। ପ୍ରାୟ ୧ କିଲୋମିଟର ଚାଲିଚାଲି ପରିକ୍ରମା ପ୍ରଦକ୍ଷିଣ କରିବା ପରେ ମଧ ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ନ ଥିଲା କ୍ଳାନ୍ତିର ଛାପ। ଅତ୍ୟନ୍ତ ଆନନ୍ଦିତ ମନରେ ସେ ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରିଥିଲେ। ପରିଣତ ବୟସରେ ମଧ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଅଦମ୍ୟ ଇଚ୍ଛାଶକ୍ତିକୁ ଦେଖି ସମବେତ ଶ୍ରଦ୍ଧାଳୁ ତାଜୁବ୍ ହୋଇଯାଉଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମୁଖ୍ୟ ବିନ୍ଧାଣି କାର୍ତ୍ତିକ ପାଣ୍ଡିଆନ। ଭୋର୍ ଚାରିଟାରେ ପୁରୀରେ ୪ ବର୍ଷରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସମୀକ୍ଷା କରିଛନ୍ତି।

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରୀକ୍ଷେତ୍ରକୁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ଏଥିପାଇଁ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା ଓ ଆଶୀର୍ବାଦ ଅଜାଡ଼ି ଦେଉଛନ୍ତି। ସେହିପରି ପ୍ରକଳ୍ପର ଶ୍ରେୟ '୫-ଟି' ଅଧ୍ୟକ୍ଷ ପାଣ୍ଡିଆନଙ୍କୁ ପ୍ରଦାନ କରିଛନ୍ତି। ୨୦୧୯ରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ୨୦୧୭ରୁ ବାସ୍ତବରେ ଏହାର ପରିକଳ୍ପନା ହୋଇଥିଲା। ଏକଦା ପୁରୀ ଗସ୍ତରୁ ଫେରିବା ସମୟରେ ମୁଖ୍ୟମନ୍ତ୍ରୀ ପାଣ୍ଡିଆନଙ୍କ ସହ ଶ୍ରୀକ୍ଷେତ୍ରର ବିକାଶ ନିମନ୍ତେ ଆଲୋଚନା କରିଥିଲେ ଏବଂ ସେହିଠାରୁହିଁ ହୋଇଥିଲା ପରିକ୍ରମାର ପରିକଳ୍ପନା। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ପାଣ୍ଡିଆନ ଦିନରାତି ଏକ କରିଦେଇଥିଲେ। ପରିକ୍ରମା ପରିକଳ୍ପନାଠାରୁ ଆରମ୍ଭକରି ଏହାର ନକ୍ସା ପ୍ରସ୍ତୁତି, ଏଥିପାଇଁ ଅର୍ଥ ବରାଦ, କାର୍ଯ୍ୟାନ୍ୱୟନ ପ୍ରତ୍ୟେକ କ୍ଷେତ୍ରରେ ପାଣ୍ଡିଆନ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଥିଲେ।



ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବରିଷ୍ଠ ଅଧିକାରୀଗଣ ଓ ଅତିଥିମାନେ।

- ପୁରୀ ମାଟିକୁ ଭିଜାଇଲା ବର୍ଷାବିନ୍ଦୁ
- ଶ୍ରୀମନ୍ଦିର ଚାରିପଟେ ୧ କି.ମି. ଚାଲିଲେ ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଅଫୁରନ୍ତ ଆନନ୍ଦର ଭାବ
- ପ୍ରକଳ୍ପର ମୁଖ୍ୟ ବିନ୍ଧାଣି କାର୍ତ୍ତିକ ପାଣ୍ଡିଆନ

୨୦୧୯ରୁ ପରିକ୍ରମା ପ୍ରକଳ୍ପ ଶୁଭ ଦିଆଯିବାଠାରୁ ଲୋକାର୍ପଣ ପର୍ଯ୍ୟନ୍ତ ଗତ ୪ ବର୍ଷରେ ଅନ୍ୟୁନ ୪୦୦ରୁ ଊର୍ଦ୍ଧ୍ୱ ଥର ସେ ପୁରୀରେ ପରିକ୍ରମା ପ୍ରକଳ୍ପର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଭୋର୍ ୪ଟାରେ ପୁରୀରେ ପହଞ୍ଚି କିପରି ପ୍ରକଳ୍ପ କାର୍ଯ୍ୟ ଚାଲିଛି ତାହା ବୁଲି ଦେଖିଛନ୍ତି। ସବୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ତାଙ୍କ ପାଇଁ ଥିଲା ପ୍ରାଥମିକତା। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଓ ମହାପ୍ରଭୁଙ୍କ କାର୍ଯ୍ୟ କରିବା ତାଙ୍କ ପାଇଁ ଯେମିତି ଏକ ନିଶା ପାଲଟି ଯାଇଥିଲା। ଅତୀତରେ ମାଲକାନଗିରି ଓ ଗଞ୍ଜାମରେ ଜନଶୁଣାଣି କରି ସନ୍ଧ୍ୟାରେ ଭୁବନେଶ୍ୱର ଲେଉଟିଥିବା ପାଣ୍ଡିଆନ ରାତି ଅଧରେ ପୁରୀରେ ପହଞ୍ଚି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଅନୁରୂପ ଭାବରେ ନିକଟ ଅତୀତରେ କଳାହାଣ୍ଡି, ସମ୍ବଲପୁରରେ ବିଭିନ୍ନ କାମ ସାରି ସନ୍ଧ୍ୟାରେ ପୁରୀରେ ଯାଇ ପରିକ୍ରମା କାର୍ଯ୍ୟାନ୍ୱୟନ ସମୀକ୍ଷା କରିଥିବା ଦେଖିବାକୁ ମିଳିଛି। ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଧାର୍ଯ୍ୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସହାୟକ ହୋଇଛି। ପାଣ୍ଡିଆନଙ୍କ ଶ୍ରୀସେତୁ, ଶ୍ରୀଦାଣ୍ଡ ଓ ପରିକ୍ରମା ପରିକଳ୍ପନା ଶ୍ରୀକ୍ଷେତ୍ରକୁ ଦେଇଛି ନୂଆ ରୂପ।

# '୧୦ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ ଉଠାଇବାକୁ ଏଫ୍‌ସିଆଇକୁ ନିର୍ଦ୍ଦେଶ ଦିଅ'

## ଗୋୟଲଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୭।୧(ସୁନିତ୍ ମିଶ୍ର)

ଚଳିତ ଖରିଫ ବିପଣନ ଋତୁରେ ଓଡ଼ିଶାରୁ ଅଧିକ ୧୦ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ସଂଗ୍ରହକରିବା ପାଇଁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)କୁ ନିର୍ଦ୍ଦେଶ ଦେବା ଲାଗି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, ଦେଶରେ ଧାନ ଉତ୍ପାଦନ କରିବାରେ ଓଡ଼ିଶା ୪ର୍ଥ ବୃହତ୍ତମ ରାଜ୍ୟ। ଖରିଫ ବିପଣନ ଋତୁ ୨୦୨୩-୨୪ରେ ଧାନ ସଂଗ୍ରହ ଆରମ୍ଭ ହୋଇସାରିଛି। ଚଳିତ ଥର ଓଡ଼ିଶାରେ ଭଲ ଅମଳ ହୋଇଥିବା ଯୋଗୁ ରାଜ୍ୟରୁ ମୋଟ ପ୍ରାୟ ୭୯ ଲକ୍ଷ ମେଟ୍ରିକ ଟନ୍ ଖରିଫ ଚାଉଳ ସଂଗ୍ରହ କରାଯିବା ନେଇ ଆକଳନ କରାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍‌ଏସ୍‌ପି ସାହାଯ୍ୟରେ ଓଡ଼ିଶାର ଲକ୍ଷାଧିକ ଚାଷୀ ଧାନ ସଂଗ୍ରହ ମାଧ୍ୟମରେ ଭଲ ଲାଭ ପାଇବା ନେଇ ଆଶା ରଖିଛନ୍ତି। ପ୍ରାରମ୍ଭିକ ଆବଣ୍ଟନରେ କେନ୍ଦ୍ର ସରକାର ୨୦୨୩-୨୪ ଖରିଫ ବିପଣନ ଋତୁରେ ୪୪.୨୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ କିଣିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ଏନ୍‌ଏଫ୍‌ଏସ୍‌ଏ, ଏସ୍‌ଏଫ୍‌ଏସ୍‌ଏ ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ପାଇଁ ଓଡ଼ିଶା ସରକାରଙ୍କ ନିଜସ୍ୱ ଚାଉଳର ଆବଶ୍ୟକତା ପୂରଣ କରିବା ବ୍ୟତୀତ ପର୍ଯ୍ୟାପ୍ତ ପରିମାଣର ଉଷୁନା ଚାଉଳ ବଳକା ରହିଯାଇପାରେ। ଏହି ବଳକା ଚାଉଳ ଏଫ୍‌ସିଆଇ ଦ୍ୱାରା ଉଠାଣହେବାର ଆବଶ୍ୟକତା ରହିଛି। ଓଡ଼ିଶାରୁ ୨୦୨୩-୨୪ ଖରିଫ ବିପଣନ ଋତୁରେ ଅତିରିକ୍ତ ୧୦ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ସଂଗ୍ରହ ପାଇଁ ଏଫ୍‌ସିଆଇକୁ ନିର୍ଦ୍ଦେଶଦେବା ନିମନ୍ତେ ଗୋୟଲଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ଓଡ଼ିଶାର ଚାଷୀଙ୍କ ଜୀବନଜୀବିକାକୁ ସୁରକ୍ଷିତ ରଖିବା ପାଇଁ ଏହି ପଦକ୍ଷେପ ବିଶେଷ ସହାୟକ ହେବ। ବିଶେଷ ଭାବେ ଯେଉଁମାନେ ଧାନଚାଷରେ ନିର୍ଭରଶୀଳ, ଏହାଦ୍ୱାରା ସେମାନେ ଉପକୃତ ହୋଇପାରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଗୁଡ଼ି ସୂତା ଲାଗି କଟିଲା ୭ବର୍ଷର ଶିଶୁର ବେକ

## କଟକ ସ୍ଥାନାନ୍ତର

ବାଲେଶ୍ୱର, ୧୭।୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ନହରପାଟଣା ଛକରେ ଗୁଡ଼ି ସୂତା ଲାଗି ଏକ ୭ବର୍ଷର ଶିଶୁର ବେକ କଟିଯାଇଛି। ଶିଶୁଟି ତାଙ୍କ ବାପାଙ୍କ ସହିତ ବାଇକ୍‌ରେ ଯାଉଥିବା ବେଳେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ଶିଶୁଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ଯେ, ବୁଧବାର ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଶିଶୁ ଜଣକ ନିଜ ବାପା ଶଶିକାନ୍ତ ମହାଲଙ୍କ ସହ ପୀଉସା ଘର ମଲ୍ଲିସସାରୁ ନିଜ ଗାଁ ଦୁମୁଦାକୁ ଫେରୁଥିଲେ। ପିଲାଟି ବାଇକ ଆଗରେ ବସିଥିବା ବେଳେ ଗୁଡ଼ି ସୂତା ଆସି ଲାଗିଯାଇଥିଲା। ଫଳରେ ଶିଶୁଟି ଗୁରୁତର ହୋଇପଡିଥିଲା। ଶିଶୁଟିର ଅବସ୍ଥା ଉଦ୍‌ବେଗଜନକ ଥିବା ଜଣାପଡ଼ିଛି। ସେହିପରି ମୋତିଗଞ୍ଜ ବଜାର ଅଞ୍ଚଳର ହରେନ୍ଦ୍ର ପ୍ରଧାନ ବାଇକ୍‌ରେ ଯାଉଥିବା ବେଳେ ଗୁଡି ସୂତା ତାଙ୍କ ବେକରେ ଗୁଡାଇ ହୋଇଯାଇଥିଲା। ଫଳରେ ତାଙ୍କ ବେକ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ମଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିପଦଜନକ ମାଞ୍ଜା ସୂତା ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାସତ୍ତ୍ୱେ ଏହି ସୂତା ବଜାରରେ ଖୁଲମ୍‌ଖୁଲା ବିକ୍ରୀ ହେଉଛି।

# ପ୍ରବଳ କୁହୁଡ଼ି ସମ୍ଭାବନା

- ୭ ଜିଲାକୁ ଏଲୋୱାର୍ନିଂ
- ୧୨ ଜିଲାରେ ହାଲୁକା ବର୍ଷା
- ପୁରୀରେ ୧.୩ ମି.ମି. ବର୍ଷା

ଭୁବନେଶ୍ୱର,୧୭।୧(ଅନିଲ ଦାସ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲାରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର ଏବଂ ଝାରସୁଗୁଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। କୁହୁଡ଼ି ଯୋଗୁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକ ପାଇଁ ଏଲୋୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା ଜିଲାର ଅଳ୍ପ କେତେକ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ଶୀତ ହ୍ରାସ ପାଇଛି। ବୁଧବାର କେବଳ କୋରାପୁଟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯.୨ ରହିଛି। ଅନ୍ୟ ସମସ୍ତ ଜିଲାରେ ରାତିର ସର୍ବନିମ୍ନ ତାପମାତ୍ରା ୧୨ରୁ ୨୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ପୁରୀରେ ୧.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ମହଲତ ନେଲେ ରାଜ୍ୟ ସରକାର

## ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ମାମଲା

କଟକ,୧୭।୧ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ମାମଲାର ଶୁଣାଣିବେଳେ ରତ୍ନଭଣ୍ଡାର ଚାବି ହଜିବା ମାମଲାର ସ୍ଥିତି ସମ୍ପର୍କରେ ସତ୍ୟପାଠ ଦାଖଲ କରିବା ପାଇଁ ରାଜ୍ୟ ସରକାର ୨/୩ ଦିନ ଅଧିକ ସମୟ ଲୋଡ଼ିଥିଲେ। ଅଦାଲତ ରାଜ୍ୟ ସରକାରଙ୍କ ଆବେଦନକୁ ଗ୍ରହଣ କରି ମହଲତ ପାଇଁ ଅନୁମତି ଦେଇଛନ୍ତି। ଆସନ୍ତା ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ମାମଲାର ଶୁଣାଣି କରି ରତ୍ନଭଣ୍ଡାର ଚାବି ହଜିବା ଘଟଣାର ସ୍ଥିତି ସମ୍ପର୍କରେ ଅବଗତ କରାଇବାକୁ ହାଇକୋର୍ଟ ଗତ ଏପ୍ରିଲ୍ ୨୫ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଡିସେମ୍ବର ୧ରେ ମାମଲାର ଶୁଣାଣିବେଳେ ରାଜ୍ୟ ସରକାର ଏ ସମ୍ପର୍କିତ ସତ୍ୟପାଠ ଦାଖଲ ନିମନ୍ତେ ସମୟ ନେଇଥିଲେ।

ଉଲ୍ଲେଖଯୋଗ୍ୟ, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଦର୍ଶାଇ ଆବେଦନକାରୀ ଦିଲୀପ ବରାଳ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ତଦନ୍ତ କମିଶନଙ୍କ ରିପୋର୍ଟରେ କ'ଣ ସବୁ ତଥ୍ୟ ରହିଛି ତାହା ଜାଣିବାକୁ ସାଧାରଣ ଲୋକଙ୍କର ଅଧିକାର ରହିଛି। ତଦନ୍ତ କମିଶନ ନିମନ୍ତେ ସରକାରୀ ରାଜକୋଷରୁ ଅର୍ଥ ଖର୍ଚ୍ଚ ହୋଇଛି। ଏପରି କ୍ଷେତ୍ରରେ ରାଜ୍ୟ ସରକାର କ'ଣ ପାଇଁ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରୁନାହାନ୍ତି। ରାଜ୍ୟ ସରକାରଙ୍କୁ ଏହି ରିପୋର୍ଟ ସାର୍ବଜନୀନ କରିବା ନିମନ୍ତେ ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ହେବ ୧୦୦୦ କୋଟିର ଋଣ ବିତରଣ

ଭୁବନେଶ୍ୱର,୧୭।୧ (ସୁନିତ ମିଶ୍ର)

ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଅର୍ଥନୈତିକ ବିକାଶର ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏକ ସ୍ୱତନ୍ତ୍ର ପଦକ୍ଷେପଭିତ୍ତିକ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖରେ ଢେଙ୍କାନାଳର ପଲ୍ଲିଶ୍ରୀ ମେଳା ପଡିଆରେ ଉଦ୍‌ଘାଟିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧାରୀ ଯୋଗଦେଇ ଋଣ ବିତରଣର ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି, ବିଧାୟକ, ବିତ୍ତୀୟ ସେବା ବିଭାଗର ପ୍ରତିନିଧି, ରାଜ୍ୟ ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ନାବାର୍ଡର ବରିଷ୍ଠ ଅଧିକାରୀଗଣ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତିର ଆବାହକ ଏବଂ ସମସ୍ତ ରାଷ୍ଟ୍ରୀୟ ବ୍ୟାଙ୍କର ପ୍ରଶାସନିକ ମୁଖ୍ୟ ଉପସ୍ଥିତ ରହିବେ। ଏହି ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ପ୍ରମୁଖ ଯୋଜନାଗୁଡିକ ପିଏମ୍ ସ୍ୱନିଧି, ପିଏମ୍ ମୁଦ୍ରା ଯୋଜନା, କିଶାନ କ୍ରେଡିଟ୍ କାର୍ଡ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ଶିକ୍ଷା ଋଣ, ଗୃହ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ଏବଂ ପିଏମ୍‌ଇଜି ଋଣ ଉପରେ ଆଲୋକପାତ କରାଯିବ। କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନାଗୁଡିକ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଅଧିକରୁ ଅଧିକ ଭାବେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଯୋଗ୍ୟ ହିତାଧିକାରୀମାନଙ୍କୁ ୧୦୦୦ କୋଟି ଟଙ୍କାର ଋଣ ମଞ୍ଜୁରୀ କରାଯାଉଥିବାର ଏହା ଏକ କ୍ରାନ୍ତିକାରୀ କାର୍ଯ୍ୟକ୍ରମ ହେବ। ଏହି ପ୍ରଭାବଶାଳୀ ଅର୍ଥନୈତିକ ପଦକ୍ଷେପ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ରୋଜଗାର ସୃଷ୍ଟି, ବ୍ୟବସାୟରେ ଅଭିବୃଦ୍ଧି, ନୂତନ ଔଦ୍ୟୋଗିକତା ଏବଂ ସାମାଜିକ-ଅର୍ଥନୈତିକ ବିକାଶ ସହିତ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।


**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल,चक्रधरपुर**
**E-mail : rwdchakradharpur@gmail.com**

**ई– अल्पकालिन पुनर्निविदा आमंत्रण सूचना**

**ई0– पूनर्निवदा संख्या :– 03/RI-2023-24/RWD/CHAKRADHARPUR दिनांक–17.01.2024**

कार्य का विवरण –मुख्यमंत्री ग्राम सड़क सुदृढ़ीकरण (शीर्ष 2515) विशेष मरम्मति अन्तर्गत।
कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र० | आईडेन्टी फिकेशन संख्या/ पैकेज संख्या | प्रखण्ड का नाम | योजना का नाम | प्राक्कलित राशि (लाख में) अंक में (लाख में) | अक्षर में (रूपये में) | कार्य समाप्ति की अवधि | टेंडर कॉल |
|---|---|---|---|---|---|---|---|
| 1 | RWD/ CHAKRADHA RPUR/ SRPKG-04/2023-24 | चक्रधरपुर | टोयबो से कोटसाई (कोटसोना) पथ का सुदृढ़िकरण कार्य। (लम्बाई 2.70 कि०मी०) | 1112.297 | ग्यारह करोड़ बारह लाख उन्तीस हजार सात सौ रूपये मात्र। | 9 माह | द्वितीय |
| | | चक्रधरपुर | डुरियान से किमिरदा भाया कुदाहातु तक पथ का सुदृढ़िकरण कार्य। (लम्बाई 3.00 कि०मी०) | | | | |
| | | चक्रधरपुर | आर०ई०ओ० पथ से भरनियां तक पथ का सुदृढ़िकरण कार्य। (लम्बाई 3.20 कि०मी०) | | | | |
| | | चक्रधरपुर | मछुआसाई से हुडगंदा तक पथ का सुदृढ़िकरण कार्य। (लम्बाई 2.20 कि०मी०) | | | | |
| | | चक्रधरपुर | आर०ई०ओ० पथ पदमपुर से दरकदा तक पथ का सुदृढ़िकरण कार्य। (लम्बाई 1.750 कि०मी०) | | | | |
| | | चक्रधरपुर | बन्दझारी से करंजडीह तक पथ का सुदृढ़िकरण कार्य। (लम्बाई 1.50 कि०मी०) | | | | |
| | | चक्रधरपुर | मलियासाई (महुलपानी) से गनगहा तक पथ का सुदृढ़िकरण कार्य। (लम्बाई 2.20 कि०मी०) | | | | |
| 2 | RWD/ CHAKRADHA RPUR/SRPKG-06/2023-24 | सोनुवा | जांते से हरिजनटोली तक पथ का सुदृढ़िकरण कार्य। (लम्बाई 3.00 कि०मी०) | 1146.582 | ग्यारह करोड छयालिस लाख अनठावन हजार दो सौ रूपये मात्र। | 9 माह | द्वितीय |
| | | सोनुवा | दीपासाई से कुदाबुरू तक पथ का सुदृढ़िकरण कार्य। (लम्बाई 4.30 कि०मी०) | | | | |
| | | सोनुवा | अर्जुनपूर से झलिमारा तक पथ का सुदृढ़िकरण कार्य। (लम्बाई 1.90 कि०मी०) | | | | |
| | | सोनुवा | पी०डब्लु०डी० पथ से सरजमडीह तक पथ का सुदृढ़िकरण कार्य। (लम्बाई 4.00 कि०मी०) | | | | |
| | | सोनुवा | पोडाहाट से उपरटोला तक पथ का सुदृढ़िकरण कार्य। (लम्बाई 3.90 कि०मी०) | | | | |
| 3 | RWD/ CHAKRADHA RPUR/SRPKG-07/2023-24 | चक्रधरपुर | केनेके से भूजसाई पथ का सुदृढ़िकरण कार्य । (लम्बाई 4.80 कि०मी०) | 1044.098 | दस करोड़ चौवालिस लाख नौ हजार आठ सौ रूपये मात्र। | 9 माह | द्वितीय |
| | | चक्रधरपुर | सगीपि (हिजिया) से गांडामारा (ईचाहातु) तक पथ का सुदृढ़िकरण कार्य । (लम्बाई 3.10 कि०मी०) | | | | |
| | | चक्रधरपुर | आर०ई०ओ० मुख्य पथ सोनुवा से मुरहातु तक पथ का सुदृढ़िकरण कार्य। (लम्बाई 4.10 कि०मी०) | | | | |
| | | चक्रधरपुर | टोकलो मेन रोड से सरजमदा (सरजोनदातु) तक पथ का सुदृढ़िकरण कार्य । (लम्बाई 4.00 कि०मी०) | | | | |
| | | चक्रधरपुर | टिकरचांपी से इन्दकटा तक पथ का सुदृढ़िकरण कार्य। (लम्बाई 1.60 कि०मी०) | | | | |


2. बेवसाईट में निविदा प्रकाशन की तिथि : 24.01.2024
3. ई– निविदा प्राप्ति की अंतिम तिथि एवं समय :– 31.01.2024 अपराहन् 5:00 बजे।
4. निविदा खोलने की तिथि एवं समयः 02.02.2024 अपराहन् 11:00 बजे।
5. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर।
6. सरकार के संयुक्त सचिव, ग्रामीण कार्य विभाग झारखण्ड राँची के पत्रांक 3130 (अनु०) दिनांक 09.10.2023 द्वारा दिये गये निदेश के अनुपालन में निविदा शूल्क एवं अग्रधन की राशि **केवल Online Mode** द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं०–7970758588

**विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।**

कार्यपालक अभियंता
ग्रामीण कार्य विभाग, कार्य प्रमंडल,चक्रधरपुर

PR 316288 West Singhbhum(23-24).D





# ଭାଜପାର ୩ ଆଶାୟୀ: କାହାକୁ ମିଳିବ କେଉଁ ଟିକେଟ

## ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ

ରାୟଗଡ଼ା,୧୭।୧
(ଆଶିଷ ରଞ୍ଜନ ପଣ୍ଡା)


ଶିବଶଙ୍କର ଉଲାକା


ହଳଧର ହିମିରିକା


ଅଙ୍ଗଦ କୁତ୍ରୁକା

ବିଷମକଟକ, ମୁନିଗୁଡ଼ା, କୋଲନରା ଓ କଲ୍ୟାଣସିଂହପୁର ବ୍ଲକକୁ ନେଇ ବିଷମକଟକ ବିଧାନସଭା ନିର୍ବାଚନ ମଣ୍ଡଳୀ। କଂଗ୍ରେସ, ଜନତାଦଳ ଓ ବିଜେଡି ଆଦି ରାଜନୈତିକ ଦଳର ପ୍ରାର୍ଥୀ ଏଠାରୁ ବିଜୟଲାଭ କରିଆସିଛନ୍ତି। ଅଦ୍ୟାବଧି ଭାରତୀୟ ଜନତା ପାର୍ଟି (ଭାଜପା) ଏହି ନିର୍ବାଚନମଣ୍ଡଳୀରୁ ଖାତା ଖୋଲିବାରେ ସକ୍ଷମ ହୋଇନାହିଁ। ଏବେ ବିଜେଡି ନେତା ଜଗନ୍ନାଥ ସାରକା ବିଧାୟକ ଅଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଭାଜପା ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବା ଲାଗି ରଣନୀତି ପ୍ରସ୍ତୁତ କରୁଥିଲେ ମଧ୍ୟ ଏକାଧିକ ଆଶାୟୀ ଦଳ ପାଇଁ ଚିନ୍ତାର କାରଣ ପାଲଟିଲେଣି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

ଏହି ନିର୍ବାଚନମଣ୍ଡଳୀରେ ଏବେସୁଦ୍ଧା ଉଭୟ ବିଜେଡି ଓ କଂଗ୍ରେସରେ ଦୁଇ ଜଣ ଲେଖାଏ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ ଭାଜପାରେ ହୋଇଗଲେଣି ୩ ଜଣ। ୨୦୧୯ ବିଧାନସଭା ନିର୍ବାଚନରେ ଭାଜପା ତୃତୀୟ ସ୍ଥାନରେ ରହିଥିଲା। ବିଷମକଟକ ନିର୍ବାଚନମଣ୍ଡଳୀର ମୁନିଗୁଡ଼ା ବ୍ଲକକୁ ବାଦ୍ ଦେଲେ ଅନ୍ୟ ୩ଟି ବିଷମକଟକ, କଲ୍ୟାଣସିଂହପୁର ଓ କୋଲନରାରେ ଦଳର ସଙ୍ଗଠନ ସେତେଟା ମଜଭୁତ ନ ଥିବା ଦେଖାଯାଉଛି। ଯାହାକିଛି କାର୍ଯ୍ୟକ୍ରମ କେବଳ ମୁନିଗୁଡ଼ା ବ୍ଲକରେ ହିଁ ପରିଲକ୍ଷିତ ହେଉଛି। ତେଣୁ ନିର୍ବାଚନରେ ଭାଜପାର ଭୋଟ ହାର କମିଯିବାର ଏହା ମୁଖ୍ୟ କାରଣ ବୋଲି କୁହାଯାଉଛି। ତେବେ କେତେକେ କହୁଛନ୍ତି, ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଇଣ୍ଟା କମ୍ପାନୀ ଏହି ନିର୍ବାଚନମଣ୍ଡଳୀର ଥେରୁବାଲିଠାରେ ରହିଥିବାରୁ ଏଥର ଦଳ ପାଇଁ ଅଧିକ ଭୋଟ ଆଣିବା ଲାଗି ତାଙ୍କୁ ବ୍ୟବହାର କରାଯାଇପାରେ।

ଏବେ ଭାଜପାର ତିନି ଆଶାୟୀଙ୍କ ପାଖକୁ ଯିବା। ସ୍ଥାନୀୟ ଅଞ୍ଚଳ ରାଜନୀତିରେ ପୁରୁଣା ଖେଳାଳି ଶିବଶଙ୍କର ଉଲାକା। ଅନ୍ୟ ଦୁଇ ଜଣ ହେଲେ କୋଲନରା ବ୍ଲକ ଉପାଧ୍ୟକ୍ଷ ହଳଧର ହିମିରିକା ଓ ପୂର୍ବତନ ବ୍ୟାଙ୍କ କର୍ମଚାରୀ ଅଙ୍ଗଦ କୁତ୍ରୁକା। ବିଷମକଟକ ବିଧାନସଭା ଆସନ ସକାଶେ ଜିଲା ଟିମ୍ ସମର୍ଥନରେ ଜିଲାରୁ ହଳଧର ଓ ଅଙ୍ଗଦଙ୍କ ନାମ ଶୀର୍ଷ ନେତୃତ୍ୱକୁ ପଠାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଗତ ପଞ୍ଚାୟତ ନିର୍ବାଚନରେ ହଳଧର ବିଜେଡିକୁ ପଛରେ ପକାଇ ବ୍ଲକ ଉପାଧ୍ୟକ୍ଷ ପଦ ହାତେଇବାରେ ସଫଳ ହୋଇଥିଲେ। ଏହାପରେ ସେ ନିଜ ନିର୍ବାଚନମଣ୍ଡଳୀରେ କାର୍ଯ୍ୟବିସ୍ତାର କରିବା ଲାଗି ବିଷମକଟକ, ମୁନିଗୁଡ଼ା, କଲ୍ୟାଣସିଂହପୁର ଆଦି ଅଞ୍ଚଳ ବୁଲି ଲୋକସମ୍ପର୍କ ବୃଦ୍ଧି କରିବାରେ ଲାଗିଛନ୍ତି। ଅଙ୍ଗଦ ଜଣେ ବ୍ୟାଙ୍କ ମ୍ୟାନେଜର ଭାବେ ନିଜର ଦାୟିତ୍ୱ ନିର୍ବାହ କରି ପ୍ରାୟ ୫ ବର୍ଷ ତଳେ ଚାକିରିରୁ ଅବସର ନେଇଛନ୍ତି। ଏହାପରେ ସେ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇ ବିଷମକଟକ ନିର୍ବାଚନମଣ୍ଡଳୀରେ ନିଜକୁ ସକ୍ରିୟ ରଖିଛନ୍ତି। ତେବେ ଚଳିତ ଥର ଶିବଶଙ୍କର ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ ଅପେକ୍ଷା କୋରାପୁଟ ଲୋକ ସଭା ଆସନ ପାଇଁ ଅଧିକ ଆଶାୟୀ ରହିଥିବା ତାଙ୍କ ନିକଟତମ ବ୍ୟକ୍ତିଙ୍କ ପାଖରୁ ଶୁଣିବାକୁ ମିଳୁଛି। ଫଳରେ ବିଷମକଟକ ଆସନରେ ଅନ୍ୟ ଦୁଇ ପ୍ରାର୍ଥୀ ହଳଧର ଓ ଅଙ୍ଗଦଙ୍କ ପାଇଁ ଟିକେଟ ମିଳିବା ଆଶାକୁ ପ୍ରଶସ୍ତ କରିଦେଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଉଭୟେ ମଧ୍ୟ ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀରେ ଜନସମ୍ପର୍କ ଜୁଟାଇବାରେ ଲାଗି ପଡ଼ିଛନ୍ତି। ଅନ୍ୟପଟେ ପୋଙ୍ଗଲ ଶେଷ ପରେ ପ୍ରଚାର ପ୍ରସାର ଓ ଲୋକ ସମ୍ପର୍କ ବୃଦ୍ଧି ଲାଗି ଶିବଶଙ୍କର ମଇଦାନକୁ ଓହ୍ଲାଇବେ ବୋଲି କହିଲେଣି। ତେବେ କୋରାପୁଟ ଲୋକ ସଭା ଆସନରୁ ଏମ୍‌ପି ପ୍ରାର୍ଥୀ ହେଲେ ଭାଜପାର ବିଜୟ ସୁନିଶ୍ଚିତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୦୧୯ ନିର୍ବାଚନରେ ବିଷମକଟକ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ୨୩ ହଜାର ୬୬୫ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ ଶିବଶଙ୍କର। ଏହା ପରଠାରୁ ସେ ରାଜନୀତିରେ ଆଉ ସେତେଟା ସକ୍ରିୟ ଦେଖାଯାଉ ନ ଥିଲେ। ହେଲେ ରାଜ୍ୟ ଓ ଜାତୀୟସ୍ତରରେ ଶୀର୍ଷ ନେତୃତ୍ୱଙ୍କ ଗୁଡ୍ ବୁକ୍‌ରେ ଶିବଶଙ୍କର ଥିବାରୁ ଟିକେଟ ହାସଲ ସହଜ ହେବ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ୨୦୧୪ରେ ସେ କୋରାପୁଟ ଲୋକ ସଭା ଆସନରୁ ସାଂସଦ ପ୍ରାର୍ଥୀ ହୋଇ ୮୯ ହଜାର ୭୮୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ତେବେ ପୂର୍ବତନ ସାଂସଦ ଜୟରାମ ପାଙ୍ଗି ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ଭାଜପାରେ ଯୋଗଦେବା ପରେ ଶିବଶଙ୍କରଙ୍କ ହାତରୁ ଲୋକ ସଭା ଆସନ ଟିକେଟ ଖସିଯାଇଥିଲା। ତେଣୁ ୨୦୧୯ରେ ବିଷମକଟକରୁ ବିଧାୟକ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ଶିବଶଙ୍କର। ତେବେ ବର୍ତ୍ତମାନ ଜୟରାମ ପାଙ୍ଗି ଭାଜପା ଛାଡ଼ି କଂଗ୍ରେସରେ ଯୋଗଦେଇଥିବାରୁ ଶିବଶଙ୍କରଙ୍କ ରାସ୍ତା ଏକ ପ୍ରକାର ଖୋଲିଯାଇଥିବା ନେଇ ଚର୍ଚ୍ଚା ଚାଲିଛି। ତେବେ ବିଷମକଟକ ଆସନ ପାଇଁ ଦଳର ଶୀର୍ଷ ନେତୃତ୍ୱ ଶିବଶଙ୍କର, ହଳଧର ଓ ଅଙ୍ଗଦଙ୍କ ମଧ୍ୟରୁ କାହାକୁ କେଉଁ ଟିକେଟ ଦେବେ ସେନେଇ ଚର୍ଚ୍ଚା ଚାଲିଛି। ବିଷମକଟକ ବିଧାନସଭା ଆସନ ଓ କୋରାପୁଟ ଲୋକ ସଭା ଆସନ ଉଭୟ ପାଇଁ ଶିବଶଙ୍କର ଗୋଟିଚାଳନା କରୁଥିବା ବେଳେ ହଳଧର ଓ ଅଙ୍ଗଦଙ୍କ ଭୂମିକା କିଭଳି ରହୁଛି ସବୁକିଛି ଦେଖିବା ବାକି ରହିଲା।

# ଗୁଣପୁର କଂଗ୍ରେସରେ ବିଦ୍ରୋହ ଆଶଙ୍କା

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)

## ଟିକେଟ ଚିନ୍ତାରେ ସମସ୍ତ ଆଶାୟୀ

ଗମାଙ୍ଗ ପରିବାର କଂଗ୍ରେସରେ ଯୋଗଦେବା ନେଇ ଦୀର୍ଘଦିନର ଚର୍ଚ୍ଚାରେ ବୁଧବାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ନୂଆଦିଲ୍ଲୀ ସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ, ତାଙ୍କ ପତ୍ନୀ ହେମା ଗମାଙ୍ଗ ଓ ପୁଅ ଶିଶିର ଗମାଙ୍ଗ ଦଳରେ ଯୋଗ ଦେଇଛନ୍ତି। ତେବେ ଏହାକୁ ନେଇ ଏବେ ଗୁଣପୁର ନିର୍ବାଚନମଣ୍ଡଳୀ ଏବଂ ନବରଙ୍ଗପୁର ଲୋକସଭା ଆସନରେ ଦଳୀୟ କର୍ମୀଙ୍କ ମଧ୍ୟରେ ଏକପ୍ରକାର ହଇଚଇ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁସାରେ ହେମା ପୁନର୍ବାର ଗୁଣପୁର ବିଧାନସଭା ଆସନରୁ ଏବଂ ଶିଶିର ନବରଙ୍ଗପୁର ଲୋକସଭା ଆସନରେ ଟିକେଟ ପାଇଁ ଆଶାୟୀ ରହିଛନ୍ତି। ତେବେ ପୂର୍ବରୁ କଂଗ୍ରେସ ଦଳ ଛାଡ଼ି ପରବର୍ତ୍ତୀ ସମୟରେ ଭାଜପା ଏବଂ ପରେ ବିଆରଏସରେ ଯୋଗଦେଇଥିବା ଗମାଙ୍ଗ ପରିବାର ପୁନର୍ବାର ପୁରୁଣା ଦଳକୁ ଫେରିବା ନେଇ ସହଜରେ ହଜମ କରିପାରୁ ନାହାନ୍ତି ଗୁଣପୁର ନିର୍ବାଚନମଣ୍ଡଳୀର ଦଳୀୟ କର୍ମୀ। ଅନ୍ୟପଟେ ଗୁଣପୁର ବିଧାନସଭା ଆସନ ପାଇଁ ପୂର୍ବରୁ ୫ଜଣ ଆଶାୟୀଙ୍କ ମଧ୍ୟରେ ମୁଖ୍ୟ ଦାବିଦାର ରହିଛନ୍ତି ଯୁବନେତା ସତ୍ୟଜିତ ଗମାଙ୍ଗ, ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ ଓ ତାଙ୍କ ପୁଅ ଅବିନାଶ ଗମାଙ୍ଗ ଏବଂ ଭାସ୍କର ଜାଗେରାଙ୍ଗା। ଏବେ ହେମାଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ଦଳୀୟ କର୍ମୀଙ୍କ ନିଦ ହଜାଇ ଦେଇଥିବା ନେଇ ଆଲୋଚନା ଚାଲିଛି। କାରଣ ହେମା ପୂର୍ବରୁ ଥରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଗୁଣପୁର ବିଧାୟିକା ରହିଥିଲେ। ବର୍ତ୍ତମାନ ପୁଣି ସେ ଗୁଣପୁର ଆସନରୁ ଲଢ଼ିବାକୁ ଇଚ୍ଛୁକ ରହିଥିବା ସୂଚନା ମିଳିଛି। ହେଲେ ଏବେ ଦଳ କାହାକୁ ଟିକେଟ ଦେବ ସେ ନେଇ ସମସ୍ତ ଆଶାୟୀଙ୍କ ଅଙ୍କକଷା ଚାଲିଲାଣି। ହେମାଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ଗୁଣପୁର ଟିକେଟ ଅନ୍ୟମାନଙ୍କ ହାତରୁ ଖସିଯିବା ଏକ ପ୍ରକାର ନିଶ୍ଚିତ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ପ୍ରକାଶ କରୁଛନ୍ତି। ଅପରପକ୍ଷେ ହେମାଙ୍କୁ ଟିକେଟ ମିଳିଲେ ସମସ୍ତ ଆଶାୟୀ ଏବଂ କର୍ମୀଙ୍କ ପକ୍ଷରୁ ଦଳରେ ବିଦ୍ରୋହ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଦଳ ଆଗାମୀ ନିର୍ବାଚନକୁ ନିଜ ହାତମୁଠାରେ ରଖିବା ପାଇଁ କାହାକୁ ଟିକେଟ ଦେବ ତାହା ଦେଖିବାକୁ ବାକି ରହିଲା। ଏ ସମ୍ପର୍କରେ ଶିଶିର ଗମାଙ୍ଗଙ୍କୁ ଫୋନ୍‌ରେ ପଚାରିବାରୁ ସେ କହିଲେ, ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଲୁ। ମାଆ ହେମା ଗୁଣପୁର ବିଧାନସଭା ଆସନରେ ଏବଂ ସେ ନବରଙ୍ଗପୁର ଲୋକସଭା ଆସନ ପାଇଁ ଆଶାୟୀ ରହିଥିବା ନେଇ ଶିଶିର ପ୍ରକାଶ କରିଛନ୍ତି। ତେବେ ଗୁଣପୁର ଆସନରୁ ହେମାଙ୍କୁ ଟିକେଟ ମିଳିବା ନେଇ ଜିଲା ସଭାପତି ବିଜୟ ଗମାଙ୍ଗଙ୍କୁ ପଚାରିବାରୁ ବିଜୟ କହିଛନ୍ତି, ସେ ନିଜେ ଦଳର ପୁରୁଣା କର୍ମୀ। ଗୁଣପୁର ନିର୍ବାଚନମଣ୍ଡଳୀରେ ତାଙ୍କର ପ୍ରଭାବ ରହିଛି। ବୟସ ଦୃଷ୍ଟିରୁ ଏହା ତାଙ୍କର ଶେଷ ନିର୍ବାଚନ ହୋଇଥିବାରୁ ତାଙ୍କୁ ଟିକେଟ ମିଳିବ ଏବଂ ଦଳ ଅଗ୍ରାଧିକାର ଭିତରେ ଠିକ୍ ପ୍ରାର୍ଥୀଙ୍କୁ ଟିକେଟ ଦେବା ନେଇ ଆଶା ରହିଥିବା ବିଜୟ କହିଛନ୍ତି।

# ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ପଦ ଛାଡ଼ିଲେ ମନୋରଞ୍ଜନ

## ଭୁଜବଳଙ୍କୁ ଦାୟିତ୍ୱ

ନବରଙ୍ଗପୁର,୧୭।୧
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ (ମୁନା) ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ର ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ବୁଧବାର ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ଦଳରେ ଜଣେ ସାଧାରଣ କର୍ମୀ ଭାବେ ସେ ରହିବେ। ଦୀର୍ଘଦିନ କଂଗ୍ରେସ ରାଜନୀତିରେ ଜଡିତ ରହି ଦଳ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିବା ତ୍ରିପାଠୀ କହିଛନ୍ତି। ମନୋରଞ୍ଜନ ସଭାପତି ପଦବୀରୁ ଇସ୍ତଫା ଦେବା ପରେ ନବରଙ୍ଗପୁର ଜିଲା କଂଗ୍ରେସ ଦାୟିତ୍ୱ ପୂର୍ବତନ ବିଧାୟକ ଭୁଜବଳ ମାଝିଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି।

# ପ୍ରଦେଶ କଂଗ୍ରେସ ୱାର୍‌ରୁମ୍ କମିଟି ଗଠିତ

ଭୁବନେଶ୍ୱର,୧୭।୧(ଅନିଲ ଦାସ)

ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସ କ୍ରମେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଆସନ୍ତା ସାଧାରଣ ନିର୍ବାଚନ-୨୦୨୪ ପାଇଁ ପ୍ରଦେଶ କଂଗ୍ରେସ ୱାର୍‌ରୁମ୍ କମିଟି ଗଠନ କରିଛନ୍ତି। ଏହି କମିଟିରେ ଅଧ୍ୟକ୍ଷ ଭାବରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଏହି କମିଟିରେ ବିସ୍ମୟ ମହାପାତ୍ର, ଜିନେଶ ଦାଶ, ପ୍ରକାଶ ମିଶ୍ର, ସଞ୍ଜୟ ତ୍ରିପାଠୀ ଓ ତରୁଣକାନ୍ତ ମିଶ୍ର ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି।

# ପଦ୍ମ ଧରିବେ ପ୍ରମୋଦ


ସମ୍ବଲପୁର,୧୭।୧
(ଭବାନୀ ଶଙ୍କର ଭୋଇ)

ବିଜେଡିର ପୂର୍ବତନ ଜିଲା ସଭାପତି ତଥା ସମ୍ବଲପୁର ଜିଲା ଓକିଲ ସଂଘର ୫ଥର ସଭାପତି ଦାୟିତ୍ୱ ତୁଲାଇଥିବା ଡ. ପ୍ରମୋଦ ରଥ ଭାଜପାରେ ଯୋଗଦେବେ ବୋଲି ସୂଚନା ମିଳିଛି। ନିକଟରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ଏହା ପରେ ଭାଜପାର କେତେଜଣ ବରିଷ୍ଠ ନେତା ତାଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଏଥିସହ କଂଗ୍ରେସର କେତେଜଣ ନେତା ମଧ୍ୟ ତାଙ୍କ ସହ ଯୋଗାଯୋଗରେ ରହିଥିଲେ। କାରଣ ସେ ପୂର୍ବରୁ କଂଗ୍ରେସରେ ଜିଲା ସାଧାରଣ ସମ୍ପାଦକ ରହିଥିଲେ। ତେଣୁ ପୁଣି ପୁରୁଣା ଦଳକୁ ଫେରିବେ ବୋଲି ମଧ୍ୟ ଚର୍ଚ୍ଚା ହେଉଥିଲା। ତେବେ ବୁଧବାର ସନ୍ଧ୍ୟାରେ ପ୍ରମୋଦ ଭାଜପାରେ ଯୋଗ ଦେଉଥିବା ନେଇ ନିଜେ ସୂଚନା ଦେଇଛନ୍ତି। ଦେଶରେ ନରେନ୍ଦ୍ର ମୋଦି ଯେଉଁଭଳି ରାଷ୍ଟ୍ରଗଠନ ଉପରେ କାମ କରୁଛନ୍ତି ତାହା ତାଙ୍କୁ ପ୍ରଭାବିତ କରିଛି। ଆସନ୍ତା ୧୯ରେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସେ ଦଳରେ ଯୋଗ ଦେବେ ବୋଲି କହିଛନ୍ତି।

# ଭଦ୍ରକ ଜିଲାରେ ଶକ୍ତିଶାଳୀ ହେବ ଭାଜପା: ମନମୋହନ

## ପଦ୍ମ ଧରିଲେ ଶହୀଦ ଭଗତ ସେନା ଆବାହକ

ଭଦ୍ରକ,୧୭।୧(ସନାତନ ରାଉତ)


ଭାଜପାର ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ସଭାପତି।

ଭଦ୍ରକର ଯୁବ ସାମାଜିକ କର୍ମୀ ତଥା ଶହୀଦ ଭଗତ ସେନାର ଆବାହକ ସିତାଂଶୁ ଶେଖର ନାୟକ ବୁଧବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। କୁଆଁଶ ସିଦ୍ଧି ବିନାୟକ ମନ୍ଦିରରେ ପୂଜାର୍ଚ୍ଚନା କରି ବାଜା ବାଣ ସହ ଏକ ବିଶାଳ ପଦଯାତ୍ରାରେ ମିଶ୍ରଣସ୍ଥଳରେ ପହଞ୍ଚିଥିଲେ। ଭାଜପା ନେତୃମଣ୍ଡଳୀ ତାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ କହିଛନ୍ତି, ରାଜ୍ୟ ସରକାର ବିରୋଧରେ ଅସନ୍ତୁଷ୍ଟ ହୋଇ ବହୁ ଲୋକ ପ୍ରତ୍ୟେକ ଦିନ ଭାଜପାରେ ସାମିଲ ହେଉଛନ୍ତି। ଆଗାମୀ ନିର୍ବାଚନରେ ଭାଜପା ବିଜୟୀ ହୋଇ ସରକାର ଗଢ଼ିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ସିତାଂଶୁ ଦଳରେ ସାମିଲ ହେବା ପରେ ପୂରା ଜିଲାରେ ଭାଜପା ଶକ୍ତିଶାଳୀ ହେବ। ଭାଜପା ସରକାର ଗଠନ ହେଲେ ଏକ ମାସ ମଧ୍ୟରେ ଚିଟ୍‌ଫଣ୍ଡ ଟଙ୍କା ଫେରାଇବାର ବ୍ୟବସ୍ଥା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିତାଂଶୁ ତାଙ୍କର ସହସ୍ରାଧିକ ସମର୍ଥକଙ୍କ ସହ ଦଳରେ ମିଶିବା ସହ ଆଗାମୀ ଦିନରେ ଦଳ ଯେଉଁ ଦାୟିତ୍ୱ ଦେବ ତାହା ସୁଚାରୁ ଭାବେ ସମ୍ପାଦନ କରିବେ ବୋଲି କହିଥିଲେ। ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଛୋଟେଲାଲ ମହାନ୍ତ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାନସଭା ନେତା ଡା. ପ୍ରଦୀପ ନାୟକ, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରି ନାରାୟଣ ଧଳ, ପଞ୍ଚାନନ ରାଉତ, ଦୀନବନ୍ଧୁ ପତି, ପ୍ରଭାକର ସାମଲ, ସୁଧାଂଶୁ ଶେଖର ନାୟକ, ଜଗନ୍ନାଥ ଦାଶ, ଜିଲା ମହିଳା ସଭାନେତ୍ରୀ କଳ୍ପନା ଜେନା, ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ, ବିକାଶ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ କାଉନ୍‌ସିଲର ସୁକାନ୍ତ ପାଲ, ଓକରା ବିଜେଡି ନେତା ଉମାକାନ୍ତ ଜେନା, ୨୬ ନଂ. ଜୋନ୍ ବିଜେଡି ନେତା ସଞ୍ଜୀବ ଜେନା, ଗେଲଟୁଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଗୋପାଳ ମୁଦୁଲିଙ୍କ ସମେତ ଅନ୍ୟ ଦଳର କର୍ମୀମାନେ ଭାଜପାରେ ସାମିଲ ହୋଇଥିଲେ। ଶରତ ପଡ଼ିଆରୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଫୁର୍‌ସତ୍


# ଇଂଲଣ୍ଡର ତାଜମହଲ

ଲଣ୍ଡନ



ଦୁନିଆରେ ସ୍ତ୍ରୀଙ୍କ ପାଇଁ ଲୋକେ ନିଜ ଭଲପାଇବାର ଅନେକ ସ୍ମୃତି ଛାଡ଼ିଛନ୍ତି। ହେଲେ ଶାହଜାହାନ ତାଙ୍କ ସ୍ତ୍ରୀ ମମତାଜ୍‌ଙ୍କ ପାଇଁ ନିର୍ମାଣ କରିଥିବା ତାଜମହଲ ସବୁଠୁ ଭିନ୍ନ; ଯେଉଁଥିରେ ଅଦ୍ଭୁତ କଳାକୃତି ରହିଛି। ତେବେ ଅନେକେ ମଧ୍ୟ ତାଙ୍କ ପ୍ରେମିକା ଏବଂ ସ୍ତ୍ରୀଙ୍କ ପାଇଁ କେହେ ଘର ପ୍ରସ୍ତୁତ କରିଛନ୍ତି। ତାକୁ ମଧ୍ୟ ତାଜମହଲ ବୋଲି କୁହାଯାଉଛି। ଏହି ଆଧାରରେ ଇଂଲଣ୍ଡରେ ଏକ ଘର ରହିଛି, ଯେଉଁଠାକୁ ଲୋକେ ବୁଲିବାକୁ ଆସିବା ସହ ତାକୁ ଇଂଲଣ୍ଡର ତାଜମହଲ ବୋଲି କୁହନ୍ତି। ତେବେ ଏହି ଘର ତାଜମହଲ ତୁଳନାରେ କିଛି ନୁହଁ, ହେଲେ ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ଯଥେଷ୍ଟ। ଇଂଲଣ୍ଡର ଏସ୍‌ଏକ୍ସର ଆକର୍ଷଣ 'ଅ ହାଉସ ଅଫ ଏସ୍‌ଏକ୍ସ' ବା ଜୁଲି ହାଉସ କୁହାଯାଏ। ଏହି ଘର ୨୦୧୫ରେ ଷ୍ଟୁର ନଦୀ ପାର୍ଶ୍ୱରେ ରେବନସରେ ତିଆରି ହୋଇଥିଲା। ଏହାକୁ ଗ୍ରେସନ ପେରି ନାମକ ଜଣେ ଶିଳ୍ପୀ ତିଆରି କରିଥିଲେ। ଏହା ତା'ର ସୁନ୍ଦରତା ଏବଂ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ। ଏହାକୁ ପ୍ରସ୍ତୁତ କରିବାକୁ ୫ ବର୍ଷର ସମୟ ଲାଗିଥିଲା। ଏହା ତାଜମହଲ ଭଳି ହିଁ ଜଣେ ମହିଳାଙ୍କ ସମାଧି ସ୍ୱରୂପ ତିଆରି ହୋଇଥିଲା। ଏହାକୁ ଜୁଲି କୋପଙ୍କ ସ୍ୱାମୀ ଜୁଲିଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ପ୍ରସ୍ତୁତ କରିଥିଲେ। ଏହା ଭିତରେ ୪ଟି ଛୋଟ ଛୋଟ ଘର ରହିଛି, ଯାହାକୁ ଧଳା ଟାଇଲରେ ପ୍ରସ୍ତୁତ କରାଯାଇଛି। ଏଥିରେ ଜୁଲିଙ୍କ ସମ୍ବନ୍ଧୀୟ ଅନେକ ସ୍ମୃତି ରହିଛି। ଏଠାରେ ରାତିରେ ରହିବାକୁ ଲୋକଙ୍କୁ ୫୦୦ ପାଉଣ୍ଡ ଅର୍ଥାତ୍ ୫୨ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏହା ଲଣ୍ଡନଠାରୁ ୧ ଘଣ୍ଟାର ଦୂରତାରେ ରହିଛି।

# ଆକ୍ରମଣବେଳେ କଳା ପଡ଼ିଯାଏ



**ଜାକର୍ତ୍ତା:** ସମୁଦ୍ର ତଳେ ଅନେକ ଜୀବ ରହୁଥିବାବେଳେ ଅନେକ କିଛି ଜୀବ ଅଛନ୍ତି, ଯାହାଙ୍କ ଗୁଣ ସମ୍ପୂର୍ଣ୍ଣ ଭିନ୍ନ। ସେହିପରି ଏକ ଜୀବ ହେଉଛି ସେଲେବେସ ମେଡକା। ଏହା ବିଶ୍ୱର ସବୁଠୁ ଭିନ୍ନ ଧରଣର ମାଛ। ଏହି ମାଛକୁ ରାଗିଗଲେ ସେ ତା' ରଙ୍ଗ ବଦଳାଇଥାଏ। ଫଳରେ ସେ ୧ ମିନିଟ୍ ମଧ୍ୟରେ କଳା ରଙ୍ଗର ହୋଇଯାଏ। ମାଛର ରଙ୍ଗ ଧଳା ହୋଇଥିବାବେଳେ ଲାଞ୍ଜରେ ହାଲୁକା ନାରଙ୍ଗୀ ରଙ୍ଗ ରହିଛି। ରିପୋର୍ଟ ମୁତାବକ, ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି, ଇଣ୍ଡୋନେସିଆର ଏହି ଛୋଟ ଅଣ୍ଡିରା ମାଛ ଆକ୍ରମଣ ସମୟରେ ରାଗିବା ଫଳରେ ତା' ଅଦ୍ଭୁତ କୌଶଳ ଦେଖାଇଥାଏ। ଅନୁସନ୍ଧାନକାରୀ କହିଛନ୍ତି, ଯେତେବେଳେ ଏହି ଅଣ୍ଡିରା ମାଛକୁ ଅନ୍ୟ କାହା ଉପରେ ଆକ୍ରମଣ କରିବାକୁ ଥାଏ, ସେତେବେଳେ ତା' ଦେହର ରଙ୍ଗ ୧ ମିନିଟ୍ ମଧ୍ୟରେ କଳା ପଡ଼ିଯାଏ। ତେବେ ଏହାର ବୈଜ୍ଞାନିକ ନାମ ଓରିଜିଆଜ୍ ସେଲେବେନସିସ୍। ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପ ଏବଂ ପୂର୍ବ ତିମୋରର ଏକ ନଦୀରେ ଏହି ମାଛ ରୁହନ୍ତି।

# ଭୁଲ ଭୁଲେୟା ୩ରେ ବିଦ୍ୟାଙ୍କ ଏଣ୍ଟ୍ରି

ମୁମ୍ବାଇ



ଭୁଲ ଭୁଲେୟାରେ ଅଭିନେତ୍ରୀ ବିଦ୍ୟା ବଲାନଙ୍କ ମଞ୍ଜୁଲିକା ଚରିତ୍ର ସମସ୍ତଙ୍କୁ ବେଶ୍ ପସନ୍ଦ ଆସିଥିଲା। ୨୦୦୭ରେ ରିଲିଜ୍ ହୋଇଥିବା ଫିଲ୍ମ ସେତେବେଳେ ବେଶ୍ ଚର୍ଚ୍ଚାକୁ ଆସିଥିଲା। ଫିଲ୍ମରେ ଆତ୍ମାର ଡର ସହିତ କମେଡି ଭରି ରହିଥିଲା। ପ୍ରିୟଦର୍ଶନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟ କୁମାର, ବିଦ୍ୟା ବଲାନ, ସନୋଜ ଯୋଷୀ, ଅମୀଷା ପଟେଲ, ପରେଶ ରାୱଲ, ରାଜପାଲ ଯାଦବ ପ୍ରମୁଖ ମୁଖ୍ୟ ଭୂମିକାରେ ନଜରକୁ ଆସିଥିଲେ। ପରେ ଏହାର ଦ୍ୱିତୀୟ ଭାଗ ଆସିବାକୁ ନିଷ୍ପତ୍ତି ହୋଇଥିବାବେଳେ ଏଥିରେ ବିଦ୍ୟା ବଲାନଙ୍କୁ ଦେଖିବାକୁ ମିଳି ନ ଥିଲା। ୨୦୨୨ରେ ରିଲିଜ୍ ହୋଇଥିବା ଅନିଷ ବାଜମିଙ୍କ ନିର୍ଦ୍ଦେଶିତ ଭୁଲ ଭୁଲେୟା ୨ରେ ତବୁ, କାର୍ତ୍ତିକ ଆର୍ଯ୍ୟନ, କିଆରା ଆଡଭାନୀ, ରାଜପାଲ ଯାଦବ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା। ତେବେ ଫିଲ୍ମର ତୃତୀୟ ଭାଗରେ ପୁଣି ଥରେ ବିଦ୍ୟାଙ୍କୁ ଦେଖିବାକୁ ମିଳିବ। ସେ ପୁନଃ ମଞ୍ଜୁଲିକା ଚରିତ୍ରର ଯାଦୁ ଦେଖାଇବେ। ତେବେ ଏଥିରେ ଅଭିନେତା କାର୍ତ୍ତିକ ମୁଖ୍ୟ ଭୂମିକାରେ ରହିବେ। ଫିଲ୍ମ ଆସନ୍ତା ଦୀପାବଳିରେ ରିଲିଜ୍ ହେବ।

## ସଂକ୍ଷେପରେ

### ଜାନୁଆରୀ ୧୮ରେ ଅବସରପ୍ରାପ୍ତ ସୈନିକଙ୍କ ପେନସନ୍ ଅଦାଲତ

ଭୁବନେଶ୍ୱର,୧୭।୧(ଅନିଲ ଦାସ)

ପ୍ରିନ୍ସିପାଲ କଣ୍ଟ୍ରୋଲର ଅଫ୍ ଡିଫେନ୍ସ ଆକାଉଣ୍ଟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନ୍‌ରେ ଚଳିତ ଜାନୁଆରୀ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅବସରପ୍ରାପ୍ତ ସୈନିକ ଏବଂ ଭାରତୀୟ ସଶସ୍ତ୍ର ବାହିନୀଙ୍କ ବୀରନାରୀ (ବିଧବା ପତ୍ନୀ)ମାନଙ୍କ ନିମନ୍ତେ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହେବ। ଏହାର ସୁଯୋଗ ନେବାକୁ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

### ସିଆର୍‌ଇ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୭।୧(ଅସମାପିକା ସାହୁ)

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ରିକ୍ରୁଟ୍‌ମେଣ୍ଟ ଏକ୍ସାମିନେଶନ(ସିଆର୍‌ଇ)-୨୦୨୩ ପାଇଁ ଆବେଦନ ଦାଖଲ କରିବାର ଅବଧି ବୃଦ୍ଧି କରାଯାଇଛି। ଏହି ପରୀକ୍ଷା ପାଇଁ ପୂର୍ବରୁ ଆବେଦନ ଅବଧି ଜାନୁଆରୀ ୩୧ ରହିଥିବାବେଳେ ଏହାକୁ ଫେବୃଆରୀ ୨୮କୁ ବଢ଼ାଯାଇଛି। ଏ ନେଇ ଆୟୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପରୀକ୍ଷା ପାଇଁ ପଞ୍ଜୀକରଣ ଫେବୃଆରୀ ୨୦ ଭିତରେ କରିବାକୁ ହେବ। ସୂଚନାଯୋଗ୍ୟ, ଜିଲାସ୍ତରରେ ଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର, ଏଆର୍‌ଆଇ, ଅମିନ ଏବଂ ଏସ୍‌ଏଫ୍‌ଏସ୍ ପଦବୀ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ।

### କୂଅରେ ଖସିପଡ଼ିଲେ ବୃଦ୍ଧ

ଢେଙ୍କାନାଳ,୧୭।୧(ରତନ ନାୟାର)

ଢେଙ୍କାନାଳ ସହର ମହାବୀର ଅଞ୍ଚଳ ବଜାରରୁ ବୁଧବାର ରାତି ୮ଟାରେ ଏକ କମ୍ ଓସାର ଥିବା କୂଅ ଭିତରେ ଖସି ପଡିଥିବା ପ୍ରଫୁଲ୍ଲ ଦଳେଇ (୬୦)ଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରଲେଖା ହେବା ସୁଦ୍ଧା ତାଙ୍କ ଶରୀର ସୁସ୍ଥ ଥିବା ଜଣାପଡିଛି।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୭।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଫାଣ୍ଡି ପୋଲିସ ମଙ୍ଗଳବାର ବଡହୁଲା ଦାଦରସାହି ଗ୍ରାମରେ ଚଢାଉ କରି ରେବତୀ ବେହେରାଙ୍କ ଘରୁ ୧୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୩୪/୨୪ ରେ ଏକ ମାମଲା ରୁଜୁ ହୋଇଛି। ରେବତୀ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଫାଣ୍ଡି ପୋଲିସ ଚଢାଉ କରିଥିଲା।

# କନିଷ୍ଠ ଶିକ୍ଷକ ପରୀକ୍ଷାରେ ଅନିୟମିତତା ଅଭିଯୋଗ

## ଫଳାଫଳକୁ ନେଇ ଅସନ୍ତୋଷ, ଓସେପା ସମ୍ମୁଖରେ ଧାରଣା

ଭୁବନେଶ୍ୱର, ୧୭।୧(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ହୋଇଥିବା କମ୍ପ୍ୟୁଟର ବେସ୍‌ଡ ପରୀକ୍ଷାଫଳ ପ୍ରକାଶ ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଦ୍ୱାରା ହୋଇଥିବା ଏହି ପରୀକ୍ଷା ପରିଚାଳନାରେ ବହୁ ଅନିୟମିତତା ହୋଇଥିବା ସେମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ପ୍ରତିବାଦରେ ବହୁ ଆଶାୟୀ ଓସେପା କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦେବା ସହ ଶିକ୍ଷା କ୍ଷେତ୍ରରେ ଏଭଳି ଅନିୟମିତତାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ଓସେପା କଟ୍ ଅପ୍ ଲିଷ୍ଟ ବାହାର ନ କରି ସିଧାସଳଖ ମେରିଟ୍ ଲିଷ୍ଟ ପ୍ରକାଶ କରିଛି। ବହୁ ପରିକ୍ଷାର୍ଥୀ ଅଧିକ ମାର୍କ ରଖିଛନ୍ତି, କିନ୍ତୁ ସେମାନଙ୍କ ନାମ ମେରିଟ୍ ଲିଷ୍ଟରେ ପ୍ରକାଶ ପାଇନାହିଁ। ଏଥିସହିତ ସିବିଟି କେଉଁମାନେ କ୍ଲିୟର କରିଛନ୍ତି, ତା'ର ମଧ୍ୟ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇ ନାହିଁ। ଏ ସମ୍ପର୍କରେ ଜଣେ ଆଶାୟୀ କହିଛନ୍ତି, କେଉଁ ଆଧାରରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି ତାହା ଆମେ ଜାଣିପାରୁନାହୁଁ। ପ୍ରାର୍ଥୀ ଚୟନ ପାଇଁ କ'ଣ ମାପକାଠି(କ୍ରାଇଟେରିଆ) ଅଛି? କେଉଁମାନେ କେତେ ମାର୍କ ରଖିଛନ୍ତି, ତାହାର ତଥ୍ୟ ଦିଆଯାଇ ନାହିଁ କି ସ୍ପଷ୍ଟ କରାଯାଇ ନାହିଁ। ଏଥିସହିତ କେତେଜଣ ଏସ୍‌ସି, ଏସ୍‌ଟି ଏବଂ ସାଧାରଣ ବର୍ଗରେ ପାଇଛନ୍ତି, ତାହା ମଧ୍ୟ ଜଣାଯାଇନାହିଁ। ତେଣୁ ଏସବୁକୁ ଦେଖିଲେ ବ୍ୟାପକ ଅନିୟମିତତା ବାରିହୋଇପଡୁଛି। ଏ ନେଇ ଓସେପା ନିର୍ଦ୍ଦେଶକ ଅନୁପମ ଶାହା କହିଛନ୍ତି, ଏହି ପରୀକ୍ଷାର ଉତ୍ତର ଖାତାକୁ ନେଇ ଆମେ ପୂର୍ବରୁ ଅଭିଯୋଗ ପାଇଥିଲୁ। ଆମେ ତା'ର ଯାଞ୍ଚ କରିଥିଲୁ। ସିବିଟି ସ୍କୋରିଂ ଆଧାରରେ ମୂଲ୍ୟାୟନ ହୋଇଛି। ଏଥିରେ କୌଣସି ଅସୁବିଧା ହୋଇନାହିଁ। ଯାହାସବୁ ପ୍ରକ୍ରିୟା ଥିଲା, ତାହାକୁ ଆମେ ପାଳନ କରିଛୁ ବୋଲି ଶାହା କହିଛନ୍ତି।

ସୂଚନାଯୋଗ୍ୟ, କନିଷ୍ଠ ଶିକ୍ଷକ(ସ୍କିମାଟିକ) ଲିଖିତ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଥିଲା। କଳା, ବିଜ୍ଞାନ, ତେଲୁଗୁ, ଉର୍ଦ୍ଦୁ ଓ ବଙ୍ଗଳା ଶିକ୍ଷକ ପାଇଁ ମୋଟ୍ ୧୮,୭୮୮ ଜଣ ତାଲିକାରେ ସ୍ଥାନ ପାଇଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଶିକ୍ଷକ ପାଇଁ ମୋଟ ୯,୯୮୨ଜଣ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଶିକ୍ଷକ ପାଇଁ ମୋଟ ୮,୮୦୬ଜଣ ଆଶାୟୀ କୃତକାର୍ଯ୍ୟ ହୋଇଛନ୍ତି।

# ବେନାମୀ ବ୍ୟାଙ୍କ ଆକାଉଣ୍ଟ ର୍‍ୟାକେଟ୍‌ର ଆଉ ଜଣେ ଗିରଫ

## ପଶ୍ଚିମବଙ୍ଗରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୭।୧(ସତ୍ୟଜିତ୍ ରାଉତ)



ସୌରଭ ମାଇତି

ନିରୀହ ଗାଁ ଲୋକଙ୍କୁ ଫସାଇ ସେମାନଙ୍କ ନାଁରେ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା ପରେ ଏହାକୁ ସାଇବର ଅପରାଧୀଙ୍କୁ ବିକ୍ରି ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ତଦନ୍ତ ଜାରି ରଖିଛି। ଏବେ ଏହି ର୍‍ୟାକେଟ୍‌ର ଆଉ ଜଣଙ୍କୁ ପଶ୍ଚିମବଙ୍ଗରୁ ଧରିଛି। ସେ ହେଲେ ପଶ୍ଚିମମେଦିନାପୁର ଜିଲା ମୋହନପୁର ଥାନା ରାମପୁର ଅଞ୍ଚଳର ସୌରଭ ମାଇତି। ସୌରଭଙ୍କୁ ସୋମବାର ଗିରଫ ପରେ ଏସ୍‌ଟିଏଫ୍ ତାଙ୍କୁ ଉତ୍ତର ୨୪ ପ୍ରାଗଣାସ୍ଥିତ କୋର୍ଟକୁ ଚାଲାଣ କରିଥିଲା। ପରେ ୪ ଦିନିଆ ରିମାଣ୍ଡରେ ସୌରଭଙ୍କୁ ଓଡ଼ିଶା ଆଣି ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେ ଜେଲ ଯାଇଛନ୍ତି। ଏହି ମାମଲାରେ ଗତବର୍ଷ ଅକ୍ଟୋବରରେ ଏସ୍‌ଟିଏଫ୍ ର୍‍ୟାକେଟର ମାଷ୍ଟରମାଇଣ୍ଡ ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ଜିଲାର ଏସ୍.କେ. ଜମିରଉଦ୍ଦିନ୍, ବାଲେଶ୍ୱର ଜିଲା ରାଇବଣିଆ ଥାନା ବରହମ୍‌ପୁର ଅଞ୍ଚଳର ଏସ୍.କେ. ଜାହାଙ୍ଗୀର୍ ଓ ଏସ୍.କେ. ହାଫିଜୁଲ୍ ଏବଂ ଡିସେମ୍ବରରେ ପଶ୍ଚିମବଙ୍ଗ ମୁର୍ଷିଦାବାଦ୍ ଜିଲା ଗୁଡ଼ିଆ ଅଞ୍ଚଳର ସମିମ୍ ଇସ୍‌ଲାମ୍‌ଙ୍କୁ ଗିରଫ କରିଥିଲା। ଏବେ ଏମାନେ ସମସ୍ତେ ଜେଲରେ ଅଛନ୍ତି।

ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମଙ୍ଗର ତ୍ରିକୋଣୀୟ ଅଞ୍ଚଳରେ ଏହି ର୍‍ୟାକେଟ୍ ସକ୍ରିୟ ରହିଥିଲା। ର୍‍ୟାକେଟର ସଦସ୍ୟମାନେ ବିଶେଷ କରି ବାଲେଶ୍ୱର, ମୟୂରଭଞ୍ଜ, ପୂର୍ବ ମେଦିନାପୁର, ପଶ୍ଚିମ ମେଦିନାପୁର, ପୂର୍ବ ସିଂହଭୂମୀ, ପଶ୍ଚିମ ସିଂହଭୂମୀ ଓ ସରାଇକେଲା ଜିଲାରେ ଏପରି ବେଆଇନ କାରବାର ଚଳାଇଥିଲେ। ୧୦ରୁ ୧୫ ଜଣ ଯୁବକଙ୍କୁ ମାଷ୍ଟରମାଇଣ୍ଡ ଜମିରଉଦ୍ଦିନ୍ ମାସକୁ ୧୫ ହଜାର ଟଙ୍କା ଦରମାରେ ନିଯୁକ୍ତି ଦେଇଥିଲେ। ନିଯୁକ୍ତି ପାଇଥିବା ଯୁବକମାନେ ଗ୍ରାମୀଣ ଅଞ୍ଚଳକୁ ଯାଇ ଲୋକଙ୍କୁ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଥିଲେ। ପ୍ରତି ଲୋକଙ୍କୁ ଆକାଉଣ୍ଟ ପିଛା ୨ ହଜାର ଟଙ୍କା ଦିଆଯାଉଥିଲା। ବ୍ୟାଙ୍କ ଆକାଉଣ୍ଟରେ ଗ୍ୟାଙ୍ଗର ସଦସ୍ୟମାନେ ଦେଉଥିବା ମୋବାଇଲ୍ ନମ୍ବର ହିଁ ଲିଙ୍କ୍ କରାଯାଉଥିଲା। ଏହାପରେ ଏସବୁ ବ୍ୟାଙ୍କ ଆକାଉଣ୍ଟ ଓ ଲିଙ୍କ୍ ଥିବା ମୋବାଇଲ ନମ୍ବରକୁ ଏହି ର୍‍ୟାକେଟ୍ ବିଭିନ୍ନ ସାଇବର ଠକମାନଙ୍କୁ ୧୫ ହଜାରରୁ ୨୦ ହଜାର ଟଙ୍କାରେ ବିଭିନ୍ନ ସୋସିଆଲ୍ ମିଡିଆ ଜରିଆରେ ବିକ୍ରି କରୁଥିଲେ।

# ବରଗଡ଼ ଧନୁଯାତ୍ରା: ନନ୍ଦ ଦରବାର ଉଦ୍‌ଘାଟିତ

ମଥୁରାନଗରୀ/ଗୋପପୁର,୧୭।୧



ବରଗଡ଼ ଏସ୍‌ପି ନନ୍ଦ ଦରବାରକୁ ଉଦ୍‌ଘାଟନ କରୁଛନ୍ତି।

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ବୁଧବାର ତୃତୀୟ ଦିବସରେ ଗୋପପୁରରେ ନନ୍ଦ ଦରବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ୍ ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନନ୍ଦ ଦରବାରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସମେତ ଗୋପପୁର ଯାତ୍ରା କମିଟିର ଈଶ୍ୱର ବାଗ, ନାରାୟଣ ଭୋଇ, ରବୀନ୍ଦ୍ର ପୂଜାରୀ, ଦେବବ୍ରତ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, କାଉନସିଲର ଦୀପାଞ୍ଜଳି ବାଗ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦ ଦରବାର ଉଦ୍‌ଘାଟନ ପରେ ଦୋଳିଖେଳା, ରାସନୃତ୍ୟ, ନଗର ସଂକୀର୍ତ୍ତନ ସହିତ କୃଷ୍ଣଙ୍କ ଗୋପପୁର ଭ୍ରମଣ ଦୃଶ୍ୟାଭିନୟ ଅଭିନୀତ ହୋଇଥିଲା।

ଅନ୍ୟପଟେ ମଥୁରାନଗରୀରେ କଂସ ମହରାଜ ରାଜମହଲରୁ ବାହାରି ମଥୁରା ଭ୍ରମଣ କରିଥିଲେ। ମଥୁରା ଭ୍ରମଣ ବାଟରେ ସେ ଶ୍ୟାମେଶ୍ୱର ମହାଦେବଙ୍କ ଦର୍ଶନ କରିଥିଲେ। ସେହିପରି ଶୂନ୍ୟବାଣୀ ଶୁଣିବା ପରେ ମର୍ମାହତ କଂସ ମହାରାଜ ରଙ୍ଗମହଲକୁ ଆସି ସାଂସ୍କୃତିକ ଦଳର ନୃତ୍ୟରେ ବିଭୋର ହୋଇଥିଲେ। ଏହି ସମୟରେ କଂସଙ୍କ ମନ ବିଚଳିତ ହୋଇଥିଲା। ସେ କାରାଗୃହକୁ ପ୍ରବେଶ କରି ପାଷାଣରେ ବିଜୁଳି କନ୍ୟାଙ୍କୁ ପ୍ରହାର କରିଥିଲେ। ଏହାପରେ ପୁଣିଥରେ ସେ ଶୂନ୍ୟବାଣୀ ଶୁଣିଥିଲେ ଏବଂ ଆହୁରି ବିଚଳିତ ହୋଇ ପଡ଼ିଥିଲେ। କଂସ ରାଜଦରବାକୁ ଫେରିଆସି ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ତଥାପି ଶୂନ୍ୟବାଣୀକୁ ନେଇ ତାଙ୍କ ମନ ଶାନ୍ତ ହୋଇ ନ ଥିଲା ଏବଂ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମିତ ତଥା ଗୋପପୁରରେ ବଢୁଥିବା ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଫକୀର ମୋହନ ଜୟନ୍ତୀ



ଭୁବନେଶ୍ୱର,୧୭।୧
(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ ଫକୀର ମୋହନ ଛାତ୍ରାବାସରେ (୩ ନଂ) ସୋମବାର ଫକୀର ମୋହନ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପିଜି ଛାତ୍ରାବାସର ୱାର୍ଡେନ ପ୍ରଫେସର ପି. କେ. ହୋତା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆମ ଜୀବନରେ ଓଡିଆ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ସରକାରୀ କଲେଜର ଅବସରପ୍ରାପ୍ତ ପ୍ରିନ୍ସିପାଲ ପ୍ରଫେସର ପ୍ରମୋଦ କୁମାର ଦ୍ୱିବେଦୀ ଯୋଗ ଦେଇଥିଲେ। ସେ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଜୀବନ ଯାତ୍ରା ଏବଂ ସେ କିପରି ଓଡିଆ ଭାଷା ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ଉପରେ ଆଲୋଚନା କରିଥିଲେ। ଉତ୍କଳ ଆଲୁମିନି ଆସୋସିଏଶନର ଉପସଭାପତି ରଘୁନାଥ ପୃଷ୍ଟି ଏବଂ ଆଇନଜୀବୀ ପ୍ରବୀର କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓଡିଆ ବିଭାଗର ସହକାରୀ ପ୍ରଫେସର ଡ. ରମେଶ ଚନ୍ଦ୍ର ମଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଫକୀର ମୋହନ ଛାତ୍ରାବାସର ସହକାରୀ ଅଧୀକ୍ଷକ ଡ. ପ୍ରଫୁଲ୍ଲ କୁମାର ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ୫୦ରୁ ଅଧିକ ଛାତ୍ର ଯୋଗ ଦେଇଥିଲେ।

# ଅହିଂସା ଖଣ୍ଡୁଆ ପାଟ ସୂତାରେ ବୁଣାଯାଇଛି ଅଙ୍ଗବସ୍ତ୍ର

## ଅଯୋଧ୍ୟାର ରାମଲାଲାଙ୍କ ପାଇଁ ଅଙ୍ଗବସ୍ତ୍ର, ଉତ୍ତରୀୟ ନିର୍ମାଣ ଶେଷ

ତିଗିରିଆ,୧୭।୧(ଜାଫର ଖାଁ)

ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଚଳିତ ମାସ ୨୨ରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ହେବ। ଏହା ପରଦିନ କଟକ ଜିଲା ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାର ଖଣ୍ଡୁଆ ପାଟବସ୍ତ୍ରକୁ ସେ ପରିଧାନ କରିବେ। ଏନେଇ ବୁଣାକାରମାନେ ଅହିଂସା ଖଣ୍ଡୁଆ ପାଟ ସୂତାରେ ପ୍ରସ୍ତୁତ ଅଙ୍ଗବସ୍ତ୍ର ଓ ଉତ୍ତରୀୟ ବୁଣା ଶେଷ କରିଛନ୍ତି। ବୁଧବାର ଉକ୍ତ ବସ୍ତ୍ର ନେଇ ଅଯୋଧ୍ୟା ଯିବାର କାର୍ଯ୍ୟକ୍ରମ ରହିଛି। ନୂଆପାଟଣାସ୍ଥିତ ନଂ. ୧ ବୁଣାକାର ତନ୍ତୁବାୟ ସମିତିର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାନ୍ଧକଳା କାରିଗର ଅର୍ଜ୍ଜୁନ ପାଳଙ୍କ ଟିମ୍ ପକ୍ଷରୁ ବାଳକ ରାମଲାଲାଙ୍କ ପାଇଁ ୫ ହାତ ଲମ୍ବର ଅଙ୍ଗବସ୍ତ୍ର ଓ ୩ ହାତ ଲମ୍ବର ଉତ୍ତରୀୟ ବୁଣାଯାଇଛି। ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟ ସହ ନୂଆପାଟଣା ନଂ.୧ ବୁଣାକାର ସମିତିର ଯୋଗାଯୋଗ ପରେ ଉକ୍ତ ବସ୍ତ୍ର ନିର୍ମାଣ ଆରମ୍ଭ ହୋଇଥିଲା। ବାନ୍ଧ କାରିଗର ଅର୍ଜ୍ଜୁନ ପାଳଙ୍କ ସହ ରମାକାନ୍ତ ତୋଷ, ମନୋରଞ୍ଜନ ତୋଷ, ଶରତ କୁମାର ବେହେରା, ସବ୍ୟସାଚୀ ପାତ୍ର, ପ୍ରସନ୍ନ ନନ୍ଦୀ, ହେମନ୍ତ କୁମାର କୁଣ୍ଡୁ, ନରେଶ ତୋଷ, ପରିକ୍ଷିତ ବେହେରା ଓ ଶୁଭେନ୍ଦୁ ପାତ୍ର ଏହି ବସ୍ତ୍ର ତିଆରି କରିଛନ୍ତି। ବୁଧବାର ଉକ୍ତ ବସ୍ତ୍ରକୁ ନୂଆପାଟଣାସ୍ଥିତ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମ ପରିକ୍ରମା କରି ଅଯୋଧ୍ୟା ଅଭିମୁଖେ ନିଆଯିବ। ବୁଣାକାର ପରିକ୍ଷିତ ବେହେରା ଉକ୍ତ ବସ୍ତ୍ର ନେଇ ଅଯୋଧ୍ୟା ଯିବେ ବୋଲି ବୁଣାକାର କେଶବ ପାତ୍ର କହିଛନ୍ତି। ଉକ୍ତ ବସ୍ତ୍ର ୧୯ ତାରିଖରେ ଅଯୋଧ୍ୟାର ରାମ ମନ୍ଦିର ଟ୍ରଷ୍ଟ କମିଟି ନିକଟରେ ପହଞ୍ଚିବ। ୨୩ ତାରିଖରେ ରାମଲାଲା ଏହାକୁ ପରିଧାନ କରିବେ।



# ମନୋରଞ୍ଜନ କରିବ ଜୀ-ସାର୍ଥକର ୩ ନୂଆ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୧
(ଅନୁରାଧା ମହାରଣା)



ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ୩ଟି ନୂଆ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ସପ୍ତାହରୁ ଦୁଇଟି ମେଗା ଧାରାବାହିକ ଓ ଗୋଟିଏ ରିୟଲିଟି ଶୋ' ପ୍ରସାରଣ ହେବ। ୨୦ ତାରିଖରୁ ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ରେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ-ଜୀ ସାର୍ଥକ ସଂସାର ଡବଲସ୍ ଲିଗ୍' ପ୍ରସାରିତ ହେବ। ଜୀ-ସାର୍ଥକ ବିଭିନ୍ନ ମେଗା ଧାରାବାହିକରୁ ଲୋକପ୍ରିୟ ସେଲିବ୍ରେଟି ୧୨ଟି ଯୋଡ଼ି ପ୍ରତି ସପ୍ତାହରେ ବିଭିନ୍ନ ନୃତ୍ୟ ଓ ମନୋରଞ୍ଜନ ପୂର୍ଣ୍ଣ ଖେଳ ପ୍ରଦର୍ଶନ କରିବେ। ସୁଜିତ ଓ ଚାନ୍ଦିନୀଙ୍କ ସଂଯୋଜନାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଭିନେତା ଦେବାଶିଷ ପାତ୍ର ଓ ଡ୍ୟାନ୍ସର ହରିହର ଦାଶ ଜୁରୀ ଦାୟିତ୍ୱ ତୁଲାଇବେ। ସେହିପରି ୨୨ ତାରିଖରୁ ପ୍ରତି ସୋମବାରରୁ ଶୁକ୍ରବାର ସନ୍ଧ୍ୟା ୭ରୁ ମେଗା ଧାରାବାହିକ 'ମଧୁର ସଂସାର' ପ୍ରସାରିତ ହେବ। ଏଥିରେ ଏକ ଯୌଥ ପରିବାରର କାହାଣୀ ଦେଖିବାକୁ ମିଳିବ, ଯେଉଁଥିରେ ମଧୁ ଭୂମିକାରେ ଅଭିନେତ୍ରୀ ଭକ୍ତି ପଟ୍ଟନାୟକ ଏବଂ ମାନସ ଭୂମିକାରେ ଲୋକପ୍ରିୟ ନାୟକ ଆଦିତ୍ୟଙ୍କ ଅଭିନୟ କରିବେ। ଅନ୍ୟପଟେ ୨୨ ତାରିଖ ରାତି ୮ରୁ ମେଗା ଧାରାବାହିକ 'ଶ୍ରୀ'ର ପ୍ରସାରଣ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶାର ଲୋକପ୍ରିୟ ଡ୍ୟାନ୍ସିଂ ଷ୍ଟାର୍ ହରିହର ଦାଶ ପ୍ରଥମଥର ପାଇଁ ଏହି ଧାରାବାହିକରେ ଅଭିନୟ କରିଛନ୍ତି। ଦେବିକା ଅରୁନ୍ଧତୀଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହି ୩ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭରପୂର ମନୋରୋଞ୍ଜନ କରିବ ବୋଲି ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି।

# ୪୬ଜଣଙ୍କୁ 'ବିଶିଷ୍ଟ ରେଳ ସେବା ପୁରସ୍କାର'

- ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳକୁ 'ସାମଗ୍ରିକ ଦକ୍ଷତା ସିଲ୍ଡ'
- ଶ୍ରୀକାକୁଲମ ରୋଡ୍, ବରଗଡ଼ ରୋଡ୍ ଷ୍ଟେଶନକୁ 'କ୍ଲିନ୍‌ଲିନେସ୍ ଶିଲ୍ଡ'

ଭୁବନେଶ୍ୱର,୧୭।୧
(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ବିଶିଷ୍ଟ ରେଳ ସେବା-୨୦୨୩ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଉତ୍ସର୍ଗୀକୃତ, ନିଷ୍ଠାପର ସେବା ଓ କାର୍ଯ୍ୟଦକ୍ଷତା ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ରେଳ କର୍ମଚାରୀମାନଙ୍କୁ 'ବିଶିଷ୍ଟ ରେଳ ସେବା ପୁରସ୍କାର' ପ୍ରଦାନ କରିଛନ୍ତି। ୪୬ଜଣ ରେଳ କର୍ମଚାରୀଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଦୁଇଟି ଦଳଗତ ପୁରସ୍କାର ପ୍ରଦାନ କରାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ରେଳ ଟ୍ରାଫିକ ପୁନରୁଦ୍ଧାର ଆଦି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳକୁ ପୂର୍ବତଟ ରେଳପଥର ସର୍ବୋତ୍ତମ ମାନ୍ୟତା ଦିଆଯାଇ 'ସାମଗ୍ରିକ ଦକ୍ଷତା ଶିଲ୍ଡ' ପ୍ରଦାନ କରାଯାଇଥିଲା। ୱାଲ୍‌ଟିୟର ରେଳ ମଣ୍ଡଳର ଶ୍ରୀକାକୁଲମ ରୋଡ୍ ରେଳ ଷ୍ଟେଶନକୁ ବଡ଼ ଷ୍ଟେଶନ ବର୍ଗରେ ଏବଂ ସମ୍ବଲପୁର ରେଳ ମଣ୍ଡଳର ବରଗଡ ରୋଡ୍ ଷ୍ଟେଶନକୁ ଛୋଟ ଷ୍ଟେଶନ ବର୍ଗରେ ଶ୍ରେଷ୍ଠ ପରିଚ୍ଛନ୍ନତା କ୍ଷେତ୍ରରେ 'କ୍ଲିନ୍‌ଲିନେସ୍ ଶିଲ୍ଡ' ପ୍ରଦାନ କରାଯାଇଛି। ଉତ୍ସବରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସଭାପତି ଦିବ୍ୟା ଶର୍ମା, ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଯୋଗଦେଇଥିବାବେଳେ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ୱାଲ୍‌ଟିୟର ରେଳ ମଣ୍ଡଳର ରେଳପଥ ପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବତଟ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ନିଜ ବକ୍ତବ୍ୟରେ ପୁରସ୍କାର ଗ୍ରହଣ କରିଥିବା ରେଳ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ରେଳପଥର ଉପ ମହାପ୍ରବନ୍ଧକ ବିଶ୍ୱଜିତ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

> ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତିରେ ୭% ଅଭିବୃଦ୍ଧି ଘଟିପାରେ। ଆଗକୁ ମୁଦ୍ରାସ୍ଫୀତି ଆହୁରି ହ୍ରାସ ପାଇବ।
> -ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର

# ବିନା ସିମ୍‌ରେ ଉପଲବ୍ଧ ହେବ ଭିଡିଓ

**ନୂଆଦିଲ୍ଲୀ,୧୭।୧ :** ଡାଇରେକ୍ଟ-ଟୁ-ମୋବାଇଲ୍ ବ୍ରଡ୍‌କାଷ୍ଟିଂ ନିକଟ ଭବିଷ୍ୟତରେ ବାସ୍ତବ ରୂପ ନେବାକୁ ଯାଉଛି। ଖୁବ୍‌ଶୀଘ୍ର ବିନା ସିମ୍‌କାର୍ଡ କିମ୍ବା ବିନା ଇଣ୍ଟରନେଟ୍ ସଂଯୋଗରେ ମୋବାଇଲ ବ୍ୟବହାରକାରୀଙ୍କ ନିକଟରେ ଭିଡିଓ ପହଞ୍ଚିପାରିବ। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଡାଇରେକ୍ଟ-ଟୁ-ମୋବାଇଲ୍ (ଡି୨ଏମ୍) ଟେକ୍ନୋଲୋଜି ଉପରେ ୧୯ଟି ସହରରେ ଖୁବ୍‌ଶୀଘ୍ର ପରୀକ୍ଷାମୂଳକ ବ୍ୟବହାର ଆରମ୍ଭ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ରା ବ୍ରଡକାଷ୍ଟିଂ ସମିଟ୍‌ରେ କହିଛନ୍ତି। ଏହି ପ୍ରଯୁକ୍ତି ଲାଗି ୪୭୦ରୁ ୫୮୨ ମେଗାହର୍ଜ ସ୍ପେକ୍ଟ୍ରମ୍ ଯୋଗାଇଦିଆଯିବ। ଭିଡିଓ ଟ୍ରାଫିକ୍‌ର ୨୫ରୁ ୩୦ ପ୍ରତିଶତ ଡି୨ଏମ୍‌କୁ ସ୍ଥାନାନ୍ତର କରାଯିବା ଦ୍ୱାରା ୫ଜି ନେଟୱାର୍କ ଜାମ୍ ହ୍ରାସ ପାଇବ, ଯାହା ଦେଶର ଡିଜିଟାଲ ବିବର୍ତ୍ତନକୁ ତ୍ୱରାନ୍ୱିତ କରିବା ସହ କଣ୍ଟେଣ୍ଟ ପ୍ରଦାନକୁ ଅଧିକ ସ୍ୱାଧୀନତା ଦେବ।




୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ୨୪୦ ଜଣଙ୍କୁ ଅପହରଣ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରେ ଥିଲେ ୧୦ ମାସର ଶିଶୁ କେଫିର୍ ବିବାସ୍, ତାଙ୍କ ୪ ବର୍ଷର ଭାଇ ଆରିଏଲ ଓ ସେମାନଙ୍କ ମା' ଶିରି ବିବାସ(୩୨)। କେଫିରଙ୍କୁ ହମାସ୍ ଅଦ୍ୟାବଧି ଛାଡ଼ିନାହିଁ। ଇତିମଧ୍ୟରେ ସେ ୧ ବର୍ଷରେ ପଦାର୍ପଣ କରିଛନ୍ତି। ତେଣୁ ତାଙ୍କ ଅନୁପସ୍ଥିତିରେ ପରିବାର ସଦସ୍ୟମାନେ କେଫିରଙ୍କ ପ୍ରଥମ ଜନ୍ମଦିନ ପାଳନ କରିଛନ୍ତି। ଏକ ପ୍ଲାକାର୍ଡରେ କେଫିରଙ୍କ ଫଟୋ ଓ ବେଲୁନ୍ ଲଗାଇ ଇସ୍ରାଏଲୀମାନେ ତାଙ୍କର ତୁରନ୍ତ ମୁକ୍ତି ଦାବି କରିଛନ୍ତି।

# ୨୦ କେ.ଜି. ବିସ୍କୁଟ୍‌ରେ ରାମମନ୍ଦିର

**କୋଲକାତା, ୧୭।୧**

ଜାନୁଆରୀ ୨୨ ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ ପଶ୍ଚିମବଙ୍ଗର ଜଣେ ବ୍ୟକ୍ତି ୨୦ କେ.ଜି. ପାର୍ଲେଜି ବିସ୍କୁଟରେ ମନ୍ଦିରର ପ୍ରତିରୂପ ତିଆରି କରିଛନ୍ତି। ଛୋଟନ୍ ଘୋଷଙ୍କ ଦ୍ୱାରା ନିର୍ମିତ ଏହି ରାମମନ୍ଦିର ପ୍ରତିରୂପର ଉଚ୍ଚତା ହେଉଛି ୪ ଫୁଟ୍। ଏହାକୁ ନିର୍ମାଣ କରିବା ପାଇଁ ଛୋଟନ୍ ଓ ତାଙ୍କ ବନ୍ଧୁମାନଙ୍କୁ ୫ ଦିନ ଲାଗିଥିଲା। ସେମାନେ ପ୍ରଥମେ ଥର୍ମୋକୁଲ, ପ୍ଲାଏଉଡ୍, ଗ୍ଲୁ ଗୁନ୍ସ ବ୍ୟବହାରକରି ଡିଜାଇନ୍ ପ୍ରସ୍ତୁତ କରିଥିଲେ। ତା' ଉପରେ ପାର୍ଲେଜି ବିସ୍କୁଟଗୁଡ଼ିକୁ ସଜାଡ଼ି ରଖିଥିଲେ। ଏହାକୁ ଦେଖିବା ପାଇଁ ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜନଗହଳି ଲାଗିରହିଛି।



ଛୋଟନ୍ ଏହା ପୂର୍ବରୁ ଚନ୍ଦ୍ରୟାନ୍ -୩ର ପ୍ରତିରୂପ ତିଆରି କରି ଚର୍ଚ୍ଚାକୁ ଆସିଥିଲେ।

# ଶାହି ଇଦ୍‌ଗା ମସ୍‌ଜିଦ ସର୍ଭେ ପାଇଁ କମିଶନର ନିଯୁକ୍ତି ସ୍ଥଗିତ

**ନୂଆଦିଲ୍ଲୀ,୧୭।୧:** ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ବିବାଦ ସହ ସମ୍ପୃକ୍ତ ଶାହି ଇଦ୍‌ଗା ମସ୍‌ଜିଦ ଅନୁଧ୍ୟାନ ଲାଗି ଏକ କମିଶନ ନିଯୁକ୍ତ କରିବାକୁ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ହିନ୍ଦୁ ପକ୍ଷର ଆଇନଜୀବୀ ଶ୍ୟାମ ଦିବାନଙ୍କୁ ଏହା ଜଣାଇଦେଇଛନ୍ତି। ମସ୍‌ଜିଦ ସର୍ଭେ ଲାଗି କମିଶନ ଗଢ଼ିବାରେ ଆଇନଗତ ସମସ୍ୟା ରହିଥିବା ଖଣ୍ଡପୀଠ କହିବା ସହ କମିଶନର ନିଯୁକ୍ତି ନିମନ୍ତେ ହାଇକୋର୍ଟରେ ଅସ୍ପଷ୍ଟ ଆବେଦନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସବୁକିଛି ଅଦାଲତଙ୍କ ଅନୁଧ୍ୟାନ ଉପରେ ଛାଡ଼ିଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। କୃଷ୍ଣ ଜନ୍ମଭୂମି ବିବାଦକୁ ନେଇ ୧୮ଟି ମକଦ୍ଦମା ଅନ୍ୟ ଅଦାଲତକୁ ସ୍ଥାନାନ୍ତର ପ୍ରସଙ୍ଗ ରହିଛି। ସେଗୁଡ଼ିକର ପ୍ରୋସିଡିଂ ହାଇକୋର୍ଟରେ ଜାରି ରଖିବାକୁ ସୁପ୍ରିମକୋର୍ଟ ଅନୁମତି ଦେଇଥିବାବେଳେ ବର୍ତ୍ତମାନ କମିଶନ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି କହିଛନ୍ତି।

# ନିବେଶକ ହରାଇଲେ ୪.୬ ଲକ୍ଷ କୋଟି

**ପୁଞ୍ଜି ବଜାର ଧରାଶାୟୀ**

- ୧,୬୨୮ ପଏଣ୍ଟ ଖସିଲା ସେନ୍‌ସେକ୍ସ
- ନିଫ୍ଟି ୫୦ରେ ୨.୦୯% ହ୍ରାସ



| | | |
|---|---|---|
| ନିଫ୍ଟି ୫୦ | ୨୧,୫୭୧.୯୫ | -୪୬୦.୩୫ (୨.୦୯%) |
| ବ୍ୟାଙ୍କ ନିଫ୍ଟି | ୪୬,୦୬୪.୪୫ | -୨,୦୬୦.୬୫ (୪.୨୮%) |
| ସେନ୍‌ସେକ୍ସ | ୭୧,୫୦୦.୭୬ | -୧,୬୨୮.୦୧ (୨.୨୩%) |

**ମୁମ୍ବାଇ,୧୭।୧**

ଭାରତୀୟ ପୁଞ୍ଜି ବଜାର ବୁଧବାର ଧରାଶାୟୀ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସ ୧,୬୨୮.୦୧ ପଏଣ୍ଟ ଖସିଛି, ଯାହାକୁ ଗତ ୧୬ ମାସରେ ସବୁଠୁ ଖରାପ ପ୍ରଦର୍ଶନ ବୋଲି କୁହାଯାଉଛି। ଏଥିଯୋଗୁ ନିବେଶକମାନଙ୍କୁ ୪,୫୯,୩୨୭.୬୪ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୈରାଶ୍ୟଜନକ ତ୍ରୈମାସିକ ଫଳ ହେତୁ ଏହାର ଶେୟାର ଖସିବା ଯୋଗୁ ଉଭୟ ବିଏସ୍‌ଇ ସେନ୍‌ସେକ୍ସ ଏବଂ ନିଫ୍ଟି ୫୦ ଆଶାତୀତ ଭାବେ ତଳମୁହାଁ ହୋଇଛି। ନିଫ୍ଟି ୫୦ରେ ୪୬୦.୩୫ ପଏଣ୍ଟ (୨.୦୯%) ଏବଂ ବ୍ୟାଙ୍କ ନିଫ୍ଟିରେ ୨୦୬୦.୬୫ ପଏଣ୍ଟ (୪.୨୮%) ହ୍ରାସ ଘଟିଛି।

ବର୍ତ୍ତମାନ ବେଞ୍ଚମାର୍କ ସେନ୍‌ସେକ୍ସ ୭୧,୫୦୦.୭୬ରେ ରହିଥିବାବେଳେ ନିଫ୍ଟି ୫୦ରେ ୨.୦୯% ହ୍ରାସ ଘଟି ସୂଚକାଙ୍କ ୨୧,୫୭୧.୯୫ରେ ରହିଛି। ୨୦୨୨ ଜୁନ୍ ପରେ ନିଫ୍ଟି ୫୦ର ଏହା ହେଉଛି ସବୁଠୁ ବଡ଼ ଦିନିକିଆ ପତନ। ନିଫ୍ଟି ଆଇଟିକୁ ବାଦ୍ ଦେଲେ ସମସ୍ତ ସେକ୍ଟୋରାଲ ଇନ୍‌ଡାଇସ୍ ଲାଲ୍‌ରେ ବନ୍ଦ ହୋଇଥିଲା। ସେହିପରି ବ୍ରଡର ମାର୍କେଟରେ ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଏବଂ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ମଧ୍ୟ ୧% ଲେଖାଏ ନିମ୍ନଗାମୀ ହୋଇ ବନ୍ଦ ହୋଇଥିଲା।

ଭାରତର ଘରୋଇ ଅର୍ଥନୀତି ଭଲ ସ୍ଥିତିରେ ଥିବାବେଳେ କର୍ପୋରେଟ୍ ଆର୍ନିଂ ମଧ୍ୟ ଆଶାନୁରୂପ ରହିଛି। ଏହା ସତ୍ତ୍ୱେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଡିସେମ୍ବର ତ୍ରୈମାସିକ ଆୟ ନୈରାଶ୍ୟଜନକ ହୋଇଥିବା ଜଣାପଡ଼ିବା ପରେ ପ୍ରଫିଟ୍ ବୁକିଂ ଆରମ୍ଭ ହୋଇଯାଇଥିଲା। ଏଥିଯୋଗୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶେୟାର ମୂଲ୍ୟରେ ୮% ହ୍ରାସ ଦେଖିବାକୁ ମିଳିଥିଲା। ଏହି କାରଣରୁ ବ୍ୟାଙ୍କ ନିଫ୍ଟି ମଧ୍ୟ ୪.୨୮% ତଳକୁ ଖସିଥିଲା ବୋଲି ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ଭି.କେ. ବିଜୟକୁମାର କହିଛନ୍ତି।

ଶେୟାର ମାର୍କେଟର ଏହି ଦୁରବସ୍ଥା ପାଇଁ ବୈଶ୍ୱିକ ବଜାରର ଦୁର୍ବଳ ସଙ୍କେତକୁ ମଧ୍ୟ ଦାୟୀ କରାଯାଉଛି। ଏସୀୟ ବଜାର ଲାଲରେ ବନ୍ଦ ହୋଇଥିବାବେଳେ ଆମେରିକା ଷ୍ଟକ୍ ମାର୍କେଟ ମଧ୍ୟ ବଣ୍ଡ ୟିଲ୍ଡସ୍‌ରେ ବୃଦ୍ଧି ଯୋଗୁ ତଳମୁହାଁ ହେବାରେ ଲାଗିଥିଲା। ୟୁଏସ୍ ୧୦ ୟଅର୍ସ ଟ୍ରେଜେରି ନୋଟ୍ ୧୧ ବେସିସ୍ ପଏଣ୍ଟ ବୃଦ୍ଧି ପାଇଥିଲା। ସେହିପରି ଆମେରିକା ଫେଡେରାଲ ରିଜର୍ଭ ଗଭର୍ନର ଖ୍ରିଷ୍ଟୋଫର ୱାଲେରଙ୍କ ମନ୍ତବ୍ୟକୁ ନେଇ ବଜାରରେ ନୈରାଶ୍ୟ ଦେଖିବାକୁ ମିଳିଥିଲା। ମଙ୍ଗଳବାର ଖ୍ରିଷ୍ଟୋଫର କହିଥିଲେ, ଆମେରିକା ଫେଡେରାଲ ରିଜର୍ଭର ୨% ମୁଦ୍ରାସ୍ଫୀତି ଲକ୍ଷ୍ୟରୁ ବହୁ ଦୂରରେ ରହିଛି। ତେଣୁ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ହ୍ରାସ ପାଇଁ ତରବରିଆ ନିଷ୍ପତ୍ତି ନେବା ଅନୁଚିତ।

# ପ୍ରାଣ ପ୍ରତିଷ୍ଠା: ପ୍ରଧାନମନ୍ତ୍ରୀ ହେବେ ମୁଖ୍ୟ ଯଜମାନ

**ବାରାଣସୀ,୧୭।୧(ପି.ଟି.)**

ଆସନ୍ତା ୨୨ରେ ହେବାକୁ ଥିବା ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଯଜମାନ ରହିବେ ବୋଲି ମୁଖ୍ୟ ପୂଜକ (ରୀତିନୀତି) ଲକ୍ଷ୍ମୀକାନ୍ତ ଦୀକ୍ଷିତ ବୁଧବାର ସୂଚନା ଦେଇଛନ୍ତି। ଲକ୍ଷ୍ମୀକାନ୍ତ କହିଛନ୍ତି, ଟ୍ରଷ୍ଟ ସଦସ୍ୟ ଅନିଲ ମିଶ୍ରା ଓ ତାଙ୍କ ସ୍ତ୍ରୀ ଉଷା ମିଶ୍ରାଙ୍କୁ ମୁଖ୍ୟ କର୍ତ୍ତା କରାଯିବ ବୋଲି ଯାହା ଆଲୋଚନା ହେଉଛି, ତାହା ଭୁଲ୍। ସେମାନେ ପାରମ୍ପରିକ ରୀତିନୀତି ଅନୁସାରେ ପ୍ରାଣ ପ୍ରତିଷ୍ଠା ଦିନ ମଧ୍ୟ ଯଜମାନ ଦାୟିତ୍ୱ ତୁଲାଇବେ। କିନ୍ତୁ ମୁଖ୍ୟ ଯଜମାନ ପ୍ରଧାନମନ୍ତ୍ରୀ ମୋଦି ହେବେ। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ଅନିଲଙ୍କୁ ମୁଖ୍ୟ ଯଜମାନ କରାଯିବ। ମୋଦି କେବଳ ପ୍ରତୀକାତ୍ମକ ଯଜମାନ ବା ନାମମାତ୍ର କର୍ତ୍ତା ଭୂମିକାରେ ରହିବେ ବୋଲି ମଙ୍ଗଳବାର ରାମମନ୍ଦିର ପୂଜକ ସତ୍ୟେନ୍ଦ୍ର ଦାସ ସୂଚନା ଦେଇଥିଲେ। ଏହି ରିପୋର୍ଟ ଆସିବା ପରେ ନାନା ଚର୍ଚ୍ଚା ଜୋର୍ ଧରିଥିଲା।

# ମତାମତ ପାଇଁ ୱେବ୍‌ସାଇଟ୍ ଲଞ୍ଚ୍‌କଲା କଂଗ୍ରେସ

**ଲୋକ ସଭା ନିର୍ବାଚନ ଇସ୍ତାହାର ହେବ ଜନତାଙ୍କ ଘୋଷଣାପତ୍ର: ଚିଦାମ୍ବରମ୍**

**ନୂଆଦିଲ୍ଲୀ,୧୭।୧**

ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସର ଇସ୍ତାହାର ସାଧାରଣ ଜନତାଙ୍କ ଘୋଷଣାପତ୍ର ହେବାକୁ ଯାଉଛି। ଏଥିପାଇଁ ସାରା ଦେଶରୁ ଲୋକଙ୍କ ମତାମତ ଲୋଡ଼ିବା ଲାଗି ବଡ଼ ଧରଣ ଉଦ୍ୟମ କରାଯିବ ବୋଲି ବୁଧବାର ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏଆଇସିସି ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତକରି କଂଗ୍ରେସ ଇସ୍ତାହାର କମିଟି ମୁଖ୍ୟ ଚିଦାମ୍ବରମ୍ କହିଛନ୍ତି, ସବୁ ରାଜ୍ୟରୁ ଲୋକଙ୍କ ପ୍ରସ୍ତାବ ଗ୍ରହଣ ପାଇଁ ଦଳ ଉଦ୍ୟମ କରିବ। ଏଥିସକାଶେ କଂଗ୍ରେସ ପକ୍ଷରୁ ଆୱାଜ୍ ଭାରତ କୀ ଡଟ୍ ଇନ୍ ନାମରେ ଏକ ୱେବ୍‌ସାଇଟ୍‌ର ଶୁଭାରମ୍ଭ କରାଯାଇଛି। ଲୋକେ awaazbharatki@inc.inକୁ ମେଲ୍ କରି ନିଜ ପ୍ରସ୍ତାବ ପଠାଇପାରିବେ। ଲୋକଙ୍କ ମତାମତକୁ



ଖବରଦାତା ସମ୍ମିଳନୀରେ ସୁପ୍ରିୟା ଶ୍ରୀନେତ, ପି. ଚିଦାମ୍ବରମ୍ ଏବଂ ଟି.ଏସ୍. ସିଂଦେଓ।

ଯଥାସମ୍ଭବ ନିଜ ମାନିଫେଷ୍ଟୋରେ ସ୍ଥାନିତ କରିବା ପାଇଁ କଂଗ୍ରେସ ଉଦ୍ୟମ କରିବ। ୱେବ୍‌ସାଇଟ୍‌ରେ ମଧ୍ୟ ଲୋକେ ବିଷୟଭିତ୍ତିକ ମତାମତ ଦେଇପାରିବେ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚିଦାମ୍ବରମ୍ ସୂଚନା ଦେଇଛନ୍ତି। କଂଗ୍ରେସର ମାନିଫେଷ୍ଟୋ କମିଟିରେ ଅନ୍ୟ ୧୫ ସଦସ୍ୟ ରହିଛନ୍ତି। ସେମାନେ ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମା, ଜୟରାମ ରମେଶ, ଶଶୀ ଥରୁର, କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଛତିଶଗଡ଼ର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ। କମିଟି ସଦସ୍ୟମାନେ ପ୍ରତି ରାଜ୍ୟର ଜନସାଧାରଣ, ସ୍ଥାନୀୟ ନେତା ଓ ଦଳୀୟ କର୍ମୀଙ୍କ ସହ ବିଚାରବିମର୍ଶ କରିବେ। ଲୋକେ କିପରି ଭାବେ ନିଜ ନାମ, ମୋବାଇଲ୍ ନମ୍ବର ଓ ପିନ୍ କୋଡ୍ ସହ ପ୍ରସ୍ତାବଗୁଡ଼ିକୁ ୱେବ୍‌ସାଇଟ୍ ଜରିଆରେ ଦେଇପାରିବେ, ସେନେଇ କଂଗ୍ରେସର ରାଷ୍ଟ୍ରୀୟ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଅବଗତ କରାଇଥିଲେ।

# ଇରାନ୍ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କଲା ପାକିସ୍ତାନ

**ତେହରାନରୁ କୂଟନୀତିଜ୍ଞଙ୍କୁ ଫେରାଇନେଲା**

**ଇସ୍‌ଲାମାବାଦ/ତେହରାନ,୧୭।୧**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶସ୍ଥିତ ଆତଙ୍କବାଦୀ ସଙ୍ଗଠନ ଜୈଶ୍ ଅଲ୍-ଅଦଲର ୨ଟି ଶିବିରରେ ମଙ୍ଗଳବାର ଇରାନ ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣ କରାଯାଇଛି। ପୂର୍ବରୁ ଇରାନର ସୁରକ୍ଷା ବଳ ଉପରେ ଏହି ଆତଙ୍କବାଦୀ ସଙ୍ଗଠନ ଆକ୍ରମଣ କରିଥିବାରୁ ଏହାର ପ୍ରତିଶୋଧ ସ୍ୱରୂପ ତେହରାନ୍ ଟାର୍ଗେଟ କରିଥିବା କହିଛି। ଏହି ଘଟଣା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇରାନ୍‌ର ଆକ୍ରମଣକୁ ଇସ୍‌ଲାମାବାଦ ନିନ୍ଦା କରିଛି। ଇସ୍‌ଲାମାବାଦରେ ଅବସ୍ଥାପିତ ଇରାନୀୟ ରାଷ୍ଟ୍ରଦୂତଙ୍କୁ ବୁଧବାର ପାକିସ୍ତାନ ବହିଷ୍କାର କରିବା ସହ ତେହରାନ୍‌ରେ ଥିବା ନିଜ ଶୀର୍ଷ କୂଟନୀତିଜ୍ଞଙ୍କୁ ଫେରାଇ ଆଣିଛି।

ପାକିସ୍ତାନ ଓ ଇରାନ ମଧ୍ୟରେ ପ୍ରାୟ ୧,୦୦୦ କି.ମି. ବିସ୍ତୃତ ସୀମା ରହିଛି। ଜୈଶ୍ ଅଲ୍-ଅଦଲ୍ ଗୋଷ୍ଠୀ ବେଲୁଚିସ୍ତାନର ପଞ୍ଜଗୁର୍ ସହରକୁ ଆତଙ୍କବାଦ ପାଇଁ ବ୍ୟବହାର କରୁଥିବା ଅଭିଯୋଗ ଆଣି ଏଥିରୁ କ୍ଷାନ୍ତ ରହିବାକୁ ଇରାନ୍ ପୂର୍ବରୁ ଏନେକ ଥର ଚେତାବନୀ ଦେଇଥିଲା। କିନ୍ତୁ ଇରାନ୍‌ର ତାଗିଦ୍‌କୁ ପାକିସ୍ତାନ ଶୁଣି ନ ଥିଲା। ଇରାନ୍‌ର



ରିଭୋଲ୍ୟୁଶନାରି ଗାର୍ଡ୍ସ ଇରାକ୍ ଓ ସିରିଆରେ ମିଶାଇଲ ମାଡ଼ କରିବାର ଦିନକ ପରେ ଅର୍ଥାତ୍ ମଙ୍ଗଳବାର ବେଲୁଚିସ୍ତାନର ପଞ୍ଜଗୁର୍ ଅଞ୍ଚଳରେ ସୁନ୍ନି ଆତଙ୍କବାଦୀଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ଆତଙ୍କବାଦୀଙ୍କ ୨ଟି ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। 'ଗ୍ରିନ୍ ମାଉଣ୍ଟେନ୍' ଭାବେ ଜଣାଶୁଣା ଏହି ଅଞ୍ଚଳରେ ଅତର୍କିତ ମିଶାଇଲ ଓ ଡ୍ରୋନ୍ ଷ୍ଟ୍ରାଇକ୍‌ରେ ୨ ପାକିସ୍ତାନୀ ଶିଶୁ ନିହତ ଓ ୩ ଆହତ ହୋଇଛନ୍ତି। ଇରାନ୍ ପାକିସ୍ତାନର ବାୟୁସୀମା ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ଏହାକୁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଇସ୍‌ଲାମାବାଦ୍ କହିଛି।

କେବଳ ଏତିକି ନୁହେଁ, ଆକ୍ରମଣର ଗମ୍ଭୀର ପରିଣାମ ଇରାନ୍ ଭୋଗିବ ବୋଲି ପାକିସ୍ତାନ ଚେତାବନୀ ଦେଇଛି। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମୁମ୍ତାଜ୍ ଜହରା ବଲୁଚ୍ କହିଛନ୍ତି, ଇସ୍‌ଲାମାବାଦ ଇରାନରୁ ନିଜ ରାଷ୍ଟ୍ରଦୂତଙ୍କୁ ଫେରିଆସିବା ପାଇଁ ସମନ କରିଛି। ତେହରାନ୍ ଅଭିମୁଖେ ଯାତ୍ରା କରୁଥିବା ତାଙ୍କ ଇରାନୀୟ ପ୍ରତିପକ୍ଷ ବର୍ତ୍ତମାନ ପାଇଁ ଫେରି ନ ପାରନ୍ତି। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍‌ର ହମାସ୍ ବିରୋଧୀ ଆକ୍ରମଣ ଜାରି ରହିଥିବାବେଳେ ଇରାନ୍‌ର ସଦ୍ୟ ଏୟାର ଷ୍ଟ୍ରାଇକ୍ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ଘଟାଇଛି। ଏନେଇ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ କହିଛନ୍ତି, ଇରାନୀୟମାନେ ପାକିସ୍ତାନର ସାର୍ବଭୌମତ୍ୱ ଉଲ୍ଲଂଘନ କରିଛନ୍ତି। ଏହି କ୍ଷେପଣାସ୍ତ୍ର ଆକ୍ରମଣ ଦୁଇଦେଶର ବନ୍ଧୁତ୍ୱ ବିରୋଧୀ। ଏଥିଯୋଗୁ ଦୁଇରାଷ୍ଟ୍ରର ସମ୍ପର୍କ ପ୍ରଭାବିତ ହେବ।

# ବିମାନବନ୍ଦରରେ ଖୋଲିବ ୱାର୍ ରୁମ୍

**ନୂଆଦିଲ୍ଲୀ,୧୭।୧(ପି.ଟି.)**

ଘନ କୁହୁଡ଼ି ଯୋଗୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହେଉଥିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି। କୁହୁଡ଼ି ସମସ୍ୟା ସମ୍ପର୍କରେ ଦିଲ୍ଲୀ, ମୁମ୍ବାଇ ସମେତ ଦେଶର ୬ଟି ମେଟ୍ରୋ ଏୟାରପୋର୍ଟରେ ଦିନକୁ ୩ ଥର ରିପୋର୍ଟ କରାଯିବ। ଯାତ୍ରୀଙ୍କ ସମସ୍ୟା ସମାଧାନ ଲାଗି ଉକ୍ତ ବିମାନବନ୍ଦର ଏବଂ ଏୟାରଲାଇନ୍ସଗୁଡ଼ିକ 'ୱାର୍ ରୁମ୍' ସ୍ଥାପନ କରିବେ। ଏୟାରପୋର୍ଟଗୁଡ଼ିକରେ ପର୍ଯ୍ୟାପ୍ତ ସିଆଇଏସ୍‌ଏଫ୍ ଯବାନ ୨୪ ଘଣ୍ଟା ମୁତୟନ ରହିବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର କହିଛନ୍ତି। ଗତ କିଛିଦିନ ହେଲା ଘନ କୁହୁଡ଼ି ପାଇଁ ବିମାନ ଚଳାଚଳ ପ୍ରଭାବିତ ହୋଇଛି। ବିମାନ ବିଳମ୍ବକୁ ନେଇ ଦିଲ୍ଲୀ ଏୟାରପୋର୍ଟରେ ଇଣ୍ଡିଗୋ ଏୟାରଲାଇନ୍ସର ଜଣେ ପାଇଲଟଙ୍କୁ ଯାତ୍ରୀ ଆକ୍ରମଣ କରିଥିଲେ। ସେହିପରି ମୁମ୍ବାଇ ଏୟାରପୋର୍ଟରେ ଘନ କୁହୁଡ଼ି ଯୋଗୁ ଇଣ୍ଡିଆ ଯାତ୍ରୀମାନେ ଦୀର୍ଘ ସମୟ ଟର୍ମାକ୍‌ରେ ବସି ରହିବାରୁ ଉତ୍ତେଜନା ଦେଖାଦେଇଥିଲା। ଫଳରେ ସୋମବାର ଡିଜିସିଏ ଏୟାରଲାଇନ୍ସଗୁଡ଼ିକ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଜାରି କରିଥିଲେ। କୁହୁଡ଼ି ଯୋଗୁ ଉଡ଼ାଣରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବ ହେଲେ ଏୟାରଲାଇନ୍ସ କର୍ତ୍ତୃପକ୍ଷ ସମ୍ପୃକ୍ତ ବିମାନକୁ ବାତିଲ କରିପାରିବେ ବୋଲି ଏଥିରେ କୁହାଯାଇଥିଲା। ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଚେନ୍ନାଇ ଏବଂ କୋଲକାତା ମେଟ୍ରୋ ଏୟାରପୋର୍ଟରେ ୱାର୍ ରୁମ୍ ପ୍ରତିଷ୍ଠା କରାଯାଇ ଯାତ୍ରୀମାନଙ୍କ ଅସୁବିଧାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସିନ୍ଧିଆ କହିଛନ୍ତି।

# ଟ୍ରମ୍ପ୍‌ଙ୍କ ଆଶା ଉଜ୍ଜ୍ୱଳ




**ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ଓହରିଲେ ରାମସ୍ୱାମୀ**

**ୱାଶିଂଟନ୍,୧୭।୧**

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଦୌଡ଼ରୁ ଭାରତୀୟ ବଂଶୋଦ୍ଭବ ଏଣ୍ଟରପ୍ରିନ୍ୟୁର ବିବେକ ରାମସ୍ୱାମୀ ଓହରିଯାଇଛନ୍ତି। ଆଇଓୱା ରିପବ୍ଲିକାନ୍ କକ୍‌ସ୍‌ରେ ଦୁର୍ବଳ ପ୍ରଦର୍ଶନ ପରେ ରାମସ୍ୱାମୀ ପ୍ରାର୍ଥୀ ହେବା ପ୍ରତିଦ୍ୱନ୍ଦ୍ୱିତାରୁ ପଛଘୁଞ୍ଚା ଦେଇ ୭୭ ବର୍ଷୀୟ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ଆଇଓୱା ହେଉଛି ପ୍ରଥମ ରାଜ୍ୟ, ଯେଉଁଠି ରିପବ୍ଲିକାନ୍ ପାର୍ଟି ଭୋଟରମାନେ ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବା ହ୍ୱାଇଟ୍ ହାଉସ୍ ଦୌଡ଼ରେ ଡେମୋକ୍ରାଟ୍ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଟକ୍କର ଦେବା ଭଳି ଜଣେ ରିପବ୍ଲିକାନ୍‌ଙ୍କୁ ପ୍ରାର୍ଥୀ ରୂପେ ବାଛିଛନ୍ତି।

ଅହିଓ ବାସିନ୍ଦା ରାମସ୍ୱାମୀଙ୍କ ମା'ବାପା କେରଳ ପ୍ରବାସୀ। ୨୦୨୩ ଫେବୃଆରୀରେ ରାମସ୍ୱାମୀ ବିରୋଧୀ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ନେଇ ଘୋଷଣା କରିଥିଲେ। ଅପ୍ରବାସନ ଓ ଆମେରିକା ଫାଷ୍ଟ ଭଳି ପ୍ରସଙ୍ଗରେ ନିଜ ଦୃଢ଼ ମତ ରଖି ସେ ଦଳୀୟ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚ ଟ୍ରୁଥ୍ ସୋସିଆଲରେ ତାଙ୍କୁ ଜଣେ 'ଠକ' ଭାବେ ଅଭିହିତ କରିଥିଲେ। ଏଥିସହ ରାମସ୍ୱାମୀଙ୍କୁ ଭୋଟ ଦେଲେ ତାହା ଶାସକ ଡେମୋକ୍ରାଟିକ୍ ପାର୍ଟିକୁ ସହଯୋଗ କରିବା ସଦୃଶ ବୋଲି ସମାଲୋଚନା କରିଥିଲେ। ଉଭୟ ସ୍ୱର ଓ ନୀତି କ୍ଷେତ୍ରରେ ଟ୍ରମ୍ପ୍‌ଙ୍କ ସହ ତାଙ୍କ ଆଭିମୁଖ୍ୟର ଅନେକ ସାମଞ୍ଜସ୍ୟ ଦେଖାଯାଇଥିଲା। ଟ୍ରମ୍ପ୍ ତାଙ୍କୁ ପଛରେ ପକାଇ ରିପବ୍ଲିକାନ୍ ପାର୍ଟିରୁ ପ୍ରାର୍ଥୀ ହେବା ନେଇ ନିଜ ଦାବିଦାରିକୁ ଆହୁରି ମଜଭୁତ କରିବାରେ ସକ୍ଷମ ହୋଇଛନ୍ତି। ଏହି କ୍ଷେତ୍ରରେ ଟ୍ରମ୍ପ୍‌ଙ୍କୁ ୪୦ ପ୍ରତିନିଧିଙ୍କ ମଧ୍ୟରୁ ୨୦ ଜଣ (୫୧%) ସମର୍ଥନ ମିଳିଥିବାବେଳେ ଫ୍ଲୋରିଡା ଗଭର୍ନର ରୋନ୍ ଡିସାଣ୍ଟିସ୍‌ଙ୍କୁ ୯ ଓ ଜାତିସଂଘରେ ଆମେରିକାର ପୂର୍ବତନ ପ୍ରତିନିଧି ନିକ୍କି ହାଲିଙ୍କୁ ୮ ପ୍ରତିନିଧି ସମର୍ଥନ କରିଥିଲେ। ମାତ୍ର ୭.୭% ଅର୍ଥାତ୍ ୩ ଜଣ ପ୍ରତିନିଧିଙ୍କ ଭୋଟ ପାଇ ରାମସ୍ୱାମୀ ସବା ତଳେ ରହିଯାଇଥିଲେ। ଅନେକ ଆଇନଗତ ଚ୍ୟାଲେଞ୍ଜକୁ ସାମ୍ନା କରୁଥିବା ଟ୍ରମ୍ପ୍ ବିଜୟୀ ହୋଇ ଇତିହାସ ରଚିଛନ୍ତି। ଏହି ଅବସରରେ ଟ୍ରମ୍ପ୍ ଆଇଓୱାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମେ ସମସ୍ତେ ଏକାଠି ହେଲେ ବିଶ୍ୱର ସମସ୍ୟାଗୁଡ଼ିକର ସମାଧାନ କରିପାରିବା ବୋଲି ଟ୍ରମ୍ପ୍ କହିଛନ୍ତି।

ପ୍ରକାଶ ଯେ, ପ୍ରାଇମେରି ସିଜନ୍‌ରେ ବିଜୟୀ ହେବାକୁ ହେଲେ ଜଣେ ରିପବ୍ଲିକାନ୍ ଆଶାୟୀଙ୍କୁ ମୋଟ ୨,୪୨୯ ପ୍ରତିନିଧିଙ୍କ ମଧ୍ୟରୁ ୧,୨୧୫ ଜଣଙ୍କ ସମର୍ଥନ ଆବଶ୍ୟକ। ଆଗକୁ ଡିସାଣ୍ଟିସ୍ ଏବଂ ଭାରତୀୟ ବଂଶୋଦ୍ଭବ ତଥା ସାଉଥ୍ କ୍ୟାରୋଲିନାର ପୂର୍ବତନ ଗଭର୍ନର ନିକ୍କି ହାଲି ଟ୍ରମ୍ପ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।



ବିବେକ ରାମସ୍ୱାମୀ

## ମା'ଙ୍କୁ ମାଡ଼ ମାରି ପୁଅ ଗିରଫ

ବଇଣ୍ଡା,୧୭।୧(ପରିକ୍ଷିତ ସାହୁ): ମା'ଙ୍କୁ ମାଡ଼ ମାରିବା ଅଭିଯୋଗରେ ଠାକୁରଗଡ଼ ଥାନା ପୋଲିସ ଠାକୁରଗଡ଼ ଗ୍ରାମର ସତ୍ୟବାଦୀ ବେହେରାଙ୍କୁ ବୁଧବାର ଗିରଫ କରିଛି। ପୋଲିସ କହିଛି, ସତ୍ୟବାଦୀ ତାଙ୍କ ମା'ଙ୍କୁ ବିନାକାରଣରେ ମାଡ଼ ମାରିଥିଲେ। ଏ ନେଇ ତାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୯୩/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦେଖିଲେ ଶ୍ରଦ୍ଧାଳୁ





କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଅତିଥି ଓ ଶ୍ରଦ୍ଧାଳୁମାନେ। ଛେଣ୍ଡିପଦାଠାରେ ଜଗନ୍ନାଥ ମନ୍ଦିର ପରିସରରେ ସିଧାପ୍ରସାରଣ କାର୍ଯ୍ୟକ୍ରମ ଆୟୋଜନ। ପାଲଲହଡ଼ାଠାରେ ସଂକୀର୍ତ୍ତନ, ହୋମଯଜ୍ଞ।

**କଣିହାଁ,୧୭।୧(ସଚ୍ଚିଦାନନ୍ଦ ପ୍ରଧାନ)/ଛେଣ୍ଡିପଦା(ଅଜିତ ଧଳ)/ପାଲଲହଡ଼ା-(ଦିବ୍ୟଜ୍ୟୋତି ଦାଶ)**

କଣିହାଁ ବ୍ଲକ କାର୍ଯ୍ୟାଳୟ ସମେତ ବିଭିନ୍ନ ପଞ୍ଚାୟତରେ ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଦେଖିବା ପାଇଁ ପ୍ରଶାସନ ତରଫରୁ ବୁଧବାର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ଦେବଦତ୍ତ ପ୍ରଧାନ, ନବୀନ ଓଡ଼ିଶା ଜିଲା ସଂଯୋଜକ କୈଳାସ ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ବ୍ଲକ କଳାକାର ସଂଘ ଉପସଭାପତି ମହେଶ୍ୱର ସାମଲ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଲଇଡି ପରଦାରେ ପୁରୀରୁ ସିଧାପ୍ରସାରଣ ଲୋକାର୍ପଣ କାର୍ଯ୍ୟକ୍ରମ ଦେଖିବା ପାଇଁ ଶତାଧିକ ଜନସାଧାରଣ, ମିଶନଶକ୍ତିର ମହିଳା ଓ ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକର ସଦର ମହାକୁମା ସହିତ ବିଭିନ୍ନ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଦେଖିବା ପାଇଁ ବୁଧବାର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ତ୍ରିବିକ୍ରମ କୁମୁରାଙ୍କ ତତ୍ତ୍ୱାବଧାନରେ ବ୍ଲକ ସଦର ମହାକୁମାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ସିଧାପ୍ରସାରଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ପ୍ରଦୀପ ସାହୁଙ୍କ ସମେତ ପ୍ରାୟ ୧ ହାଜରରୁ ଊର୍ଦ୍ଧ୍ୱ ଜଗନ୍ନାଥ ପ୍ରେମୀ ଯୋଗ ଦେଇଥିଲେ। ସେହିପରି ପାଲଲହଡ଼ା ବ୍ଲକ ଯୋକପାଣି ରାଧାକୃଷ୍ଣ ମନ୍ଦିରରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପେଚାମୁଣ୍ଡି ସରପଞ୍ଚ ରମେଶ ପ୍ରଧାନ ଯୋଗଦେଇ ରାଧାକୃଷ୍ଣ ମନ୍ଦିରରେ ହୋମଯଜ୍ଞ କରିବା ସହିତ ଭଜନ କୀର୍ତ୍ତନ ଆୟୋଜନ କରିଥିଲେ। ପଞ୍ଚାୟତର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ମନ୍ଦିର ପରିବେଶ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା।

# ସୃଜନଶୀଳ ହୁଅନ୍ତୁ ଛାତ୍ରୀଛାତ୍ର

**କାମାକ୍ଷାନଗର,୧୭।୧(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ମଠକରଗୋଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ପାଣି, ମୁଖ୍ୟବକ୍ତା ଭାବେ ସେବାନିବୃତ୍ତ ସଂସ୍କୃତ ପ୍ରାଧ୍ୟାପକ ପ୍ରଫେସର ରମେଶ ଚନ୍ଦ୍ର ପାଣି ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ସୃଜନଶୀଳ ହେବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର, ପ୍ରଶାନ୍ତ ମିଶ୍ର, ସସ୍ମିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ମନୋରଞ୍ଜନ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପିକା ଅମିତାଞ୍ଜଳୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଦୀପ୍ତିମୟୀ ସାହୁ, ସବିତା ଦେହୁରୀ, ଲଳିତ ବେହେରା, ସନ୍ତୋଷ ଲେଙ୍କା, ଫକୀରମୋହନ ଲେଙ୍କା ଓ ରଣଜିତ୍ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଅମିତାଞ୍ଜଳୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ଓଡ଼ିଆ ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ମକର ମହୋତ୍ସବ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କଣିହାଁ,୧୭।୧(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ କୁଲେଇ ଗ୍ରାମରେ ଇଲେଭେନ ଷ୍ଟାର କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା ମକର ମହୋତ୍ସବ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ନନା ୱାରିୟର୍ସ ଏନ୍‌ଟିପିସି ଏବଂ ଜନ୍ଦାବାହାଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନନା ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୦୭ ରନ କରିଥିଲା। ଜବାବରେ ଜନ୍ଦାବାହାଲ ଟିମ୍ ୮୧ ରନ କରି ପରାସ୍ତ ହୋଇଥିଲା। ନନା ୱାରିୟର୍ସର ଲକି ମ୍ୟାନ ଅଫ ଦି ସିରିଜ ଓ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ମୁଖ୍ୟ ବକ୍ତା ଭାବେ ଭାଜପା ନେତା ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ପରବିଲି ସରପଞ୍ଚ କବିତାରାଣୀ ପ୍ରଧାନ, ଏନ୍‌ଟିପିସି ଡିଜିଏମ୍ କେପି. ସିଂ, ମ୍ୟାନେଜର୍ ଧନେଶ୍ୱର ନାୟକ, ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ, ଗଣ୍ଡମଳା ସୋସାଇଟି ସଭାପତି ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଦିପେଶ ସାମଲ, ରାକେଶ ସାମଲ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ପ୍ରକାଶ ସାମଲ, ଶ୍ୟାମସୁନ୍ଦର, ବିକାଶ, ଚନ୍ଦନ, କାଳିଆ, ରୋହନ, ଜିତୁ ପ୍ରମୁଖ ସହଯୋଗ କରିଥିଲେ।



# ମହାବିଦ୍ୟାଳୟରେ ସାରସ୍ୱତ ପ୍ରତିଯୋଗିତା

**ଆଠମଲ୍ଲିକ,୧୭।୧ (ଉଦୀପ୍ତ ପୁରୋହିତ)**

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆଧାର କରି ବିଭିନ୍ନ ସାରସ୍ୱତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ. ରଞ୍ଜିତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଆ ଭାଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିବା ସହିତ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ସହାୟକ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ, ଅଧ୍ୟାପକ ଅମ୍ବରିଶ ଷଡଙ୍ଗୀ ଯୋଗ ଦେଇଥିଲେ। ଓଡ଼ିଆ ଅଧ୍ୟାପକ ହୃଷୀକେଶ କହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ବେଡକର ସେବା ସଙ୍ଗଠନ ପକ୍ଷରୁ ଗଣ ବିକ୍ଷୋଭ




**ହିନ୍ଦୋଳ,୧୭।୧ (ବ୍ରହ୍ମାନନ୍ଦ ପଟ୍ଟନାୟକ)**

ହିନ୍ଦୋଳ ବ୍ଲକ ସମ୍ମୁଖରେ ଆମ୍ବେଡକର ସେବା ସଙ୍ଗଠନ ଢେଙ୍କାନାଳ ଓ ହିନ୍ଦୋଳ ସଂଘ ପକ୍ଷରୁ ବୁଧବାର ଗଣବିକ୍ଷୋଭ କରାଯାଇଥିଲା। ସଙ୍ଗଠନ ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ଆହ୍ୱାନକ୍ରମେ ପ୍ରାରମ୍ଭରେ ଏକ ରାଲି ଅନୁଷ୍ଠିତ ହୋଇ ଅମଲାପଡାସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସଙ୍ଗଠନର ବିଭିନ୍ନ କର୍ମକର୍ତ୍ତା ଯୋଗଦେଇ ଅନୁସୂଚିତ ଜାତି ଲୋକମାନେ କିପରି ଅବହେଳିତ ହେଉଛନ୍ତି ଏବଂ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଭିନ୍ନ ଦାବିରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଚିତ୍ରସେନ ନାଏକ ଧନ୍ୟବାଦ ଦେଇଥିଲେ। ଉକ୍ତ ସମାବେଶରେ କୈଳାସ ନାଏକ, ଅନନ୍ତ ନାଏକ, ପ୍ରଶାନ୍ତ ନାଏକ, ଲଙ୍କେଶ ନାଏକ, ଗୋବର୍ଦ୍ଧନ ନାଏକ, ଚନ୍ଦନ ନାଏକ, ସନ୍ତୋଷ ନାଏକ, ଯତି ନାଏକ, ଅନାମ ନାଏକ, ବିଜୟ ନାଏକ, କଳାବତୀ ନାଏକ, ହେମନ୍ତ ଗୋଛାୟତଙ୍କ ସମେତ ବହୁ ମହିଳାପୁରୁଷ ଯୋଗ ଦେଇଥିଲେ।

# ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ୍ କର

**ବଇଣ୍ଡା,୧୭।୧(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବାମୁର ପଞ୍ଚାୟତ କଳାବେ ଅଞ୍ଚଳରେ ବୁଧବାର ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁମନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସଞ୍ଜୀବ କୁମାର ସାହୁ ଯୋଗଦେଇ କିଭଳି ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ ହେବ ସେ ନେଇ ସମସ୍ତ କର୍ମୀ ଏକଜୁଟ୍ ହୋଇ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅଲେଖ ପ୍ରଧାନ, ସରୋଜ ସାହୁ, ହୃଦାନନ୍ଦ ପ୍ରଧାନ, ଅଜିତ ପ୍ରଧାନ, କୁମୁନ୍ଦ ପ୍ରଧାନ, ବଳରାମ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଅଶୋକ ପ୍ରଧାନ, ସୁଜିତ ପ୍ରଧାନ, ପ୍ରଦୀପ ସିଂ, ରତ୍ନାକର ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।



# ଇଭିଏମ୍, ଭିଭିପିଏଟି ସଚେତନତା ରଥ ଉଦ୍‌ଘାଟିତ




**ହିନ୍ଦୋଳ,୧୭।୧(ବ୍ରହ୍ମାନନ୍ଦ ପଟ୍ଟନାୟକ)**

ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ଇଭିଏମ୍ ଭିଭିପିଏଟି ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ କିପରି ସ୍ୱଚ୍ଛ ତଥା ନିରପେକ୍ଷ ହୋଇପାରିବ ସେଥିପ୍ରତି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମସ୍ତ ଅଧିକାରୀ, ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଇଭିଏମ୍, ଭିଭିପିଏଟିର ଏକ ପ୍ରଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। କେତେଜଣ ବ୍ୟକ୍ତି ପରୀକ୍ଷାମୂଳକ ଭାବେ ନିଜର ଭୋଟ ପ୍ରଦାନ କରି ସନ୍ତୋଷ ଲାଭ କରିଥିଲେ। ଭୋଟ୍ ଦେବା ପରେ ବ୍ୟକ୍ତି କେଉଁ ଚିହ୍ନଟରେ ଭୋଟ ଦେଲେ ତାହା ମେଶିନରେ ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରଦୀପ୍ତ କୁମାର ସେଠି, ବିଡିଓ ବିନିତା ବିଜୟନି, ଅତିରିକ୍ତ ବିଡିଓ ଅଶୋକ କୁମାର ମିଶ୍ର, ଡେପୁଟି କଲେକ୍ଟର ଆଲଫା ଜେନା, ସହାୟକ ଜିଲାପାଳ ବିକ୍ରମ କୁମାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଅନୁଗୋଳରୁ ୫ ପ୍ରତିଯୋଗୀ ମନୋନୀତ

**ଅନୁଗୋଳ,୧୭।୧(ଅମିତ ସାମଲ)**

ଖେଲ ଇଣ୍ଡିଆ ଜାତୀୟ ଜନାଲ ଉଷୁ ମହିଳା ଲିଗ୍ ଆସନ୍ତା ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ତମିଲନାଡୁଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଅନୁଗୋଳ ଜିଲାରୁ ୫ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ସେହିପରି ଉଷୁ ଆସୋସିଏଶନର ଜିଲା ସେକ୍ରେଟାରୀ ସୁଶାନ୍ତ ନାଏକ ବିଚାରକ ଭାବେ ମନୋନୀତ ହୋଇଛନ୍ତି। ଉକ୍ତ ପ୍ରତିଯୋଗୀଙ୍କୁ ଖଣିମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଲ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ଉଷୁ ଆସୋସିଏଶନ ସଭାପତି ସୁଶାନ୍ତ ବେହେରା, ଉପସଭାପତି ଦୀନେଶ ପ୍ରଧାନ, କୋଷାଧ୍ୟକ୍ଷ ବିନଦ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କାମାକ୍ଷାନଗର,୧୭।୧(ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଏହାପୂର୍ବରୁ କ୍ରୀଡା ଶିକ୍ଷୟିତ୍ରୀ କୈକେୟୀ ଦେହୁରୀ ଓ ବରିଷ୍ଠ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ନିକଟସ୍ଥ ଗାୟତ୍ରୀ ମନ୍ଦିରରୁ କ୍ରୀଡା ଜ୍ୟୋତି ପ୍ରଜ୍ୱଳିତ କରି ଛାତ୍ରୀଛାତ୍ରମାନେ ଯାତ୍ରା କରିଥିଲେ। ଏହି ଉତ୍ସବରେ ଚାରୋଟି ବିଭାଗରେ ମୋଟ୍ ୪୦ଟି ପ୍ରତିଯୋଗିତା କରାଯାଇଥିଲା। ସୁପର ସିନିଅର ବାଳକ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ଶୁଭ୍ରଜିତ ପରିଡା, ବାଳିକା ବିଭାଗରେ ନବମ ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ବିଶ୍ୱାଳ, ସିନିଅର ବାଳକ ବିଭାଗରେ ଅଷ୍ଟମ ଶ୍ରେଣୀ ଛାତ୍ର କ୍ରିଷ୍ଣା ମଲିକ ଓ ବାଳିକା ବିଭାଗରେ ସପ୍ତମ ଶ୍ରେଣୀ ଛାତ୍ରୀ ଆଜିମତ ପରବିନ ଚାମ୍ପିୟନ ହୋଇଛନ୍ତି। ଦଳଗତ ଭବେ ବଂଶଧାରା ହାଉସ ଚାମ୍ପିୟନ ହୋଇଛି। ଏହାର ହାଉସ ମାଷ୍ଟର ଦୁର୍ଗାପ୍ରସାଦ ତ୍ରିପାଠୀ, ହାଉସ କ୍ୟାପଟେନ ପ୍ରୀତିରଞ୍ଜନ ଦାଶ ଓ ଭାଇସ କ୍ୟାପଟେନ୍ ପାୟଲ ସାହୁଙ୍କୁ ପ୍ରଧାନ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡା ଶିକ୍ଷୟିତ୍ରୀ କୈକେୟୀ ଦେହୁରୀ, ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ପରିଚାଳନା କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ପରିଡା, ପୁରୁଷୋତ୍ତମ ସାହୁ, ଅଶେଷ କୁମାର ମାର୍ଥା, ଶିକ୍ଷୟିତ୍ରୀ ଅମିତା ଘଡେଇ,ଭାରତୀ ପରିଡା, ସ୍ମିତାଞ୍ଜଳି ସାମଲ, ପୂଜା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।



# ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ ଦେଖିଲେ ଶ୍ରଦ୍ଧାଳୁ



**ଭୁବନ,୧୭।୧(ବିପିନ ବିହାରୀ ସେଠୀ)/ସାତମାଇଲ,(ସୁଶାନ୍ତ ପତି)**

ଭୁବନ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବିଡିଓ କଲ୍ୟାଣ ସୌରଭ ଦାଶଙ୍କ ତତ୍ତ୍ୱାବଧାନରେ ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଓ ଅନ୍ୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଭୁବନର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶହଶହ ଜଗନ୍ନାଥ ପ୍ରେମୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଓଡ଼ାପଡ଼ା ବ୍ଲକ ଗୁଡିଆକାଟେଣି ଛକ ନିକଟସ୍ଥ ସ୍ଥାନୀୟ ଦଶଦେବୀ ପୀଠ ପଡିଆରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ ଦେଖିବା ବ୍ୟବସ୍ଥା କରାଯାଇଥିଲା। ଓଡ଼ାପଡା ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଜିଲା ପ୍ରଶାସନିକ ଅଧିକାରୀ ବାଣୀ ନିବେଦିତା ସ୍ୱାଇଁ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତ ଜନ ପ୍ରତିନିଧି ଓ ଜଗନ୍ନାଥ ପ୍ରେମୀ ଯୋଗଦେଇଥିଲେ।



# 'ଆଲ୍ଲାଦିନ'ରୁ ଆରମ୍ଭ



ଜ୍ୟାକଲିନ୍

**ଶ୍ରୀ**ଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଡିସ୍। ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇବା ପରେ ସେ ପାଦ ଥାପିଥିଲେ ମଡେଲିଂ ଦୁନିଆରେ। ସେହି ସମୟରେ ସତେ ଯେପରି ସୁବର୍ଣ୍ଣ ସୁଯୋଗ ତାଙ୍କୁ ଅପେକ୍ଷା କରି ରହିଥିଲା। ଅନ୍ୟତମ ନାମୀ ନିର୍ଦ୍ଦେଶକ ସୁଜୟ ଘୋଷ ତାଙ୍କୁ ବଡ଼ ପରଦାରେ ପ୍ରଥମେ ବ୍ରେକ୍ ଦେଇଥିଲେ। ଆଉ ସିନେମାଟି ଥିଲା 'ଆଲ୍ଲାଦିନ'। ହାତୀ ମୁଣ୍ଡରେ ସୁନାକଳସ ଢାଳିଲା ପରି ପ୍ରଥମ ଫିଲ୍ମଟି ବକ୍ସ ଅଫିସରେ ତାଙ୍କର ଭାଗ୍ୟ ଖୋଲି ଦେଇଥିଲା। ଆଉ ତା'ପରେ ସେ ଆଦରି ନେଇଥିଲେ ଅଭିନୟକୁ। ଏ ନେଇ ଜ୍ୟାକଲିନ୍ କହନ୍ତି, 'ସୁଜୟ ସାର୍ ଯେତେବେଳେ ମୋତେ ଏହି ଅଫରଟି ଦେଲେ ସେତେବେଳେ ମୁଁ ଦୋଛକିରେ ପଡ଼ିଯାଇଥିଲି। ଭାବିଥିଲି, ଅଭିନୟ କ'ଣ କରିପାରିବି ? ହେଲେ ମନରେ ସାହସ ଜୁଟାଇ ଆଗେଇଥିଲି। ଭାଗ୍ୟଦେବୀ ମୋ ପ୍ରତି ଆରମ୍ଭରୁ ହିଁ ପ୍ରସନ୍ନ ହୋଇଥିଲେ। 'ଆଲ୍ଲାଦିନ୍' ହିଟ୍ ସାବ୍ୟସ୍ତ ହେଲା। ଆଉ ତା'ପରେ ୨୦୦୯ରୁ ମୁଁ ଗୋଟିଏ ପରେ ଗୋଟିଏ ସିନେମାରେ ଅଭିନୟ କରିଚାଲିଛି।' ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି, 'ମର୍ଡର-୨', 'ହାଉସଫୁଲ୍-୨', 'ରେସ୍-୨', 'କିକ୍', 'ଡିସୁମ୍', 'ଏ ଫ୍ଲାଇଙ୍ଗ ଜାଟ୍', 'ଜୁଡ଼୍ୱା-୨', 'ରେସ-୩', 'ଭୂତ ପୋଲିସ୍', 'ରାମ ସେତୁ' ଏବଂ 'ସର୍କସ'। ସେ ଅଭିନୟ କରୁଥିବା 'ଫତେହ୍'ର ଶୁଟିଂ ଏବେ ଚାଲୁ ରହିଛି।

# ମୃଣାଳଙ୍କ ଖୁସି

**କେ**ବଳ ମୃଣାଳ ଠାକୁର କାହିଁକି ଯେ କେହି ଏଭଳି ସୁଯୋଗ ପାଇଲେ ଖୁସିରେ ଉଛୁଳି ପଡ଼ିବ। ଅଫରଟିଏ ପାଇବାକୁ କାହାକୁ ଚାତକ ପରି ଅପେକ୍ଷା କରିବାକୁ ପଡୁଛି ତ ପୁଣି କିଏ ସୁଯୋଗ ପାଇ ଶେଷ ମୁହୂର୍ତ୍ତରେ କାଷ୍ଟିଂରୁ ବାଦ୍ ପଡୁଛନ୍ତି। ହେଲେ ନିଜର ଆକ୍ଟିଂ ଲାଇଫରେ ଯେ ଏଭଳି ସୁନେଲି ସମୟ ଆସିବ ତାହାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ନେଇ ସେ କହନ୍ତି, 'ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କର ତିନୋଟି ସିନେମାରେ ମୋତେ ନାୟିକା ସାଜିବାକୁ ଅଫର ଦେଇଛନ୍ତି। ଖାସ୍ କଥା ହେଲା ଏହି ତିନୋଟି ଫିଲ୍ମର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକା ବେଶ୍ ଦମ୍‌ଦାର। ତେଣୁ ତାହାକୁ ପାଥେୟ କରି ଅଭିନୟ କରିବାକୁ ରାଜି ହୋଇଛି। ଏହାର ଶୁଟିଂ ପଛକୁ ପଛ ହେବ। ତେଣୁ ଡେଟ୍‌କୁ ନେଇ ଟେନ୍‌ସନ ନେଉନାହିଁ।' ଏ ନେଇ ମୃଣାଳ ମଧ୍ୟ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ଫିଲ୍ମ ତିନୋଟି ତାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।



ମୃଣାଳ

# ପରଦାରେ... ଦଶମ



ଫିଲ୍ମ 'ଦଶମ'ର ଏକ ଦୃଶ୍ୟ

**ସ୍କୁ**ଲ ବେଳର ଖଟାମିଟା କଥା ଏବଂ ଦଶମ ଶ୍ରେଣୀର ସ୍ମରଣୀୟ ଅନୁଭୂତି ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦଶମ'। ଫିଲ୍ମଟି ଚଳିତ ମାସ ୧୮ ଅର୍ଥାତ୍ ଶୁକ୍ରବାର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ ଭାବରେ ଟିନ୍ ଏଜ୍ ପିଲାଙ୍କୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ୯ଟି ଗୀତ ରହିଛି । ଡି ଫିଲ୍ମ ବ୍ୟାନରରେ ତିଆରି ହୋଇଥିବା ଏହି ସିନେମାର ଷ୍ଟ୍ରିମିଂ ପାର୍ଟନର ହେଉଛନ୍ତି ଆଓ ଏନଏକ୍ସଟି । ପୂର୍ବରୁ ଏହାର ଟିଜର ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏହାର ଗୀତ ଗୁଡ଼ିକ ମଧ୍ୟ ୟୁଟ୍ୟୁବରେ ଦର୍ଶକ ଆଦୃତି ଲାଭ କରିଛି। ନିର୍ଦ୍ଦେଶକ ରାଜା ଡି, ପ୍ରଯୋଜକ ଦୀପକ ଜେନା ଓ ଶ୍ରଦ୍ଧା ପାଣିଗ୍ରାହୀଙ୍କ ଉଦ୍ୟମରେ ତିଆରି ହୋଇଛି ଏହି ସିନେମା। ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତୀକ, ଅର୍ମାନ ମହାନ୍ତି, ଜଷ୍ଟି, ଜ୍ୟୋତି, ନୀଳାକ୍ଷୀ ପାତ୍ର, ସିମରନ, ସୁମନ ପଟ୍ଟନାୟକଙ୍କ ସମେତ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିବ। ସିନେମାର ଏକ ପ୍ରମୁଖ ଗୀତରେ ବାବୁସାନ କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ଓ ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ ।

# ଛୋଟ ପରଦାରେ 'ଶ୍ରୀ'



ଧାରାବାହିକ 'ଶ୍ରୀ'ରେ ହରିହର-ଦେବିକା

**ଓ**ଡ଼ିଶାର ଅନ୍ୟତମ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ଚଳିତ ମାସ ୨୨ରୁ ପ୍ରସାରିତ ହେବାକୁ ଯାଉଛି ନୂଆ ମେଗା ଧାରାବାହିକ 'ଶ୍ରୀ'। ନିଜ ପିତା ମାତାଙ୍କ ସମାଜରେ ସମ୍ମାନ ରକ୍ଷା କରିବା ପାଇଁ ନିଜର ଭଉଣୀର ଝିଅ ମିଠିକୁ ପାଖରେ ରଖନ୍ତି ଓ ନିଜେ ଚାକିରି କରି ମିଠିର ସବୁ ଦାୟିତ୍ୱ ନିଅନ୍ତି । ଚାକିରି କରି ନିଜେ ନିଜର ଖର୍ଚ୍ଚ ବହନ କରନ୍ତି ଓ ସମୟକ୍ରମେ ଜଣେ ବ୍ୟବସାୟୀ ରାଜଙ୍କୁ ଭେଟନ୍ତି, ଯିଏ ନିଜେ କାମ କରୁଥିବା ଅଫିସର ବସ୍ ଓ ଧୀରେ ଧୀରେ ରାଜ୍ ଓ ଶ୍ରୀଙ୍କ ମଧ୍ୟରେ ପ୍ରେମ ଗଢ଼ିଉଠିଛି କିନ୍ତୁ ସେମାନଙ୍କର ପ୍ରେମ ସାମାଜିକ ଭାବନାକୁ ନେଇ ଅସୁବିଧାର ସମ୍ମୁଖୀନ ହୁଏ । ସେପଟେ ମିଠି ମଧୁମେହ ରୋଗରେ ପୀଡ଼ିତ। ତାକୁ ଦେଇଥିବା ପ୍ରତିଶ୍ରୁତି ଶ୍ରୀ ରକ୍ଷା କରିପାରୁଛି କି ? ରାଜ୍ ସେମାନଙ୍କ ହୃଦୟ ଜିତି ପାରିବ ଆଉ ସମାଜ ଏହି ପ୍ରେମକୁ ଗ୍ରହଣ କରିବ ତ ? ଏହି ପରି ବହୁ ପ୍ରଶ୍ନର ଉତ୍ତର ମିଳିବ ଧୀରେ ଧୀରେ ଏହି କାହାଣୀରେ । ଏହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଲୋକପ୍ରିୟ ଡ୍ୟାସିଂ ଷ୍ଟାର ହରିହର ଦାଶ ଏବଂ ତାଙ୍କର ନାୟିକା ସାଜିଛନ୍ତି ଦେବିକା ଅରୁନ୍ଧତୀ। ଏହି ନୂଆ କାହାଣୀ ଆମ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ ଓ ଚ୍ୟାନେଲ ମୁଖ୍ୟ କ୍ଲଷ୍ଟର ଅଫିସର ସମ୍ରାଟ ଘୋଷ । ଏହାର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୮ଟା (ସୋମ-ଶନି)।

# ଗାୟିକାରୁ ନାୟିକା

**ବ**ଲିଉଡ୍‌ର ଅନ୍ୟତମ ପ୍ରଯୋଜକ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ତାଙ୍କର ବଲିଉଡ୍ ଯାତ୍ରା ଆରମ୍ଭ ହୋଇଥିଲା। ନିଜର ଉତ୍‌ଥାନ-ପତନ କ୍ୟାରିୟରକୁ ନେଇ ଆଗେଇ ଚାଲିଛନ୍ତି ସେ। ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ତାରା ସୁଟାରିଆ। ପିଲାଟି ଦିନରୁ ତାଙ୍କର ଲକ୍ଷ୍ୟ ଥିଲା ଅଲଗା। ପାଠ ପଢ଼ିବା ସମୟରେ ସେ ଜଣେ ଗାୟିକା ହେବାକୁ ଆଶା ରଖିଥିଲେ। ଏପରି କି ସେ ସମୟରେ ଗୀତଗାଇ ପ୍ରଶଂସା ମଧ୍ୟ ସାଉଁଟିଥିଲେ। ତାଙ୍କର ଗାୟିକା ଜୀବନ ଆରମ୍ଭ ହୋଇଥିଲା ସେତେବେଳେ, ଯେତେବେଳେ ତାଙ୍କୁ ହୋଇଥିଲା ମାତ୍ର ସାତ ବର୍ଷ। ଗାୟିକା ଜୀବନକୁ ଆଗେଇ ନେଉଥିବା ବେଳେ ତାଙ୍କୁ ସୁଯୋଗ ମିଳିଥିଲା ହିନ୍ଦୀ ସିନେମାରେ ଗୀତ ଗାଇବାକୁ, ଆଉ ସେଭଳି ସୁବର୍ଣ୍ଣ ସୁଯୋଗକୁ ଆଦୌ ହାତଛଡ଼ା କରି ନ ଥିଲେ। ସୁପରହିଟ୍ ଫିଲ୍ମ 'ତାରେଁ ଜମିନ୍ ପର୍' ଏବଂ 'ଗୁଜାରିସ୍' ପାଇଁ କଣ୍ଠଦାନ କରି ଚର୍ଚ୍ଚାର ପରିସରକୁ ଆସିଥିଲେ ତାରା। ନିଜକୁ ଜଣେ ଗାୟିକା ଭାବରେ ପରିଚିତ କରାଇବା ବ୍ୟତୀତ ସେ ଆଉ ଏକ କ୍ଷେତ୍ରରେ ମଧ୍ୟ ସଫଳତା ଅର୍ଜନ କରିଥିଲେ। ତାରା ହେଉଛନ୍ତି ଜଣେ ଦକ୍ଷ ଡ୍ୟାନ୍ସର। ୨୦୧୯ରେ ସେ ବଡ଼ ପରଦାରେ ଏଣ୍ଟ୍ରି କରିଥିଲେ, ଆଉ ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'। କିନ୍ତୁ ଗତ ପାଞ୍ଚ ବର୍ଷ ମଧ୍ୟରେ ସେ ମାତ୍ର ହାତଗଣତି କେତୋଟି ସିନେମାରେ ଅଭିନୟ କରିଛନ୍ତି।



ତାରା

## ନୂଆ ସିନେମା

# ସ୍ୱପ୍ନ ସାଗର

**ବେ**ଶ୍ କିଛି ବର୍ଷ ପୂର୍ବରୁ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ତଥା ଅଭିନୀତ 'ସ୍ୱପ୍ନ ସାଗର' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହାର ଗୀତଗୁଡ଼ିକୁ ଏବେ ମଧ୍ୟ ଯୁବପିଢ଼ି ଗୁଣୁଗୁଣେଇ ଥାଆନ୍ତି। ଏବେ ସେହି ଏକା ଟାଇଟଲକୁ ନେଇ ଆଉ ଏକ ଓଡ଼ିଆ ସିନେମାର ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏବଂ ସୃଜନ ଫିଲ୍ମସ ସହାୟତାରେ ଏହାକୁ ନିର୍ମାଣ କରାଯିବ। ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଉଛନ୍ତି ଏସଡି ଫିଲ୍ମସ। ସତ୍ୟଜିତ ତ୍ରିପାଠୀ ଆସୋସିଏଟ୍ ପ୍ରଯୋଜକ ଥିବା ବେଳେ ସହ-ପ୍ରଯୋଜନା କରୁଛନ୍ତି ଅରବିନ୍ଦ ସାହୁ ଏବଂ ଏସ.ବି.ଆର.। ଫିଲ୍ମଟିର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେବେ ବୀରେନଜ୍ୟୋତି ମହାନ୍ତି। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ସୁରଜ ପୁରୋହିତ। ଚିତ୍ରଟିର କାଷ୍ଟିଂ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ସବୁ ଶେଷ ହୋଇ ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାପୂର୍ବରୁ ଏହି ବ୍ୟାନରରେ 'ଶଙ୍କର' ରିଲିଜ ହୋଇଥିବା ବେଳେ 'ଗୁରୁଦେବ' ମୁକ୍ତିଲାଭ ଅପେକ୍ଷାରେ ରହିଛି।

# ଆତ୍ମସମୀକ୍ଷାର ସମୟ ଆସିଛି

**ଗ**ତ ବର୍ଷ ୪୩ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା। ଆମ ଇଣ୍ଡଷ୍ଟ୍ରି ପାଇଁ ଏହା ନିଶ୍ଚୟ ଶୁଭ ସୂଚନା। ପ୍ରତି ବର୍ଷ ନୂଆ ପ୍ରଯୋଜକଙ୍କ ସଂଖ୍ୟା ବଢ଼ୁଛି। ୨୦୨୩ରେ 'ପୁଷ୍କରା', 'ମାଲ୍ୟଗିରି', 'ଫାଲଗୁନ ଚୈତ୍ର', 'ମାଇଣ୍ଡ ଗେମ୍' ପରି କେତୋଟି ସିନେମା ବକ୍ସ ଅଫିସରେ ଭଲ ବିଜ୍‌ନେସ କରିଥିବା ଦେଖିବାକୁ ମିଳିଛି। କିନ୍ତୁ ଅନ୍ୟ ଚିତ୍ରଗୁଡ଼ିକୁ ଦର୍ଶକମାନଙ୍କ ପାଖରୁ ଫୁଲ୍ ମାର୍କ ଆଶା କରୁଥିବା ବେଳେ ଯାହା ମିଳିଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏପରି କି ଗ୍ରେସ୍ ମାର୍କ ଦେଲେ ବି ପାସ୍ ମାର୍କ ହେଉନି ବୋଲି କହିଲେ ଆଦୌ ଭୁଲ ହେବ ନାହିଁ। ତେଣୁ ଅଧିକାଂଶ ସିନେମାଗୁଡ଼ିକର ନିର୍ମାଣ ସମୟରେ ଆବଶ୍ୟକ ମୁତାବକ ଦୃଷ୍ଟି ଦିଆଯାଉନାହିଁ ବୋଲି ଜଳ ଜଳ ହୋଇ ଦେଖାଯାଉଛି। ଏବେ ତ କପି ରୋଗ ଆମ ଇଣ୍ଡଷ୍ଟ୍ରିକୁ ଗ୍ରାସ କରିଛି। ଅନ୍ୟ ଭାଷାର ସିନେମାକୁ ଜେରକ୍ସ କରିବା ଭଳି ଓଡ଼ିଆ ସିନେମା ପ୍ରସ୍ତୁତ ହେଉଛି, ଯାହାର ଉଦାହରଣ ଅନେକ ରହିଛି। ଆଉ ସେଭଳି ଫିଲ୍ମ ଯେ ଦର୍ଶକାଦୃତ ହେବ ଆଉ ସମ୍ପୃକ୍ତ ପ୍ରଯୋଜକ ଟଙ୍କା ରିଟର୍ନ ପାଇବେ-ଏଭଳି ଆଶା ଦିବାସ୍ୱପ୍ନ ପାଲଟି ଯାଇଛି।

ସିନେମାଟିଏ ରିଲିଜ ହେବା ପରେ ଗତ ବର୍ଷ ଶେଷାର୍ଦ୍ଧରେ ହାଇଭୋଲଟେଜ ଡ୍ରାମା ଦେଖିବାକୁ ମିଳିଥିଲା। ପୋଷ୍ଟର ଚିରା ଘଟଣା ଇଣ୍ଡଷ୍ଟ୍ରିରେ ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଓଡ଼ିଆ ଚଳଚ୍ଚିତ୍ରରେ ନୂଆ ପିଢ଼ିର ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଭଲ ସିନେମା କରିବା ଲକ୍ଷ୍ୟରେ ଅଗ୍ରସର ହେଉଛନ୍ତି। ସେମାନେ ନିଜ ଦାୟିତ୍ୱ ପ୍ରତି ସଚେତନ ରହିଲେ ସେମାନଙ୍କର ଶ୍ରମ ସାର୍ଥକ ହେବ। ଭବିଷ୍ୟତ ରୂପରେଖ ଆଳରେ ସିନେମା ଜଗତରେ ଅଳିଆ କରି ନିଜ ସାମାଜିକ ପ୍ରତିଷ୍ଠା କଲେ ତାହା ସାଧାରଣରେ ଚର୍ଚ୍ଚା ହୁଏ। ଆମ ରାଜ୍ୟରେ ଭଲ କାହାଣୀର ଅଭାବ ନାହିଁ। ଅଭାବ ରହିଛି ଉନ୍ନତ ଚିନ୍ତାଧାରା ଏବଂ ସକାରାତ୍ମକ ମାନସିକତାର। ଭଲ କାମ କଲେ ତାହାର ଫଳ ଭଲ ରହିବ। କଥାରେ ନୁହେଁ କାମରେ ସବୁକଥା ପ୍ରତିଫଳିତ ହେବା ଦରକାର। ପ୍ରଯୋଜକ ଅନ୍ୟମାନଙ୍କ ପରାମର୍ଶକୁ ଗ୍ରହଣ କରିବା ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବା ନିହାତି ଦରକାର।

ଗତ କିଛି ବର୍ଷ ହେଲା କେତୋଟି ଭଲ ସିନେମା ମୁକ୍ତିଲାଭ କରିବା ସହ ସେଗୁଡ଼ିକୁ ଦର୍ଶକ ଗ୍ରହଣ କରିଛନ୍ତି। ତେଣୁ ଭଲ ସିନେମା ନିର୍ମାଣ କଲେ ତାହା କେବଳ ପ୍ରଯୋଜକ କିମ୍ବା ଦର୍ଶକଙ୍କ ପାଇଁ ନୁହେଁ, ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରି ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ। ଚଳିତ ବର୍ଷ ଆହୁରି ଭଲ ଭଲ ଓଡ଼ିଆ ଫିଲ୍ମ ନିର୍ମିତ ହେବା ସହ ତାହା ଦର୍ଶକଙ୍କ ଦ୍ୱାରା ଗ୍ରହଣୀୟ ହେଉ-ଏହା ହିଁ କାମନା।

**-ଦିଲୀପ ହାଲି,** ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଶାନ୍ତି ଆପାର୍ଟମେଣ୍ଟ

**ଏ**କ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଶାନ୍ତି ଆପାର୍ଟମେଣ୍ଟ'। ଏହି କାହାଣୀରେ ରହସ୍ୟ, ରୋମାଞ୍ଚ ଭରି ରହିଛି ଏବଂ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଦୃଢ଼ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିକ୍ରମ ଶଙ୍କର। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଅଭିଜିତ। ଫିଲ୍ମଟିର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି ଅଶ୍ୱିନୀ। ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଆଗଧାଡ଼ିର ସଂଳାପକାର ତଥା ନାଟ୍ୟକାର ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସନ୍ଦୀପ ପଣ୍ଡା। ଏହାର ବିଭିନ୍ନ ଭୂମିକାରେ ଦ୍ୱୀପନ୍ୱିତ ଦାସମହାପାତ୍ର, ଶୁଭାଶିଷ, ରାଗିଣୀ, ଆଲିଆ, ବରଦା, ସନ୍ତୁ ପ୍ରସନ୍ନଜିତ, ଶକ୍ତି, ରାକ୍ଷୀ, ଅନୁଷ୍କା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଏହାପୂର୍ବରୁ ଅଶ୍ୱିନୀ 'ଡେଲିଭରି ବୟ' ଏବଂ 'ଡଟପେନ୍' ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି।



'ଶାନ୍ତି ଆପାର୍ଟମେଣ୍ଟ' ଫିଲ୍ମର ଏକ ଦୃଶ୍ୟ

# ହାତୀ ଆକ୍ରମଣରେ ଯୁବକ ମୃତ

କାଳିଆପାଣି, ୧୭।୧ (ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ଘୁଷୁରିପଦା ଗାଁରେ ବୁଧବାର ୧୨ ହାତୀ ପଶି ଆତଙ୍କ ରଚିଛନ୍ତି। ଏଥିସହିତ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୋଡ଼ାଘରା ଗାଁର ରାଜୁ ସୋରେନ(୨୪)। ସକାଳୁ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓଡ଼ିଶ ଗ୍ରାମ ଦେଇ ରାଁସୋଳର ଘୁଷୁରିପଦା ଗାଁ ନାଳକୂଳରେ ଜଙ୍ଗଲ ଆଡ଼କୁ ହାତୀପଲ ଯାଉଥିଲେ। ରାଜୁ ସେଠାକୁ ଶୌଚହେବାକୁ ଯାଇଥିବାରୁ ହାତୀପଲ ଦେଖି ଦୌଡ଼ିଥିଲେ। ଏହି ସମୟରେ ଏକ ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ତାଙ୍କ ହାତ ଭାଙ୍ଗିଯାଇଥିଲା। ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ହାତୀପଲକୁ ମହୁଲଖାଲ, କୋଲଡ଼ିହ, ରାଁସୋଳ ଗାଁ ଲୋକେ ମହୁଲଖାଲ ଜଙ୍ଗଲକୁ ଘଉଡ଼ାଇ ଦେଇଛନ୍ତି। ଖବର ପାଇ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ, ରାଁସୋଳ ଫରେଷ୍ଟର ନରେଶ କୁମାର ଟୁଡୁ କର୍ମଚାରମାନଙ୍କ ସହ ମହୁଲଖାଲ ଗାଁ ଜଙ୍ଗଲରେ ହାତୀପଲଙ୍କୁ ଜଗି ରହିଥିବା ଦେଖାଯାଇଛି।

# ସୀମାନ୍ତରେ ମାଓବାଦୀଙ୍କ ବନ୍ଧୁକ କାରଖାନା

## ଯବାନଙ୍କ ଚଢ଼ାଉ, ୪ ଗିରଫ

ମାଲକାନଗିରି, ୧୭।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଂକେର, ଗଡଚରେଲି ଓ ନାରାୟଣପୁର ଥାନା ଅଞ୍ଚଳରେ ଥିବା ମାଓବାଦୀଙ୍କ ବନ୍ଧୁକ କାରଖାନାରେ ଚଢ଼ାଉକରି ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଓ ବିସ୍ଫୋରକ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାଂକେର ଜିଲା ବିନାଗୁଣ୍ଡା ଥାନା ଛୋଟେବେଠିୟା ଗ୍ରାମର ଆୟିତୁ ରାମ ନୁରେଟି, ମନୋଜ ହିଚାମି, ସୁରେଶ ନୁରେଟି ଓ ବୁଧୁରାମ ପଧାଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଗତ ୧୨ରୁ ୧୬ ତାରିଖ ମଧ୍ୟରେ ଏସ୍‌ଟିଏଫ୍, କାଂକେର ଡିଆର୍‌ଜି, ନାରାୟଣପୁର ଡିଆର୍‌ଜି ଏବଂ ବିଏସ୍‌ଏଫ୍ ଦ୍ୱାରା ସୂର୍ଯ୍ୟ ଶକ୍ତି ଯୋଜନାରେ ମାଓବାଦୀ ଆଡ୍ଡାରେ ଚଢାଉ ହୋଇଥିଲା। ଏହି ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେବା ସହ ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଏହି ଅଭିଯାନ ସମୟରେ ମାଓବାଦୀଙ୍କ ବେରଲ ଗ୍ରେନେଡ୍ ଲଞ୍ଚର ତିଆରି କାରଖାନାକୁ ଧ୍ୱଂସ କରାଯାଇଥିଲା। କାରଖାନାରୁ ଡ୍ରିଲିଂ ଓ ପଞ୍ଚିଂ ମେଶିନ ଆଦି ଜବତ କରାଯାଇଛି। ଉକ୍ତ କାରଖାନାରୁ ଗ୍ରେନେଡ୍ ଲଞ୍ଚର, ୧୪ ବିଜିଏଲ ସେଲ୍, ୨ ଏଆର ରାଇଫଲ, ମଜଲ ଲିଡିଂ ଅସ୍ତ୍ର ୨, ବୋର ବନ୍ଧୁକ ଗୋଟିଏ, ଇନ୍‌ସାସ୍ ମେଗାଜିନ୍ ୩ , ୨ ଜେନରେଟର, ବେଞ୍ଚ କ୍ଲିପିଙ୍ଗ ମେଶିନ, ଟେଲର ସପ୍, କପଡା ଓ ରାଶନ ସାମଗ୍ରୀ ଆଦି ଜବତ କରାଯାଇଛି। ଏହି ଅଭିଯାନରେ ନାରାୟଣପୁର, ଟେକାମେଟା, ସୋନପୁର, ଅଞ୍ଚଳରେ ଚଢାଉ କରାଯାଇଛି।


ଜବତ ବନ୍ଧୁକ ଓ ମାଓବାଦୀ ସାମଗ୍ରୀ

# ଡକାୟତି ଯୋଜନା ବେଳେ ଚଢ଼ାଉ, ୬ ଗିରଫ

## ୩ ଦେଶୀ ପିସ୍ତଲ ସହ ମାରଣାସ୍ତ୍ର ଜବତ

ରାଉରକେଲା, ୧୭।୧ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ପକ୍ଷରୁ ଅପରାଧ ନିୟନ୍ତ୍ରଣ ଅଭିଯାନ ବେଳେ ଉଦିତନଗର ଥାନା ଅଞ୍ଚଳରେ ମଙ୍ଗଳବାର ଡକାୟତି ଯୋଜନା କରୁଥିବା ବେଳେ ଏକ ଗ୍ୟାଙ୍ଗ୍‌ର ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉଦିତନଗର ଥାନା ମାଲଗୋଦାମ ଅଞ୍ଚଳର ରାହୁଲ ଗୋପ(୧୯), ଆମ୍ବେଡ଼କର ବସ୍ତିର ରୋହିତ ନାଏକ(୨୪), ଶୀତଳପଡା ବସ୍ତିର ସୋନୁ ସାହୁ(୩୭), ପ୍ଲାଣ୍ଟସାଇଟ୍ ଥାନା ଗୋପବନ୍ଧୁପାଲି ୱାର୍ଡ ନମ୍ବର ୩ର ରାଜା ଯାଦବ (୨୪), ସୂରଜ ମହତୋ(୨୬) ଏବଂ ମହତାବ ରୋଡ୍‌ର ଏମ୍‌ଡ଼ି ଇର୍ସାଦ(୨୬)। ସେମାନଙ୍କ ପାଖରୁ ୩ଟି ଦେଶୀ ପିସ୍ତଲ, ଗୋଟିଏ ଖେଳନା ପିସ୍ତଲ, ୬ଟି ଜୀବନ୍ତ ଗୁଳି, ଭୁଜାଲି, ଲୁହାରଡ୍, ଲୁହାକଟା, ବ୍ଲେଡ୍ ଏବଂ ମୋବାଇଲ ଆଦି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୫୭/୨୪) ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ବୁଧବାର ଉଦିତନଗର ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆଇପିଏସ୍ ଅଧିକାରୀ ସୋନାଲି ସିଂହ ପରମାର୍ ସୂଚନା ଦେଇଛନ୍ତି।

ପରମାର ସୂଚନା ଦେଇ କହିଥିଲେ, ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସହରକୁ ଅପରାଧଶୂନ୍ୟ କରିବାକୁ ସ୍ୱତନ୍ତ୍ର ଅଭିଯାନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ଉଦିତନଗର ଅଞ୍ଚଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ଡିଏଭି ପୋଖରୀ ନିକଟସ୍ଥ ପଡିଆରେ କେତେକ ଯୁବକ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଆଧାର କରି ପୋଲିସ ସେଠାରେ ଚଢାଉ କରି ୬ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ୪ଜଣ ଫେରାର ହୋଇଯାଇଥିଲେ। ତେବେ ସେମାନଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଥିବା ପରମାର କହିଛନ୍ତି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ରାମପ୍ରସାଦ ନାଗ ଉପସ୍ଥିତ ଥିଲେ।

### ଅଭିଯୁକ୍ତଙ୍କୁ ହାଜର ବେଳେ ପୋଲିସ ହଟହଟା

ଖବରଦାତା ସମ୍ମିଳନୀ ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗଣମାଧ୍ୟମ ସମ୍ମୁଖକୁ ଆଣିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ୬ ଅଭିଯୁକ୍ତ ବାହାରକୁ ଆସିବା ବେଳେ ପୋଲିସ ବିରୋଧୀ ସ୍ଲୋଗାନ ଦେଇଥିଲେ। ସେମାନଙ୍କୁ ଥାନାକୁ ହାଜର ପାଇଁ ଡାକି ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ମାମଲାରେ ଫସାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏପରିକି ଥାନା ବାହାରେ ଥିବା ସୋନୁ ସାହୁଙ୍କ ମା’ ରାମକୁମାରୀ ଓ ରୋହିତ ନାଏକଙ୍କ ମା’ ତୁଳସୀ ପୋଲିସ ମିଥ୍ୟା ଅଭିଯୋଗରେ ତାଙ୍କ ପୁଅଙ୍କୁ ଫସାଇଥିବା ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଅଭିଯୁକ୍ତମାନଙ୍କୁ ତରବରିଆ ଭାବେ ଥାନା ଭିତରକୁ ନେଇଯାଇଥିଲା। ଅନ୍ୟପକ୍ଷେ ଏହି ଅଭିଯୋଗ ଉପରେ ପୋଲିସ କୌଣସି ଉତ୍ତର ଦେଇ ନ ଥିଲା ଏବଂ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା କହିଥିଲା।


ଉଦିତନଗର ଥାନା ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

# ୧୯ରୁ ଏନ୍‌ଆର୍‌ଆଇରେ ଅନ୍ତର୍ଜାତୀୟ ସମ୍ମିଳନୀ

କଟକ, ୧୭।୧ (କାର୍ତ୍ତିକ ସାହୁ)

କୃଷି ଅନୁସନ୍ଧାନ ଓ ପରିଚାଳନା ସଂସ୍ଥା (ଏସ୍‌ଏଆର୍‌ଏମ୍) ଓ କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ମିଳିତ ଆନୁକୂଲ୍ୟରେ କୃଷି ନିମନ୍ତେ ପୋଷଣୀୟ ବିକାଶ ଶୀର୍ଷକ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଏଗ୍ରିଭିଜନ-୨୦୨୪ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଏନ୍‌ଆର୍‌ଆର୍‌ଆଇ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ସୂଚନା ଦେଇ କହିଛନ୍ତି, ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଏନ୍‌ଆର୍‌ଆର୍‌ଆଇର ଏମ୍‌କେସିଜି ପ୍ରେକ୍ଷାଳୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ସୁନାମଧନ୍ୟ ବୈଜ୍ଞାନିକ, ଗବେଷକ ଓ ଛାତ୍ରୀଛାତ୍ର ଏଥିରେ ଯୋଗଦେବେ। ଏହି ଉପଲକ୍ଷେ ବୈଜ୍ଞାନିକ ଅଧିବେଶନ, ପୋଷ୍ଟର ଅଧିବେଶନ, ପ୍ରଦର୍ଶନୀ ଏବଂ କୃଷକ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଅନୁଷ୍ଠାନ ଏନ୍‌ଆର୍‌ଆର୍‌ଆଇ, ସିଫା, ସିଏମ୍‌ଏଫ୍‌ଆର୍‌ଆଇ, ସିଟିସିଆର୍‌ଆଇ, ଚେସ୍, ଫିଶେରି ସର୍ଭେ ଅଫ୍ ଇଣ୍ଡିଆ, ବଟାନିକାଲ ସର୍ଭେ ଅଫ୍ ଇଣ୍ଡିଆ, ନାରିକେଳ ଉନ୍ନୟନ ବୋର୍ଡ, କୟର ବୋର୍ଡ, କ୍ରିଭକୋ ପ୍ରମୁଖ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ କୃଷି ଅନୁସନ୍ଧାନ ପ୍ରତିଷ୍ଠାନର ଉପ ମହାନିର୍ଦ୍ଦେଶକ ତିଳକ ରାଜ ଶର୍ମା, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରୀୟ ଆୟୁର୍ବିଜ୍ଞାନ ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ରବିନାରାୟଣ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ନିଜ ନିଜ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ବୈଜ୍ଞାନିକମାନଙ୍କୁ ଆଜୀବନ ସିଦ୍ଧି ଓ ସୁପ୍ରଖ୍ୟାତ ବୈଜ୍ଞାନିକ ସମ୍ମାନରେ ସମ୍ମାନିତ କରାଯିବ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସମ୍ବଲପୁରୀ, ଢେମ୍‌ସା, ପାଇକ ନୃତ୍ୟ ପରିବେଷଣ କରାଯିବ। ଏହି ଖବରଦାତା ସମ୍ମିଳନୀରେ ସି କୋଲେ ଫାଉଣ୍ଡେଶନର ଅଧକ୍ଷ ପ୍ରଫେସର ଚିତ୍ତରଞ୍ଜନ କୋଲେ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲେ।

# ସୀମାନ୍ତରେ ୨ ମାଓବାଦୀଙ୍କ ଆତ୍ମସମର୍ପଣ


ଆତ୍ମସମର୍ପଣ କରିଥିବା ୨ ମାଓବାଦୀ ।

ମାଲକାନଗିରି, ୧୭।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ପୋଲିସ ନିକଟରେ ୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଗାଙ୍ଗାଲୁର ଏରିଆ କମିଟିର ପାଲନୁର ଆର୍‌ପିସି ମିଲିସିଆ ପ୍ଲାଟୁନ କମାଣ୍ଡର ସୁଖରାମ ଓରଫ ଗୋପୀ, ନିବାସ ପାଲନୁରର ପୁନେମପାରା ଓ ଆର୍‌ପିସି ପୁସନାର ଭୁମକାଲ ମିଲିସିଆ ସଦସ୍ୟ ସନୁ ପୁନେମ ଓରଫ କରକା ସୋନୁ ନିବାସ ପୁସନାର ଗୋରଗେ ପାରା। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ, ୨ ଜଣଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ କହିଛି। ଏହି ୨ଜଣଙ୍କ ମଧ୍ୟରୁ ସୁଖରାମ ଓରଫ ଗୋପୀ ୨୦୦୪ରେ ମାଓବାଦୀଙ୍କ ବାଲ ସଂଘମ୍‌ରେ ଯୋଗଦେଇଥିବା ବେଳେ ସନୁ ପୁନେମ ୨୦୦୦ରେ ସଂଗଠନର ବାଲ୍ ସଂଘମ୍‌ରେ ଯୋଗଦେଇଥିଲେ। ଏହି ଦୁଇଜଣ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ। ବର୍ତ୍ତମାନ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି କହିଛନ୍ତି।

# ୨ ଅଭିଯୁକ୍ତଙ୍କ ବିରୋଧରେ ଲାଗିଲା ଏନ୍‌ଏସ୍‌ଏ

## ହାଉସ ସର୍ଜନଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ବଲାଙ୍ଗୀର, ୧୭।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ହାଉସ ସର୍ଜନ ବିଶ୍ୱରଞ୍ଜନ ସାହୁଙ୍କୁ ଗତ ଡିସେମ୍ବର ୨୮ ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଆକ୍ରମଣକାରୀ ଦୁଇ ଅଭିଯୁକ୍ତ ସୁବର୍ଣ୍ଣପୁର ଜିଲା ବିନିକା ଥାନା ସକ୍ମା ଗାଁର ମୂଳବାସିନ୍ଦା ତଥା ବଲାଙ୍ଗୀର କଲେଜ ଛକ ନିକଟରେ ଭଡାଘରେ ରହୁଥିବା ସମୀର ବଡମାଲି ଓ ବଲାଙ୍ଗୀର ଶାନ୍ତିପଡା ନିବାସୀ ଲିପୁନ୍ ଓରଫ୍ ରାଜୁ ସାହୁଙ୍କୁ ପୋଲିସ ଗିରଫ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମେଡିକାଲ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରି ଉଭୟଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ଲଗାଯିବା ଦାବି କରି ଧାରଣାରେ ବସିଥିଲେ। ଜିଲାପାଳ ଏବଂ ଏସ୍‌ପି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ତେବେ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବାକୁ ବଲାଙ୍ଗୀର ଜିଲା ପୋଲିସ ପକ୍ଷରୁ ଜିଲାପାଳଙ୍କୁ ସୁପାରିଶ କରାଯାଇଥିଲା। ଜିଲାପାଳ ଚଞ୍ଚଳ ରାଣା ଉଭୟଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବା ସୁପାରିଶ ଉପରେ ମୋହର ମାରିଥିବା ଜଣାପଡିଛି। ଏନେଇ ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତ ଏବେ ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି।

# ‘ପାର୍ବତ୍ୟାଞ୍ଚଳରେ ବୃଦ୍ଧି ପାଇବ ଧାନ ଉତ୍ପାଦନ’

## ଏନ୍‌ଆର୍‌ଆର୍‌ଆଇରେ ୫ ଦିନିଆ ତାଲିମ ଶିବିର

କଟକ, ୧୭।୧ (କାର୍ତ୍ତିକ ସାହୁ)

ପାର୍ବତ୍ୟାଞ୍ଚଳରେ ଧାନ ଉତ୍ପାଦନ ବୃଦ୍ଧି ପାଇବ। ବୈଷୟିକ ଜ୍ଞାନକୌଶଳ ଉପଯୋଗରେ କୃଷି ବିଜ୍ଞାନୀମାନେ ଏଥିପାଇଁ ଉପାୟ ବାହାର କରୁଛନ୍ତି। ବିଶେଷକରି ଭାରତର ଉତ୍ତର-ପୂର୍ବ ପାର୍ବତ୍ୟାଞ୍ଚଳରେ ଜୈବ ବିବିଧତା ଓ ଭିନ୍ନ ଭିନ୍ନ କୃଷି ଜଳବାୟୁ ପରିସ୍ଥିତିକୁ ଅନୁଧ୍ୟାନ କରି ତଦନୁଯାୟୀ ପଦକ୍ଷେପ ନିଆଯାଇପାରିବ ବୋଲି କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ) ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ଏନ୍‌ଆର୍‌ଆର୍‌ଆଇ ପରିସରରେ କୃଷିବିଜ୍ଞାନ କେନ୍ଦ୍ରର ଅଧିକାରୀମାନଙ୍କ ନିମନ୍ତେ ୫ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ନିର୍ଦ୍ଦେଶକ ନାୟକ ଉଦ୍‌ଘାଟନ କରି କହିଛନ୍ତି, ଧାନ ଏକ ମୁଖ୍ୟ ଫସଲ ଭାବେ ଲକ୍ଷାଧିକ ଲୋକଙ୍କ ଜୀବିକା ନିର୍ବାହରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଧାନର ଉତ୍ପାଦନ ବୃଦ୍ଧି, ଖାଦ୍ୟର ପର୍ଯ୍ୟାପ୍ତତା ସୁନିଶ୍ଚିତ କରିବା ସହ ଆମ କୃଷକଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିରେ ଉନ୍ନତି ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଜରୁରୀ। ଦେଶର ଖାଦ୍ୟ ନିରାପତ୍ତାକୁ ସୁରକ୍ଷିତ ରଖିବା ଦିଗରେ ଅନୁଷ୍ଠାନର ସଫଳତା ଉଲ୍ଲେଖନୀୟ। ଦେଶରେ ଧାନ ଶିଳ୍ପର ଉନ୍ନତି ପାଇଁ ଏକ ସମନ୍ୱିତ ସହଯୋଗ ହିଁ କେବଳ ସହାୟକ ହୋଇପାରିବ। ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀମାନଙ୍କୁ ଗୁଣାତ୍ମକ ବିହନ ଉତ୍ପାଦନ, ପ୍ରକାର ଚୟନ, ବିହନ ସ୍ୱାସ୍ଥ୍ୟ ପରିଚାଳନା, ଫସଲ କୀଟ-ପୋକ ପରିଚାଳନା, ଫସଲ ରୋଗ ପରିଚାଳନା, ବିହନ ସଂରକ୍ଷଣ, ଧାନରେ ଅମଳ ପ୍ରକ୍ରିୟାକରଣ ଏବଂ ମୂଲ୍ୟ ଯୋଗ ଆଦି ଉପରେ ଆବଶ୍ୟକ ଜ୍ଞାନକୌଶଳ ପ୍ରଦାନ କରାଯିବା ସହ ଅନୁଷ୍ଠାନର ଫାର୍ମ, ଲାବୋରେଟୋରି ଓ ସଂଗ୍ରହାଳୟ ପରିଦର୍ଶନ କରି ଜ୍ଞାନ ଆହରଣ କରିବେ ବୋଲି ନିର୍ଦ୍ଦେଶକ ନାୟକ ସୂଚନା ଦେଇଛନ୍ତି। ସାମାଜିକ ବିଜ୍ଞାନ ବିଭାଗ ଅଧକ୍ଷ ଡ. ଜି.ଏ.କେ. କୁମାର ସ୍ୱାଗତ ଭାଷଣ ଦେଇ ଉପଯୁକ୍ତ ଜ୍ଞାନକୌଶଳର ଉତ୍ତର-ପୂର୍ବ ହିମାଳୟ ଅଞ୍ଚଳର ସାମଗ୍ରିକ ସମୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ଡ. ବିଶ୍ୱଜିତ୍ ମଣ୍ଡଳ, ଡ. ଏନ୍.ଏନ୍. ଜମ୍ବୁଲକର ଏବଂ ଡ. ସୁଦୀପ୍ତ ପାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଦେଶର ୨୦ଟି କୃଷି ବିଜ୍ଞାନ କେନ୍ଦ୍ରର କୃଷି ଅଧିକାରୀ ଯୋଗଦେଇଛନ୍ତି।

# ସୀମାନ୍ତରୁ ୩ ମାଓବାଦୀ ଗିରଫ



ମାଲକାନଗିରି, ୧୭।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ବିଭିନ୍ନ ଆକ୍ରମଣ, ଅଗ୍ନିକାଣ୍ଡ ଏବଂ ଅନ୍ୟାନ୍ୟ ମାଓବାଦୀ ଘଟଣାରେ ସମ୍ପୃକ୍ତ ଥିବା ୩ ମାଓବାଦୀଙ୍କୁ ବୁଧବାର ସୁରକ୍ଷା ବାହିନୀ ଗିରଫ କରିଛି । ଗିରଫମାନେ ହେଲେ ସବଲମ ସୋମା, କୋରସା ଦଶରୁ, ପୁନେମ ସୁରେଶ । ସୂଚନା ଅନୁଯାୟୀ, ବିଜାପୁର ଜିଲା ବାସାଗୁଡା-ଗଙ୍ଗାଲୁର ଥାନା ଅନ୍ତର୍ଗତ ଏକ ଯାତ୍ରୀବାହୀ ବସ୍‌ରେ ଅଗ୍ନିକାଣ୍ଡ ଏବଂ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟଣାରେ ସାମିଲ ଥିବା ମାଓବାଦୀଙ୍କୁ ସୁରକ୍ଷାବାହିନୀ ଗିରଫ ପରେ କୋର୍ଟରେ ହାଜର କରିଛି । ପୋଲିସ ସୂଚନା ଅନୁଯାୟୀ, ବାସାଗୁଡା ଥାନା ଏବଂ କୋବ୍ରା ବାଟାଲିୟନ ୨୧୦ର ମିଳିତ ଟିମ୍ ତିମାପୁର ନେଡ୍ରା ଅଞ୍ଚଳ ଆଡକୁ ମାଓବାଦୀ ଅପରେଶନ ପାଇଁ ଯାଇଥିଲେ। ଏହି ସମୟରେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ୩ ମାଓବାଦୀ ମିଲିସିଆ ସଦସ୍ୟଙ୍କୁ ସୁରକ୍ଷା ବାହିନୀ ଗିରଫ କରିଥିଲେ । ସେମାନଙ୍କ ନିକଟରୁ ଯବାନମାନେ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ କରିଥିବା ବେଳେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପାନ ଦୋକାନରେ ଗଞ୍ଜେଇ ବେପାର

## ଅଭିଯୁକ୍ତ ଗିରଫ, ବିପୁଳ ପରିମାଣର ଗଞ୍ଜେଇ ସିଗାରେଟ୍ ଜବତ

ଭୁବନେଶ୍ୱର, ୧୭।୧ (ସତ୍ୟଜିତ୍ ରାଉତ)

ରାଜଧାନୀରେ ଏକ ପାନ ଦୋକାନରେ ଗଞ୍ଜେଇ ବେପାର ଚାଲିଥିଲା। ସ୍ୱତନ୍ତ୍ର ଭାବେ ଗଞ୍ଜେଇ ସିଗାରେଟ୍ ପ୍ରସ୍ତୁତ କରାଯାଇ ଯୁବକମାନଙ୍କୁ ବିକ୍ରି କରାଯାଉଥିଲା। ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ ଘରୋଇ କଲେଜ୍ ନିକଟରେ ଥିବା ଏହି ଦୋକାନ ଉପରେ ମଙ୍ଗଳବାର ଭୁବନେଶ୍ୱର ଅବକାରୀ ଟିମ୍ ଚଢ଼ାଉ କରିଛି। ଅବକାରୀ ଟିମ୍ ଉକ୍ତ ଦୋକାନରୁ ୩୬ ହଜାର ୮୪୦ ଟଙ୍କା, ୮ କେଜି ୨୦୦ ଗ୍ରାମ ଗଞ୍ଜେଇ ଏବଂ ବିପୁଳ ପରିମାଣର ଗଞ୍ଜେଇ ସିଗାରେଟ୍ ଜବତ କରିଛି। ଅଭିଯୁକ୍ତ ଦୋକାନୀ ସୁକାନ୍ତ ଦାସଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ସୁକାନ୍ତ ଅନେକ ଦିନ ହେବ ଗଞ୍ଜେଇ ସିଗାରେଟ୍ ଯୁବକମାନଙ୍କୁ ବିକ୍ରି କରୁଥିଲେ। ଏଥିସହ ଛୋଟ ଦୋକାନଗୁଡ଼ିକୁ ମଧ୍ୟ ଗଞ୍ଜେଇ ଚାଲାଣ କରୁଥିଲେ। ଏନେଇ ଅବକାରୀ ଟିମ୍ ସୂଚନା ପାଇବା ପରେ ମଙ୍ଗଳବାର ଉକ୍ତ କ୍ୟାବିନ୍‌ରେ ଚଢ଼ାଉ କରି ସୁକାନ୍ତଙ୍କୁ କାବୁ କରିଥିଲା। ତେବେ କେଉଁଠୁ ଏବଂ କାହା ପାଖରୁ ସୁକାନ୍ତ ଗଞ୍ଜେଇ ଆଣୁଥିଲେ, ତାହା ଜାଣିବାକୁ ତଦନ୍ତ କରାଯାଉଥିବା ଅବକାରୀ ଇନ୍ସପେକ୍ଟର ବିକାଶ ନାୟକ କହିଛନ୍ତି।

# ବିଧାୟକ ପ୍ରତାପ ଜେନାଙ୍କୁ ପୁଣି ହାଇକୋର୍ଟରୁ ଆଶ୍ୱସ୍ତି

## ମାହାଙ୍ଗା ଡବଲ ମର୍ଡର ମାମଲା

କଟକ, ୧୭।୧ (କାର୍ତ୍ତିକ ସାହୁ)

ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ହାଇକୋର୍ଟରୁ ପୁଣି ଆଶ୍ୱସ୍ତି ମିଳିଛି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦାଏର ମାମଲାର ଶୁଣାଣିକୁ ଆସନ୍ତା ଫେବୃଆରୀ ୧ ତାରିଖ ଯାଏ ହାଇକୋର୍ଟ ଘୁଞ୍ଚାଇ ଦେଇଛନ୍ତି। ବିଚାରପତି ବି.ପି. ରାଉତରାୟଙ୍କ ଅଦାଲତ ମାମଲା ଶୁଣାଣି କରି ବୁଧବାର ଦେଇଥିବା ଏହି ନିର୍ଦ୍ଦେଶ ଫଳରେ ବିଧାୟକ ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧି ବୃଦ୍ଧି ପାଇଛି। ଉଭୟ ପକ୍ଷଙ୍କ ସହମତିରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଫେବୃୟାରୀ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ବିଧାୟକ ଜେନାଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ସହ କ୍ରିମିନାଲ ରିଭିଜନ୍ ପିଟିଶନ୍ ଗତ ଅକ୍ଟୋବର ୩୧ ତାରିଖରେ ହାଇକୋର୍ଟରେ ଦାଏର କରିଥିଲେ। ନଭେମ୍ବର ୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାର ଓ ରଣଜିତ୍ ବରାଳଙ୍କୁ ନୋଟିସ ଜାରି କରିଥିଲେ। ନିମ୍ନ ଅଦାଲତରୁ ରେକର୍ଡ ତଲବ କରିବା ସହ ଡିସେମ୍ବର ୧୯ ପର୍ଯ୍ୟନ୍ତ ବିଧାୟକ ଜେନାଙ୍କ ବିରୋଧରେ କୌଣସି ପ୍ରକାର କଠୋର ପଦକ୍ଷେପ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ବିଧାୟକ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲାରେ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ରହିଥିଲା। ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସିରେ ୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ ବିଧାୟକ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଘଟଣାରେ ଜଡ଼ିତ ଥିବା ଜେନାଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି), ତତ୍କାଳୀନ ମାହାଙ୍ଗା ବ୍ଲକ ଅଧକ୍ଷ ଶରତ ଚନ୍ଦ୍ର ନାୟକଙ୍କ କଲ୍ ରେକର୍ଡ ସମେତ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ କଲ ଡିଟେଲ୍ସ ରେକର୍ଡ(ସିଡିଆର୍) ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର କୋର୍ଟଙ୍କୁ ସମୟ ମାଗି ତତ୍କାଳୀନ ଥାନା ଅଧିକାରୀ ଅଡୁଆରେ ପଡ଼ିଥିଲେ। ଏହାପରେ ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ତଥ୍ୟ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ପୋଲିସ ଚାର୍ଜଶିଟ୍, କଲ ରେକର୍ଡ ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲା। ଇତିମଧ୍ୟରେ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସାକ୍ଷ୍ୟପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ଅବସ୍ଥାକୁ ଦୃଷ୍ଟିରେ ରଖି ସାଲେପୁର ଜେଏମ୍‌ଏଫ୍‌ସି ୨୦୨୩ ସେପ୍ଟେମ୍ବର ୧୫ରେ ବିଧାୟକ ଜେନାଙ୍କ ନାମରେ ୩୦୨, ୫୦୬, ୧୦୨ ଦଫାରେ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଶ୍ରୀକ୍ଷେତ୍ର ଐତିହ୍ୟରେ ...

ପରିକ୍ରମା ଶିଳାକୁ ମନ୍ତ୍ରପାଠ ମଧ୍ୟରେ ଉନ୍ମୋଚନ କରିଥିଲେ। ଏହି ସମୟରେ ଋକ୍, ସାମ, ଯଜୁଃ ଓ ଅଥର୍ବ ବେଦଧ୍ୱନିରେ ପ୍ରକମ୍ପିତ ହେଉଥିଲା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ପରେ ଗଜପତି ମହାରାଜାଙ୍କ ଦ୍ୱାରା ଯଜ୍ଞରେ ପୂର୍ଣ୍ଣାହୁତି ସହ ଆରତି ଓ ପୁଷ୍ପାଞ୍ଜଳି ପରେ ନାମ ସଂକୀର୍ତ୍ତନ ଓ ପାରମ୍ପରିକ ସମରକଳା ସାହିଯାତ ଶୋଭାଯାତ୍ରାରେ ଗଜପତି ମହାରାଜା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍, ନିମନ୍ତ୍ରିତ ଅତିଥି, ନେତା, ମନ୍ତ୍ରୀ, ସାଧୁ ସନ୍ଥ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ସେବାୟତ ସମସ୍ତେ ଅନ୍ତଃ ପ୍ରଦକ୍ଷିଣ କରିଥିଲେ। ପ୍ରଦକ୍ଷିଣ ସରିବା ପରେ ପ୍ରଶାସନ ପକ୍ଷରୁ କରାଯାଇଥିବା ସଭାସ୍ଥଳକୁ ମୁଖ୍ୟମନ୍ତ୍ରୀ ଯାଇଥିଲେ। ସେଠାରେ ପରିକ୍ରମା ପ୍ରକଳ୍ପକୁ ପ୍ରଦର୍ଶନ କରାଯାଇଥିଲା। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ କରୁଥିବା କୁଶଳୀ କାରିଗରଙ୍କ ସମେତ ପ୍ରକଳ୍ପ ପାଇଁ ନିଜ ଭିଟାମାଟି ଓ ମୂଲ୍ୟବାନ ଜମି ତ୍ୟାଗ କରିଥିବା ପୁରୀବାସୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନେପାଳ ରାଜାଙ୍କ ଅନୁପସ୍ଥିତିରେ ତାଙ୍କର ତିନିଜଣ ପ୍ରତିନିଧି ମଧ୍ୟ ସଭାସ୍ଥଳରେ ଉପସ୍ଥିତ ରହିବା ସହ ପ୍ରକଳ୍ପ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତେବେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ନେଇ ପୁରୀ ସହରକୁ ଏକ ସିକ୍ୟୁରିଟି ଜୋନରେ ରଖାଯାଇଥିଲା। ସମଗ୍ର ଶ୍ରୀକ୍ଷେତ୍ର ସୁରକ୍ଷା ଚାଦର ମଧ୍ୟରେ ରହିଥିବାବେଳେ ୮୦ପ୍ଲାଟୁନ ପୋଲିସ ଫୋର୍ସ ସହ ଫେସ୍ ରିଡିଂ କ୍ୟାମେରା, କେ-୯ ସିକ୍ୟୁରିଟି ସହ ବଛାବଛା ବରିଷ୍ଠ ପୋଲିସ ଅଧିକାରୀମାନେ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିଥିଲେ।

# ନାହାନ୍ତି ଡାକ୍ତର, ମିଳୁନି ଚିକିତ୍ସା

- ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବ୍ୟାହତ
- ଜିଲାପାଳଙ୍କ ଠାରେ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା,୧୭।୧ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ନିଯୁକ୍ତ ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଯାଇଥିବାବେଳେ ତାଙ୍କ ବଦଳରେ କାହାକୁ ନିଯୁକ୍ତ କରାଯାଇ ନାହିଁ। ଫଳରେ ରୋଗୀସେବା ବ୍ୟାହତ ହେଉଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ, ସ୍ୱାସ୍ଥ୍ୟମନ୍ତ୍ରୀ, ସମ୍ବଲପୁର ଏମ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ବୁଧବାର ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କୁ ସମସ୍ୟା ବିଷୟରେ ଜଣାଇଛନ୍ତି।

ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନୁନୁକାପଶି, ଗାଁ ବଇଣ୍ଡା, କଣ୍ଟେଇକୋଳିଆ, ଜାମୁନାଳୀ, ଲୁହାମୁଣ୍ଡା, ଆଠମଲ୍ଲିକ ବ୍ଲକର ପେଡିପଥର ପଞ୍ଚାୟତର ୩୫ ହଜାର ଲୋକ ଚିକିତ୍ସା ପାଇଁ ନିର୍ଭରଶୀଳ। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳର ବହୁ ଗ୍ରାମର ଲୋକେ ଏଠାକୁ ଚିକିତ୍ସା ପାଇଁ ଆସୁଥିଲେ ହେଁ ସେବା ପାଇପାରୁନାହାନ୍ତି। ଜଣେ ଆୟୁଷ ଡାକ୍ତର ନିଯୁକ୍ତ ହୋଇଥିବା ବେଳେ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲି ପଡ଼ିଛି। ବିଶେଷକରି ଗ୍ରାମାଞ୍ଚଳରୁ ଆସୁଥିବା ଆସନ୍ନ ପ୍ରସବାମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଏଠାରେ ଚିକିତ୍ସା ସେବା ନ ପାଇ ରୋଗୀମାନଙ୍କ ମଧ୍ୟରୁ ଅନେକେ ଘରୋଇ କ୍ଲିନିକକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଥିବା ବେଳେ ଅନ୍ୟମାନେ ୩୫ କିମି ଦୂର କିଶୋରନଗର ନଚେତ ୭୦ କିମି ଦୂର ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ୫୫ ନମ୍ବର ଜାତୀୟ ରାଜପଥ କଡରେ ଏହି ମେଡିକାଲ ପଡୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ଗୁରୁତର ଅବସ୍ଥାରେ ଏଠାକୁ ଅଣାଯାଉଛି। ହେଲେ ଡାକ୍ତର ନ ଥିବାରୁ ତୁରନ୍ତ ସେମାନଙ୍କୁ ରେଫର୍ କରିଦିଆଯାଉଛି। ସେହିପରି ଡାକ୍ତରଙ୍କ କ୍ୱାର୍ଟର୍ସ ଓ ଅନ୍ୟ କର୍ମଚାରୀଙ୍କ କ୍ୱାର୍ଟର୍ସଗୁଡିକ ଦୀର୍ଘବର୍ଷ ତଳୁ ନିର୍ମାଣ ହୋଇଥିବାରୁ ତାହା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ରହିବାର ସୁବିଧା ନ ଥିବାରୁ ନିଯୁକ୍ତ ହେଉଥିବା ଡାକ୍ତରମାନେ ଏଠାରେ ନ ରହି ଅନ୍ୟସ୍ଥାନରେ ଭଡ଼ାରେ ରହୁଥିବା ଯୋଗୁ ୨୪ ଘଣ୍ଟିଆ ଚିକିତ୍ସା ସେବା ଲୋକଙ୍କୁ ମିଳିପାରୁ ନାହିଁ। ସ୍ଥାୟୀ ଡାକ୍ତର ନିଯୁକ୍ତ ସହ ବଇଣ୍ଡା ମେଡିକାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ୧୦ ଡିସେମ୍ବର ୨୦୨୦, ୫ ମାର୍ଚ୍ଚ ୨୦୨୧, ୨୯ ମେ ୨୦୨୨, ୧୦ ଜାନୁଆରୀ ୨୦୨୩ରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ଖାଲିପଡିଥିବା ଡାକ୍ତର ପଦବୀ ପୂରଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନ ହେଲେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଶିବାନନ୍ଦ ମହାନ୍ତି କହିଛନ୍ତି, ଜିଲାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ସରକାରଙ୍କୁ ଅବଗତ କରାଯାଇଛି। ନୂଆ ନିଯୁକ୍ତି ଦିଆଗଲେ ବଇଣ୍ଡାରେ ଡାକ୍ତର ପଦବୀ ପୂରଣ କରାଯିବ।

# ଓଡ଼ିଆ ଭାଷା, ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଅନୁଗୋଳ,୧୭।୧ (ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ନୂଆ-ଓ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇସାରିଛି। ପରିଚାଳନା କମିଟି ଚେୟାରମ୍ୟାନ ଡ. ବିଭୂତି ଭୂଷଣ ମହାପାତ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର କର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହିତ ଏହା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟ, ସଂସ୍କୃତି, ଓଡ଼ିଆ ଅସ୍ମିତା ପ୍ରତିଷ୍ଠିତ କରାଇବାରେ କିଭଳି ସହାୟକ ହୋଇପାରିଛି, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର କାହ୍ନୁଚରଣ ପାଢ଼ୀ ଏବଂ 'ନୂଆ - ଓ' ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଫିସର ସୁରେଶଚନ୍ଦ୍ର ରାଜହଂସ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କାମନା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡ଼ିଆ କବିତା ଲିଖନ, କ୍ଷୁଦ୍ରଗଳ୍ପ ଲିଖନ, ପ୍ରବନ୍ଧ ଲିଖନ, ହସ୍ତାକ୍ଷର, ସ୍ଲୋଗାନ ଲିଖନ, ବ୍ୟାକରଣ ଦକ୍ଷତା, ଭାଷା ଅଲିମ୍ପିଆଡ, ସାଧାରଣ ଜ୍ଞାନ ପରୀକ୍ଷା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ବର୍ଷା ସେଠୀ, ପାପୁନି ବେହେରା, ମୈତ୍ରୀ ମନସିନୀ ବିଶାଳ, ଲିପୁନ ସାହୁ, ପ୍ରିୟଙ୍କା ପାତ୍ର, ସୁଚିସ୍ମିତା ପଲେଇ, ପୁଷ୍ପାଞ୍ଜଳି ମୁଣ୍ଡାରୀ, ପ୍ରଗତି ପ୍ରଧାନ, ପ୍ରିୟଦର୍ଶିନୀ ଭୁକ୍ତା, କୁନି ପ୍ରଧାନ, ପ୍ରିୟତମା ଜେନା, ଶୁଭଶ୍ରୀ ଭୂତିଆ, ରବିନା ମିର୍ଦ୍ଧା, ଦେବପ୍ରିୟା ସ୍ୱାଇଁ, ସାନନ୍ଦ ବେହେରା, ସୁକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।




# ଭୁବନେଶ୍ୱରଙ୍କ ମନ୍ଦିରରେ ମକର ଯାତ୍ରା

ଆଠମଲ୍ଲିକ,୧୭।୧ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅଏଡ଼ା ପଞ୍ଚାୟତ ବଘୁଆକଟା ଗ୍ରାମସ୍ଥିତ ବାବା ଭୁବନେଶ୍ୱରଙ୍କ ମନ୍ଦିରରେ ମକର ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିରାଟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରଦିନ ମକରସଂକ୍ରାନ୍ତିରେ ବାବା ଭୁବନେଶ୍ୱର ଓ ମାତା ପାର୍ବତୀଙ୍କୁ ପାଲିଙ୍କିରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଏହି ଉପଲକ୍ଷେ ୨ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାତ୍ରା କମିଟି ସଭାପତି କୃଷ୍ଣ ମୋହନ ବଘାର, ସମ୍ପାଦକ ପ୍ରଦୀପ ବେହେରା, କୋଷାଧ୍ୟକ୍ଷ ଶେଷଦେବ ବଣିଚୋର, ବରିଷ୍ଠ ସଭ୍ୟ ନିରଞ୍ଜନ ଦେହୁରୀ, ନବୀନ କୁମାର ଦେହୁରୀ, ସୁରଥ କ୍ଷେତିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



# ସାବିତ୍ରୀ ଜିନ୍ଦଲ ଏୟାରପୋର୍ଟରେ ଦୁଃସାହସିକ କ୍ରୀଡ଼ା

ଅନୁଗୋଳ, ୧୭।୧ (ଅମିତ କୁମାର ସାମଲ)





ଅନୁଗୋଳର ସାବିତ୍ରୀ ଜିନ୍ଦଲ ଏୟାରପୋର୍ଟ ଠାରେ ପ୍ରଥମ ଥର ପାଇଁ ଦୁଃସାହସିକ କ୍ରୀଡ଼ା ଗତ ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ସ୍ମରଣୀୟ ଦୁଃସାହସିକ କ୍ରୀଡ଼ା ମଧ୍ୟରେ ପାରା ମଟୋରିଙ୍ଗ, ପାରାସେଲିଙ୍ଗ ଏବଂ ହଟ ଏୟାର ବାଲୁନିଙ୍ଗ ଆଦି ରହିଛି। ଏଥିରେ ବହୁ ସଂଖ୍ୟାରେ ସାଧାରଣ ଲୋକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ପି କର୍ମଚାରୀ ଏବଂ ତାଙ୍କ ପରିବାରବର୍ଗଙ୍କ ସହ ସରକାରୀ ଅଫିସିଆଲ ଏବଂ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରି ଏହି କାର୍ଯ୍ୟକ୍ରମର ଭରପୂର ମଜା ଉଠାଇଥିଲେ। ଏହି କାର୍ଯ୍ୟକ୍ରମ ଭର୍ଟିକାଲ ଇଣ୍ଡିଆ ଗ୍ରୁପ୍ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ପାଖାପାଖି ୬୦୦ ଜନସାଧାରଣ ଯୋଗଦେଇ ଆକାଶମାର୍ଗରେ ଅନୁଷ୍ଠିତ କ୍ରୀଡ଼ାରେ ସାମିଲ ହୋଇଥିଲେ। ଏହିପରି କାର୍ଯ୍ୟକ୍ରମ ଜେଏସ୍‌ପିର କର୍ମଚାରୀଙ୍କ ପାଇଁ ଥିବା କଲ୍ୟାଣ ପ୍ରତିବଦ୍ଧତାକୁ ଦୋହରାଇବା ସହ କମ୍ପାନୀର କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁଯୋଗ ପ୍ରଦାନ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

# ଭାଜପାରେ ମିଶିଲେ ୨୫ ବିଜେଡି କର୍ମୀ

ଅନୁଗୋଳ,୧୭।୧ (ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ୩ ନମ୍ବର ଜୋନ ଅନ୍ତର୍ଗତ ଖଲାରୀ ମଣ୍ଡଳ ବଲାସିଂଘା ପଞ୍ଚାୟତ ବଲାସିଂଘା ଗ୍ରାମର ୨୫ ଜଣ ବିଜେଡି କର୍ମୀ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ମିଶ୍ରପଡା ସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ସେମାନେ ଭାଜପାରେ ଯୋଗଦାନ କରିଥିଲେ। ପ୍ରତାପ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଭାଜପା ନେତା ଦୁଃଖବନ୍ଧୁ ସାହୁ, ଅକ୍ଷୟ ସାହୁ, ବିଜୟ ସାହୁ, ପରମ ସାହୁ, ପ୍ରଭାକର ସାହୁ, ଗଗନ ବିହାରୀ ସାହୁ, ତୀର୍ଥ ସାହୁ, ସୁଧାକର ସାହୁ, କୃପାସିନ୍ଧୁ ସାହୁ, ସତ୍ପେଶର ସାହୁ, ରଞ୍ଜନ ସାହୁ ଓ ତୀର୍ଥ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଥର୍ମାଲର ୫୦% ବିଦ୍ୟୁତ୍ ସରକାର ନେବେ

ତାଳଚେର,୧୭।୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏନ୍‌ଟିପିସି ତାଳଚେର ଥର୍ମାଲରେ ପ୍ରତିଷ୍ଠା ହେବାକୁ ଥିବା ୬୬୦x୨ ମେଗାୱାଟ୍ ଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉତ୍ପାଦିତ ବିଦ୍ୟୁତ୍ ମଧ୍ୟରୁ ୫୦% ରାଜ୍ୟ ସରକାର ବ୍ୟବହାର କରିବେ। ଅନ୍ୟ ୫୦% ଦେଶର ଅନ୍ୟ ରାଜ୍ୟମାନଙ୍କୁ ପ୍ରଦାନ କରାଯିବ। ଏନ୍‌ଟିପିସି ତାଳଚେର ଥର୍ମାଲ ଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଏହି ସୂଚନା ଦେଇଛନ୍ତି। ନିର୍ଦ୍ଦେଶକ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ପ୍ରଦୂଷଣ ଓ କାର୍ବନ ବିକିରଣ ସର୍ବନିମ୍ନ ରହିବ। ଏହି ଅବସରରେ ସେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଟିପିସି ବୈଷୟିକ ସମୃଦ୍ଧି ସହ କିପରି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ଅନ୍ୟାନ୍ୟ ଦିଗ ବିଷୟରେ ଯତ୍ନବାନ ତାହା ଉଲ୍ଲେଖ କରିଥିଲେ। ଏଥିସହ ସମସ୍ତଙ୍କୁ ନବ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏନ୍‌ଟିପିସିର ଅଧିକାରୀମାନେ।

# ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଶ୍ରାଦ୍ଧ ଦିବସ

ଅନୁଗୋଳ, ୧୭।୧ (ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ଶାନ୍ତି ମନ୍ଦିର ପରିସରରେ ଓଡ଼ିଶାର ମହାନ୍ ଦାର୍ଶନିକ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଗାନ୍ଧୀବାଦୀ ସମାଜସେବୀ କୃଷ୍ଣା ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସଭାପତି ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ ଓ ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ଚିତ୍ତରଞ୍ଜନଙ୍କ ବହୁବିଧ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଚିତ୍ତରଞ୍ଜନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଲିପିକା ମହାପାତ୍ର, ସରସ୍ୱତୀ ସ୍ୱାଇଁ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶାଳ, ଶ୍ରୀକାନ୍ତ ଦାସ, ନାରାୟଣ ମିଶ୍ର, ଲଳିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦିବ୍ୟଦର୍ଶନ ଅନୁଭୂତି ପାଇଲେ ଭକ୍ତ

ଆଠମଲ୍ଲିକ,୧୭।୧ (ଉଦୀପ୍ତ ପୁରୋହିତ)

ବହୁ ପ୍ରତୀକ୍ଷିତ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଦେଖି ଆଠମଲ୍ଲିକର ବହୁ ଜଗନ୍ନାଥପ୍ରେମୀ ନିଜକୁ ଧନ୍ୟ ମନେ କରିବା ସହିତ ଦିବ୍ୟ ଦର୍ଶନ ଅନୁଭୂତି ମିଳିଲା ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସମସ୍ତ ପଞ୍ଚାୟତ ଓ ପୌରାଞ୍ଚଳରେ ଏଲ୍‌ଇଡି ବଡ଼ ପରଦାରେ ଦିବ୍ୟ ଦୃଶ୍ୟର ସିଧା ପ୍ରସାରଣ ଜନସାଧାରଣଙ୍କୁ ଦେଖାଇବାର ବ୍ୟବସ୍ଥା କରାଯାଇଥିଲା। ପୌରାଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଏନଏସି କାର୍ଯ୍ୟାଳୟ ପକ୍ଷରୁ ଏଲଇଡିର ବଡ଼ ପରଦା ଲଗାଯାଇ ଲୋକଙ୍କୁ ସିଧା ପ୍ରସାରଣ ଦେଖିବାକୁ ବ୍ୟବସ୍ଥା କରାଯାଇଥିଲା। ଫୁଲମାଳ ଲଗାଯାଇ ମନ୍ଦିରକୁ ସୁସଜ୍ଜିତ କରାଯାଇଥିଲା। ସ୍ୱତନ୍ତ୍ର ମଞ୍ଚ କରାଯାଇ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୌରାଧ୍ୟକ୍ଷା ଆଶାକୁମାରୀ ସାହୁ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଚାଲୁ ରହିଥିଲା।



# ରାଜପଥ, ମେଡିକାଲ କଲେଜ ପାଇଁ ଆନ୍ଦୋଳନ

ଅନୁଗୋଳ, ୧୭।୧ (ଅମିତ କୁମାର ସାମଲ)

ଅନୁଗୋଳ ପଞ୍ଚମହଲାଠାରୁ ବଅଁରପାଳ ପର୍ଯ୍ୟନ୍ତ ୫୫ ନମ୍ବର ଜାତୀୟ ରାଜପଥର ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଅନେକ ସମୟରେ ଦୁର୍ଘଟଣାରେ ଧନ ଜୀବନ ହାନି ହେଉଛି। କିନ୍ତୁ ରାଜପଥ କାର୍ଯ୍ୟ ଶେଷ କରାଯିବା ବଦଳରେ କେବଳ ତାରିଖ ବଦଳାଯାଉଛି। ଏହାକୁ ନେଇ ବୁଧବାର ପୂର୍ବାହ୍ନରେ ଅନୁଗୋଳ ସଚେତନ ନାଗରିକମାନେ ଜିଲା କୃଷି ଭବନ ଠାରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜପଥ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ସେହିଭଳି ଅନୁଗୋଳ ଜିଲାରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ପାଇଁ ମଧ୍ୟ ଦାବି କରାଯାଇଛି। ଏହି ଦାବି ପୂରଣ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଗଣଧାରଣାରେ ଅନୁଗୋଳ ଓକିଲ ସଂଘ, ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ।




# ନାଟକ ବ୍ରହ୍ମ ବିବାଦ ବିସମ୍ବାଦ ମଞ୍ଚସ୍ଥ



ଅନୁଗୋଳ,୧୭।୧ (ଅମିତ କୁମାର ସାମଲ)

ପୁରୀରେ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ସମାରୋହ ଅବସରରେ ଅନୁଗୋଳରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଆଧାରିତ ନାଟକ 'ବ୍ରହ୍ମ ବିବାଦ ବିସମ୍ବାଦ' ମଞ୍ଚସ୍ଥ ହୋଇଯାଇଛି। ଏହି ସମାରୋହକୁ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଉଦ୍‌ଘାଟନ କରି ଜଗନ୍ନାଥ ଦର୍ଶନ ଓ ସଂସ୍କୃତି ସୁଦୂର ପ୍ରସାରିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଅକ୍ଷୟ କୁମାର ସାମନ୍ତ ଯୋଗ ଦେଇଥିଲେ। ୩୫ରୁ ଅଧିକ କଳାକାରଙ୍କୁ ନେଇ ଏହି ନାଟକ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିଥିଲା। ନାଟକରେ ଜଗନ୍ନାଥଙ୍କ ଅପାର ମହିମା ଠାରୁ ଆରମ୍ଭ କରି ବ୍ରହ୍ମବିବାଦ ଯାଏ ସବୁ କଥା ପ୍ରଦର୍ଶିତ ହୋଇଥିଲା। ଜଣେ ଭକ୍ତଙ୍କୁ ପ୍ରଭୁ ସିଧାସଳଖ ଦର୍ଶନ ନ ଦେଇ କିଭଳି ବାରମ୍ବାର ଧୈର୍ଯ୍ୟର ପରୀକ୍ଷା କରୁଛନ୍ତି ତାହା ବେଶ୍ ମାର୍ମିକ ଭାବେ ପ୍ରଦର୍ଶିତ ହୋଇଥିଲା। ପରୀକ୍ଷା କଲେ ମଧ୍ୟ ଭକ୍ତଙ୍କୁ ସେ ନିଜର ଅଶେଷ କୃପା ଦାନ କରିଛନ୍ତି। ଯେଉଁମାନେ ଦ୍ୱନ୍ଦ୍ୱ ସୃଷ୍ଟି କରନ୍ତି ଏବଂ ଯୁଗ ଯୁଗ ତ୍ରୁଟିରୁ ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି ତାଙ୍କୁ ପ୍ରଭୁ କିଭଳି ଦଣ୍ଡ ଦେଇଛନ୍ତି ଏବଂ ସେମାନେ କିଭଳି ଦଣ୍ଡକୁ ଗ୍ରହଣ କରୁଛନ୍ତି ତାହାକୁ ନେଇ ନାଟକ ଗତିଶୀଳ ହୋଇଥିଲା। ନାଟକଟି ରାଜ୍ୟ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ପ୍ରଦର୍ଶିତ ହୋଇଥିଲା। ନାଟକକୁ ରଚନା କରିଥିଲେ ନବୀନ କୁମାର୍ ପରିଡ଼ା ଏବଂ ନିର୍ଦ୍ଦେଶନା ଦେଇଥିଲେ ସୁଧାଂଶୁ ମୋହନ ଦ୍ୱିବେଦୀ। ନାଟ୍ୟମ ଅନୁଷ୍ଠାନର ସଭାପତି ଦ୍ୱିବେଦୀଙ୍କ ସମେତ ସମ୍ପାଦକ ସମୀର ପଟ୍ଟନାୟକ, ନିସାର ଆଲୀ ଦାମାନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଟ୍ୟମର କଳାକାରମାନଙ୍କ ମଞ୍ଚ ପ୍ରଦର୍ଶନ ବେଶ ଉପଭୋଗ୍ୟ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶା ବଜାରରେ 'ଦି ନ୍ୟୁ ହ୍ୟୁଣ୍ଡାଇ କ୍ରେଟା'

ଭୁବନେଶ୍ୱର,୧୭।୧ (ଅଭୟ ଦାଶ)

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ବହୁପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଦି ନ୍ୟୁ ହ୍ୟୁଣ୍ଡାଇ କ୍ରେଟା'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ହ୍ୟୁଣ୍ଡାଇ କଟକ ସିଡିଏ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଆଶାଦ ନିଜାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ବା ଏସ୍‌ବିଆଇ କଟକ ସିଟି ବ୍ରାଞ୍ଚର ବ୍ରାଞ୍ଚ ମ୍ୟାନେଜର (ଶାଖା ପରିଚାଳିକା) ଡି. ରମାୟାଙ୍କ ସମେତ ଉତ୍କଳ ହ୍ୟୁଣ୍ଡାଇର ସେଲ୍‌ସ ମ୍ୟାନେଜର ସୟଦ ଓମାନ ଫାରୁକ୍, ବିଡିଏମ ସେଲ୍‌ସ ୱାସିମ ଅହମ୍ମଦ, ସିସିଏମ ଗାୟତ୍ରୀ ବାରିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଦି ନ୍ୟୁ ହ୍ୟୁଣ୍ଡାଇ କ୍ରେଟାରେ ଅନେକ ଅତ୍ୟାଧୁନିକ ଫିଚର ସହ ହ୍ୟୁଣ୍ଡାଇ ସ୍ମାର୍ଟସେନ୍ସ-ଲେଭଲ-୨ ସହ ଆଡାସ୍ ସାମିଲ ରହିଛି।




# ତନିସ୍କ 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡସ୍' ଆରମ୍ଭ



ଭୁବନେଶ୍ୱର,୧୭।୧(ଅନୁରାଧା ମହାରଣା)

ଗହଣା ରିଟେଲ ବ୍ରାଣ୍ଡ ତନିସ୍କ 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡସ୍' ଆରମ୍ଭ କରିଛି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ହୀରାର ଗହଣାର ମୂଲ୍ୟ ୧୫ ହଜାର ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ପୁରୁଣା ସୁନା ବଦଳାଇ ମଧ୍ୟ ଗ୍ରାହକ ହୀରା ଗହଣା କିଣିପାରିବେ। ବର୍ତ୍ତମାନ ବିବାହ ଋତୁ ଚାଲିଥିବାବେଳେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆକର୍ଷଣୀୟ ହୀରା କାନଫୁଲ, ବ୍ରେସଲେଟ୍, ନେକୱେର, ହାତ ମୁଦି ଭଳି ବିଭିନ୍ନ ଗହଣା ପ୍ରସ୍ତୁତ କରାଯାଇଛି। ସେହିପରି ଜନ୍ମଦିନ ଭଳି ଅନ୍ୟାନ୍ୟ ଉତ୍ସବ ପାଇଁ ସ୍ୱତନ୍ତ୍ର ଡିଜାଇନ୍ ରହିଛି। ଫେଷ୍ଟିଭାଲ ଅଫ୍ ଡାଏମଣ୍ଡରେ ସାମିଲ ହେବା ପାଇଁ ଗ୍ରାହକ ନିଟସ୍ଥ ଷ୍ଟୋରରୁ କିଣାକିଣି କରିବା ସହ ଅନଲାଇନ୍ ସପିଂ ମଧ୍ୟ କରିପାରିବେ। https://www.tanisq.co.in/festival-of-diamondରେ ଲଗଇନ୍ କରି ଗ୍ରାହକ ମନପସନ୍ଦର ହୀରା ଗହଣା କିଣିପାରିବେ ବୋଲି ତନିସ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉ କି, 'ରିଭା ବାୟ ତନିସ୍କ' ଗ୍ରାହକ ଖୁବ୍ ପସନ୍ଦ କରୁଛନ୍ତି। ଉଜ୍ଜ୍ୱଳ କଲର ଷ୍ଟୋନ୍, ଚମକଦାର ସୁନା ଓ ଉଜ୍ଜ୍ୱଳ ହୀରାରେ ତନିସ୍କର ସିଗନେଚର ଡିଜାଇନ୍ ଉପଲବ୍ଧ ହେଉଛି। 'ରିୟଲ ବ୍ରାଇଡସ୍' କ୍ୟାମ୍ପେନ ଠାରୁ ଆରମ୍ଭ କରି 'ଫେସ୍ ଅଫ୍ ତନିସ୍କ' ମାଧ୍ୟମରେ ତନିସ୍କ ଗ୍ରାହକଙ୍କ ନିକଟତର ହୋଇପାରିଛି। ସେହିପରି ତନିସ୍କ ସହ ଯୋଡ଼ି ହୋଇ ନୂଆବୋହୂମାନେ 'ରିଭା ବ୍ରାଇଡ୍' ସମ୍ମାନ ପାଇବା ସହ ର୍‍ୟାମ୍ପରେ ଚାଲିବାର ସୁଯୋଗ ମଧ୍ୟ ହାସଲ କରିଥା'ନ୍ତି । ଏ ଅବସରରେ କମ୍ପାନୀର ଅଧିକାରୀ କହିଛନ୍ତି ଯେ, ତନିସ୍କ ହୀରା କେବଳ ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରେନାହିଁ ବରଂ ବହୁମୂଲ୍ୟ ରତ୍ନଗୁଡ଼ିକର ଅବିସ୍ମରଣୀୟ ଆଲୋକ ପରି ଏହା ଏକ ଚିରସ୍ଥାୟୀ ଯାତ୍ରାର ପ୍ରତିଶ୍ରୁତି। ଆଗକୁ ଭାରତରେ ୩୫ ଲକ୍ଷରୁ ଅଧିକ ବିବାହ ହେବାକୁ ଯାଉଥିବାବେଳେ ତନିସ୍କର ବ୍ୟାପକ ରେଞ୍ଜ୍‌ଷ୍ଟଡେଡ୍‌ଗହଣା ପିସ୍ ଏଥିରେ ଉପଯୁକ୍ତ ବିକଳ୍ପ ହେବ ବୋଲି ସେ କହିଛନ୍ତି।

# ଡିଏସ୍‌ପି ମଲ୍‌ଟି କ୍ୟାପ୍ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର,୧୭।୧

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସ୍‌ପି ମଲ୍‌ଟି କ୍ୟାପ୍ ଫଣ୍ଡ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଏହା ଏକ ଓପନ ଏଣ୍ଡେଡ୍ ସ୍କିମ୍ ହୋଇଥିବାରୁ ନିବେଶକ ଲାର୍ଜ କ୍ୟାପ୍, ମିଡ୍ କ୍ୟାପ୍ ଏବଂ ସ୍ମଲ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ସହ ନିବେଶ ଷ୍ଟାଇଲ ଏବଂ ଶିଳ୍ପ ସମୂହ ବାଛି ନିବେଶ କରିବାର ନମନୀୟତା ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ଡିଏସ୍‌ପି ମଲ୍‌ଟି କ୍ୟାପ୍ ଫଣ୍ଡ ନିମନ୍ତେ ନ୍ୟୁ ଫଣ୍ଡ ଅଫର ଅବଧି ୨୦୨୪ ଜାନୁଆରୀ ୨୨ ପର୍ଯ୍ୟନ୍ତ ରହିଛି। ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ଏମ୍‌ଡି ତଥା ସିଇଓ କଲ୍ପେନ ପାରେଖ କହିଛନ୍ତି, ଆମର ବିଶ୍ୱାସ ଓ ଦୀର୍ଘାବଧି ସୂତ୍ରର ଇକ୍ୱିଟି ଫଣ୍ଡଗୁଡ଼ିକ ମୁଦ୍ରାସ୍ଫୀତି ତୁଳନାରେ ଅଧିକ ଉପାର୍ଜନ କରିଥାଏ ଏବଂ ଆମର କ୍ରୟ କରିବା ଶକ୍ତି ବୃଦ୍ଧିରେ ଏହା ମଧ୍ୟ ସହାୟକ ହୋଇଥାଏ।

# ବଜାରରେ ମହିନ୍ଦ୍ରାର ଅଲ୍ ଇଲେକ୍ଟ୍ରି ଏକ୍ସୟୁଭି ୪୦୦ ପ୍ରୋ ରେଞ୍ଜ

ଭୁବନେଶ୍ୱର,୧୭।୧




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ଅଗ୍ରଣୀ ଏସ୍‌ୟୁଭି ମଡେଲର ଯାନ ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍-ଇଲେକ୍ଟ୍ରି ଏକ୍ସୟୁଭି ୪୦୦ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀ ଉକ୍ତ ମଡେଲର ୩ଟି ନ୍ୟୁ ଭାରିଆଣ୍ଟ ଯଥା ଏକ୍ସୟୁଭି ୪୦୦ଇସି ପ୍ରୋ, ଏକ୍ସୟୁଭି ୪୦୦ଇଏଲ୍ ପ୍ରୋ ଏବଂ ଏକ୍ସୟୁଭି ୪୦୦ଇଏଲ ପ୍ରୋ ଇତ୍ୟାଦିକୁ ମଧ୍ୟ ବଜାର ପ୍ରବେଶ କରାଇଛି।

ଉଲ୍ଲେଖଯୋଗ୍ୟ, ଅଲ-ଇଲେକ୍ଟ୍ରି ଏକ୍ସୟୁଭି-୪୦୦ରେ ଅନେକ ଅତ୍ୟାଧୁନିକ ଫିଚର ସହ ଆଡଭାନ୍ସ ଟେକ୍ନୋଲୋଜି, ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହିତ ଅଲ ନ୍ୟୁ ଇଣ୍ଟରିଓସ ଆଦି ସାମିଲ ରହିଛି। ସେହିଭଳି ଏକ୍ସୟୁଭି-୪୦୦ଇସି ପ୍ରୋର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୫,୪୯,୦୦୦ ଟଙ୍କାର ରହିଥିଲା ବେଳେ ଏକ୍ସୟୁଭି-୪୦୦ଇଏଲ୍ ପ୍ରୋ ଦର ଯଥା କ୍ରମେ ୧୬,୭୪,୦୦୦ ଏବଂ ୧୭,୪୯,୦୦୦ଟଙ୍କା ରହିଛି। ଅପରପକ୍ଷରେ ମହିନ୍ଦ୍ରାର ଏହି ରେଞ୍ଜ ବେଶ ଆକର୍ଷଣୀୟ ହୋଇଥିଲା ବେଳେ ଏହାର ଡିଜାଇନ୍ ଓ କଲର ଗ୍ରାହକଙ୍କୁ ବେଶ ଆକୃଷ୍ଟ କରି ପାରିଛି ବୋଲି କମ୍ପାନୀ ପକ୍ଷରୁ ମତପ୍ରକାଶ କରାଯାଇଛି।

# ଜିଓ ଏୟାରଫାଇବର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୧୭।୧

ବିଶ୍ୱର ସର୍ବବୃହତ୍ ଘରୋଇ ମୋବାଇଲ ଡାଟା ନେଟ୍‌ୱର୍କ ରିଲାଏନ୍ସ ଜିଓର ଓଡ଼ିଶା ୟୁନିଟ୍ ପକ୍ଷରୁ ସାରା ଓଡ଼ିଶାରେ ୩୦ରୁ ଊର୍ଦ୍ଧ୍ୱ ସହର ଓ ନଗରକୁ ବିଶ୍ୱମାନର ସର୍ବାଧୁନିକ ଜିଓ ଏୟାରଫାଇବର ସେବା ସମ୍ପ୍ରସାରଣ କରାଯାଇଛି। ଏପରିକି ପ୍ରାରମ୍ଭିକ ଭାବେ ୨୦୨୩ ନଭେମ୍ବରରେ ଭୁବନେଶ୍ୱର ଓ କଟକ ସହରରେ ଉକ୍ତ ସେବାର ଶୁଭାରମ୍ଭ ହୋଇଥିଲା। ଜିଓ ଏୟାରଫାଇବର ସେବା ବର୍ତ୍ତମାନ ରାଜ୍ୟର ୩୦ସହର ଓ ନଗରକୁ ସମ୍ପ୍ରସାରଣ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସହିତ ଓଡ଼ିଶାର ଡିଜିଟାଲ ଦୃଶ୍ୟପଟରେ ଉଲ୍ଲେଖନୀୟ ପରିବର୍ଦ୍ଧନର ଏକ ନିଦର୍ଶନ ପାଲଟିଛି। ଜିଓ ଏୟାରଫାଇବର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟା ଦୂର କରିବ ଏବଂ ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡ୍‌ବ୍ୟାଣ୍ଡ୍ ସୁବିଧା ସହିତ ସଂଯୁକ୍ତ କରିବ। ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ୍ ବ୍ରଡ୍‌ବ୍ୟାଣ୍ଡ୍ ସୁବିଧା ସେମାନଙ୍କ ପରିସରକୁ ଅପ୍‌ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଉପଲବ୍ଧ ହୋଇପାରୁ ନ ଥିଲା। ଜିଓ ଏୟାରଫାଇବର ଟିଭି ଅଥବା ବ୍ରଡ୍‌ବ୍ୟାଣ୍ଡ୍ ବ୍ୟବହାରକାରୀଙ୍କୁ ଗୋଟିଏ ସମନ୍ୱିତ ସେବା ଜରିଆରେ ଯୋଗାଇ ଦିଆଯାଉଥିବା ଏକ ବିଶ୍ୱମାନର ସର୍ବାଧୁନିକ ହୋମ୍ ଏଣ୍ଟରଟେଷ୍ଟମେଣ୍ଟ ବ୍ରଡବ୍ୟାଣ୍ଡ୍ ଏବଂ ଡିଜିଟାଲ ଅନୁଭୂତିକୁ ଉନ୍ନତି ହେବାର ସୁଯୋଗ ପ୍ରଦାନ କରୁଛି। ଜିଓ ଏୟାରଫାଇବର ପ୍ଲାନ୍‌ରେ ଗ୍ରାହକଙ୍କୁ ଅସୀମିତ ଡାଟା ସହିତ ୩୦ ଏମ୍‌ବିପିଏସ୍ ଓ ୧୦୦ଏମ୍‌ବିପିଏସ୍ ଭଳି ଦୁଇ ପ୍ରକାର ସ୍ପିଡ୍‌ର ପ୍ଲାନ୍ ଉପଲବ୍ଧ ହେଉଛି, ପ୍ରାରମ୍ଭିକ ୩୦ ଏମ୍‌ବିପିଏସ୍ ପ୍ଲାନ୍‌ର ମୂଲ୍ୟ ୫୯୯ ଟଙ୍କା ରହିଥିବାବେଳେ ୧୦୦ ଏମ୍‌ବିପିଏସ୍ ପ୍ଲାନ୍‌ର ମୂଲ୍ୟ ୮୯୯ ଟଙ୍କା ରହିଛି। ଏପରିକି ଉଭୟ ପ୍ଲାନ୍‌ରେ ୫୫୦ରୁ ଅଧିକ ଡିଜିଟାଲ୍ ଚ୍ୟାନେଲ୍ ଓ ୧୪ଟି ଲୋକପ୍ରିୟ ମନୋରଞ୍ଜନ ଓଟିଟି ଆପ୍ ଉପଲବ୍ଧ। ଜିଓ ଏୟାରଫାଇବର ପ୍ଲାନ୍‌ରେ ୧୦୦ଏମ୍‌ବିପିଏସ୍ ସ୍ପିଡ୍ ରହିଥିବା ଏକ ୧୧୯୯ଟଙ୍କିଆ ପ୍ଲାନ୍ ମଧ୍ୟ ରହିଛି, ଯେଉଁଥିରେ ୫୫୦ରୁ ଅଧିକ ଡିଜିଟାଲ୍ ଚ୍ୟାନେଲ୍ ଏବଂ ନେଟ୍‌ଫ୍ଲିକ୍ସ, ଆମାଜନ ଓ ଜିଓ ସିନେମା ଭଳି ପ୍ରିମିୟମ ଓଟିଟି ସବ୍‌ସ୍କ୍ରିପସନ ସମେତ ୧୬ରୁ ଅଧିକ ମନୋରଞ୍ଜନ ଓଟିଟି ଆପ୍ ଉପଲବ୍ଧ ରହିଛି।

# ବେଦାନ୍ତ ଆଲୁମିନିୟମର ନୂତନ ପ୍ରୟାସ

ଭୁବନେଶ୍ୱର,୧୭।୧

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳିତ ହୋଇଯାଇଛି। ଏପରିକି ବୁଧବାର କମ୍ପାନୀର ସମସ୍ତ ୟୁନିଟ୍‌ରେ ମଧ୍ୟ ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ନୂତନ ପ୍ରୟାସ 'ଡିଜିଟାଲ ଅଭିନବତା ପ୍ରଦର୍ଶନ'ର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଷ୍ଟାର୍ଟଅପ୍ ଇଣ୍ଡିଆ ଓ ମେକ୍ ଇନ୍ ଇଣ୍ଡିଆ ନୀତି ସହ ଏହି ପ୍ରୟାସ କମ୍ପାନୀର ଉଦ୍ୟମ ବେଦାନ୍ତ ସ୍ପାର୍କ, ଏକ ଅନନ୍ୟ ବିଶ୍ୱ କର୍ପୋରେଟ ଇନାଭେସନ ଦିଗ ଯାହା ଷ୍ଟାର୍ଟଅପ୍‌ଗୁଡ଼ିକୁ ବଡ଼ ଧରଣର ପ୍ରଭାବ ସୃଷ୍ଟି କରିବାରେ ସହାୟତା କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ଭାରତର ଅର୍ଥନୀତି ଓ ବିଶ୍ୱ ଆଭିମୁଖ୍ୟରେ ବୃଦ୍ଧି ତା'ର ଗତିଶୀଳତା ଓ ନିରନ୍ତର ଉଦ୍ୟୋଗୀ ଉତ୍ସାହ ଦ୍ୱାରା ଜାଗ୍ରତ ହୋଇଛି। ବେଦାନ୍ତ ଆଲୁମିନିୟମ ଉକ୍ତ ଷ୍ଟାର୍ଟଅପ୍‌ଗୁଡ଼ିକରୁ ବିକିରଣ କରୁଥିବା ନିରନ୍ତର ଡ୍ରାଇଭକୁ ସମ୍ମାନ କରିଥାଏ, ଯାହା ବିଶ୍ୱର ଉତ୍କର୍ଷ ପାଇଁ ଏହି ପ୍ରୟାସ ଆଗକୁ ନେଇଥାଏ। ତେଣୁ ଆମେ ନିଜର ଉତ୍ପାଦନ ଓ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୁକ୍ତ ସଦୁପଯୋଗ କରୁଛୁ। ଉଲ୍ଲେଖଯୋଗ୍ୟ, ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ୯୦ଟି ବିଭିନ୍ନ ପ୍ରକଳ୍ପରେ ପ୍ରାୟ ୬୦ଟି ଅତ୍ୟାଧୁନିକ ପ୍ରଯୁକ୍ତି ଷ୍ଟାର୍ଟ ଅପ ସହିତ ସହଭାଗିତାକୁ ମଧ୍ୟ ପାଳନ କରୁଛି। ଏପରିକି କମ୍ପାନୀ ୪.୦ ପ୍ରଯୁକ୍ତି ଉପଯୋଗ ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ମେଶିନ ଲର୍ନିଂ, ଟେକ୍ନୋଲୋଜି, କମ୍ପ୍ୟୁଟର ଭିଜନ ପ୍ରଭୃତି ଆଦିକୁ ୟୁନିଟଗୁଡ଼ିକରେ ଉପଯୋଗ କରୁଛି। ବିଶେଷକରି କମ୍ପାନୀ ସେମାନଙ୍କ ସହଯୋଗର ସଫଳତାକୁ ପ୍ରଦର୍ଶନ କରିବା ଓ କମ୍ପାନୀର ଜଟିଳ କାର୍ଯ୍ୟରେ ଉଦୀୟମାନ ପ୍ରଯୁକ୍ତିର ପ୍ରଭାବକୁ ପ୍ରଦର୍ଶନ କରିବା ଲାଗି ଏକ ଜ୍ଞାନ ବଣ୍ଟନ ଅଧିବେଶନ କାର୍ଯ୍ୟକ୍ରମ ଜରିଆରେ ବହୁ ଅଗ୍ରଣୀ ଷ୍ଟାର୍ଟଅପ୍‌କୁ ନିମନ୍ତ୍ରଣ କରିଥିଲା।


# ବିଓବିର ନୂଆ ଯୋଜନା

ଭୁବନେଶ୍ୱର,୧୭।୧

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ବହୁ ପ୍ରତୀକ୍ଷିତ ତଥା ଏକ ସ୍ୱଳ୍ପ ମିଆଦି ଖୁଚୁରା ଜମା ଯୋଜନା 'ବବ୍-୩୬୦ ଡିପୋଜିଟ୍ ସ୍କିମ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ଯୋଜନା ୩୬୦ ଦିନ ପାଇଁ ୭.୬୦% ପର୍ଯ୍ୟନ୍ତ ସର୍ବାଧିକ ସୁଧ ପ୍ରଦାନ କରିଥାଏ। ଯେଉଁଥିରେ ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୦.୫୦% ଅତିରିକ୍ତ ସୁଧ ହାର ଅନ୍ତର୍ଭୁକ୍ତ ରହିଛି। ଏହି ଯୋଜନାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଥିଲାବେଳେ ୨କୋଟିରୁ କମ୍ ଖୁଚୁରା ଜମା ପାଇଁ ଉକ୍ତ ଯୋଜନାର ସୁବିଧା ପ୍ରଯୁଜ୍ୟ ହେବ। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ବ୍ୟାଙ୍କଗୁଡ଼ିକ ମଧ୍ୟରେ ୧ବର୍ଷରୁ କମ୍ ପରିପକ୍ୱତାର ସ୍ଥିର ଜମା ପାଇଁ ଜମାକାରୀଙ୍କୁ ଦିଆଯାଉଥିବା ସୁଧହାର ମଧ୍ୟରେ ଏହା ସବୁଠାରୁ ଆକର୍ଷଣୀୟ ସୁଧ ହାର ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜୟଦୀପ ଦତ୍ତ ରାୟ କହିଛନ୍ତି, କମ୍ ସମୟ ପାଇଁ ଅଧିକ ସୁଧ ହାର ଏବଂ ନିଶ୍ଚିତ ରିଟର୍ନ ଚାହୁଁଥିବା ଜମାକାରୀଙ୍କ ପାଇଁ ବବ୍-୩୬୦ ଏକ ଉତ୍କୃଷ୍ଟ ସୁଯୋଗ ହୋଇଥିବାବେଳେ ଏହା ବ୍ୟାଙ୍କକୁ ସ୍ଥିର ଜମାଗୁଡ଼ିକର ଅଂଶ ବୃଦ୍ଧି ଓ ଜମା ମୂଲ୍ୟକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିବ। ସେହିଭଳି ବିଓବିର ବର୍ତ୍ତମାନ ଏବଂ ନୂତନ ଗ୍ରାହକମାନେ ସମଗ୍ର ଭାରତର ଯେକୌଣସି ବିଓବି ଶାଖାରେ ବବ୍-୩୬୦ ଖୋଲିପାରିବେ। ଏଥିସହ ବ୍ୟାଙ୍କର ନେଟ୍‌ବ୍ୟାଙ୍କିଙ୍ଗ୍ (ବବ୍ ୱାର୍ଲଡ ଇଣ୍ଟରନେଟ୍) ପ୍ଲାଟ୍‌ଫର୍ମ ମାଧ୍ୟମରେ ଅନ୍‌ଲାଇନ୍ ଏଫ୍‌ଡି ମଧ୍ୟ ଖୋଲାଯାଇପାରିବ। ଏପରିକି ବିଦ୍ୟମାନ ଗ୍ରାହକମାନେ ମୋବାଇଲ୍ ଆପ୍ (ବବ୍ ୱାର୍ଲଡ) ଜରିଆରେ ଅନ୍‌ଲାଇନ୍ ଏଫ୍‌ଡି ମଧ୍ୟ ଖୋଲିପାରିବେ।

**Classified Everyday**

0674-2580101, 2549949




**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.** D-2295




Spa Kerala body Massage best Therapist @699/- Bhubaneswar. Kajal-9337672475. D-2252

**Body massage by experience, good looking therapist @999/-, (Bhubaneswar). 9078484455.** D-2282

Newly open health benefits SPA special offer @ 999 Bapujinagar. 8018429809. D-75189

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Positively health benefits SPA expert therapist at Nayapalli. Contact: 7846814019. D-75187

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉଲୁଣ୍ଡା ମୌଜା, ଥା.- ସିଣ୍ଡୋଳ (ଉଲୁଣ୍ଡା), ଥା. ନମ୍ବର ୮୧, ଜି.- ସୋନପୁରର ୫ମ ବନ୍ଦୋବସ୍ତ ଖାତା ନମ୍ବର ୨୭୦/୮୨ ଯାହା କି ଶିବରାମ ନାୟକ, ପି. ନାରାୟଣ ନାୟକଙ୍କ ନାମରେ ରେକର୍ଡ ହୋଇଅଛି। ସେ ଯାତ୍ରା କରିବା ସମୟରେ କେଉଁଠାରେ ହଜିଯାଇଛି। ଖୋଜାଖୋଜି କଲା ପରେ ମଧ୍ୟ ମିଳିଲା ନାହିଁ। ଏହି ବିଷୟରେ ଉଲୁଣ୍ଡା ଥାନାରେ ମଧ୍ୟ ଲିଖିତ ଆକାରରେ ଜଣାଯାଇଛି, ଯାହାର ଉଲୁଣ୍ଡା ଥାନା G.D. No.୧୩ ତା୧୨।୦୧।୨୪ ଅଟେ। ଏଣୁ ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟାକୁ ପାଇଛନ୍ତି ନିମ୍ନ ମୋବାଇଲ ନମ୍ବର ୯୯୩୮୭୨୩୨୪ କିମ୍ବା ଉଲୁଣ୍ଡା ଥାନାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଧ-୨୨୯୭

ମୁଁ ସୁଜୟ କୁମାର ଗିରି, ପିତା ୰ଗୌରୀଶଙ୍କର ଗିରି, ଗ୍ରାମ- ଆରୁହା, ପୋ.- ଶାଳିକୋଠା, ଜଳେଶ୍ୱର, ବାଲେଶ୍ୱର ଘୋଷଣା କରୁଛି କି ଖାତା ନଂ.- ୧୭୩/୮୨, ଦଲିଲ ନଂ.୧୮୧୫ ଯାହାକି ମାନଗୋବିନ୍ଦ ବିଶ୍ୱାଳଙ୍କ ନାମରେ ଦଲିଲ ଧାରାଷ୍ଟକ ମୌଜା, ନୂଆବଜାର, ଜଳେଶ୍ୱର ଠିକଣା ଅଟେ। କିନ୍ତୁ ଦୁର୍ଭାଗ୍ୟବଶତଃ ନୂଆବଜାରରୁ ଷ୍ଟେସନ ବଜାର ଭିତରେ ଦଲିଲଟି ହଜିଯାଇଛି। ତେଣୁ ଯଦି କୌଣସି ବ୍ୟକ୍ତି ପାଇଥାନ୍ତି ତା'ହେଲେ ଆଇନଜୀବୀ ବିମଳ ସେନ୍, ମୋ. ନଂ.- 7978375542ରେ ଜଣାଇବାକୁ ଅନୁରୋଧ। ଧ-୨୨୯୬

**ନୋଟିସ**

**ମାନ୍ୟବର ସିନିୟର ସିଭିଲ୍ ଜଜ୍, ତାଳଚେର**

Execution case No.09/2021

ଶେଫାଳି ଜୋରା ଓଗେର ... ବାଦୀ

(ବନାମ)

ଜଳଧର ମହାନ୍ତି ଓଗେର ... ପ୍ରତିବାଦୀ

**ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୦୫ ରୁଲ୍ ୨୦ ମତେ**

ଏତଦ୍ୱାରା ଆପଣଙ୍କୁ ରାଜକିଶୋର @ ସଞ୍ଜୟ ମହାନ୍ତି, ବୟସ ୫୮ ବର୍ଷ, ପିତା ୰ଅଲେଖ ମହାନ୍ତି, ସ୍ଥା- ଦଣ୍ଡସିଙ୍ଘା, ପୋ.- ବିଜିଗୋଳ, ଥାନା- କଣିହାଁ, ଜିଲ୍ଲା- ଅନୁଗୋଳ ଅତ୍ର ନୋଟିସ ଜରିଆରେ ଜଣାଇ ଦିଆଯାଉଅଛି କି, ଆପଣମାନଙ୍କ ବିରୋଧରେ ବାଦୀ ଶେଫାଳି ଜୋରା ମାନ୍ୟବର ସିନିୟର ସିଭିଲ୍ ଜଜ୍, ତାଳଚେରଙ୍କ ଅଦାଲତରେ ଦଖଲ ସ୍ୱତ୍ୱ ପାଇଁ ଦାବି କରିଅଛନ୍ତି। ଆପଣମାନେ ଅଦାଲତଙ୍କ ବିଧିବଦ୍ଧ ନୋଟିସକୁ ବାରମ୍ବାର ଅଗ୍ରାହ୍ୟ କରୁଥିବାରୁ ଉକ୍ତ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆସନ୍ତା ୦୧।୦୩।୨୦୨୪ରିଖ ଦିବା ୧୦.୩୦ ମିନିଟ୍ ସମୟରେ ଅଦାଲତରେ ହାଜର ହୋଇ ଆପଣଙ୍କ ପକ୍ଷ ରଖିବେ। ନଚେତ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମକଦ୍ଦମା ଏକତରଫା ବିଚାର କରାଯିବ।

ଅଦାଲତ ମୋହର ସହିତ ଏଥିରେ ସ୍ୱାକ୍ଷର ହେଲା

**ସ୍ୱାକ୍ଷର**

**ସିନିୟର ସିଭିଲ୍ ଜଜ୍, ତାଳଚେର**

ଧ-୨୨୯୪

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**CLASSIFIED DISPLAY**

MORE SPACE • SAME PRICE

TARIFF · GST 5%

**Hurry up... Hurry up... Hurry up...**

**B.Ed**

**Only @89,000/-**

**IMMEDIATELY CONTACT**

**B.Ed COUNSELLING CENTER BHUBANESWAR**

**7606962458**
**8908210843**
**9124391142**
**8908210443**

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰ ଭକ୍ତପ୍ରସାଦ ଦୀପ**

ଯୋଗୀସର୍ଡା (ଲୋଇସିଂହା), ବଲାଙ୍ଗୀର

ଆବିର୍ଭାବ- ୧।୧।୧୯୪୯

ତିରୋଧାନ- ୭।୧।୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବାବା ଯୋଗେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ହୃଦୟରୁ କୃତଜ୍ଞତା ସହ ଦୀପ ପରିବାର ଓ ବନ୍ଧୁ ପରିଜନ ।

ଧ-୨୨୯୩

# ରୋହିତଙ୍କ ଶତକ: ଭାରତର କ୍ଲିନ୍ ସୁଇପ୍




ଶତକ ହାସଲ ପରେ ଅଧିନାୟକ ରୋହିତ ଶର୍ମା।

**ବେଙ୍ଗାଲୁରୁ, ୧୭।୧**

ରୋହିତ ଶର୍ମାଙ୍କ ପଞ୍ଚମ ଟି୨୦ ଶତକ ସତ୍ତ୍ୱେ ଆଫଗାନିସ୍ତାନ ବିପକ୍ଷ ଅନ୍ତିମ ମ୍ୟାଚରେ ଡବଲ ଟାଇରୁ ଫଳାଫଳ ମିଳିଛି। ଦ୍ୱିତୀୟ ସୁପର ଓଭରରେ ଜିତିବା ସହ ସିରିଜ୍ କ୍ଲିନ୍ ସୁଇପ୍ କରିଛି ଭାରତ। ମ୍ୟାଚ ପରି ପ୍ରଥମ ସୁପର ଓଭରରେ ମଧ୍ୟ ଟାଇରେ ଶେଷ ହୋଇଥିଲା। ଆଫଗାନିସ୍ତାନ ୧୬ ରନ୍ କରିଥିବା ବେଳେ ଭାରତ ମଧ୍ୟ ସମାନ ରନ୍ କରିଥିଲା। ପରେ ଦ୍ୱିତୀୟ ସୁପର ଓଭରରେ ଭାରତ ମାତ୍ର ୧୧ ରନରେ ଏହାର ଦୁଇ ଉଇକେଟ ହରାଇଥିଲା। ରୋହିତ ପ୍ରଥମ ୩ ବଲରେ ୧୧ ରନ୍ କରିଥିବା ବେଳେ ପରବର୍ତ୍ତୀ ୨ ବଲରେ ଭାରତ ୨ ଉଇକେଟ ହରାଇଥିଲା। ଦ୍ୱିତୀୟ ସୁପର ଓଭରରେ ରବି ବିଷ୍ଣୋଇଙ୍କୁ ବୋଲିଂ ଭାର ଦେଇ ରୋହିତ ଯେଉଁ ରିସ୍କ ନେଇଥିଲେ ତାହା କାମ ଦେଇଥିଲା। ବିଷ୍ଣୋଇ ୩ ବଲରେ ଦୁଇ ଉଇକେଟ ନେବାରୁ ଭାରତ ମ୍ୟାଚ୍ ଜିତିବା ସହ ପୂରା ଷ୍ଟାଡିୟମ ଝୁମି ଉଠିଥିଲା। ରୋହିତ ଶର୍ମା ଟି୨୦ରେ ନିଜର ପଞ୍ଚମ ଶତକ ସହ ଅପରାଜିତ ୧୨୧ ରନ୍ କରିବାରୁ ଭାରତ ୨୦ ଓଭରରେ ୪ ଉଇକେଟରେ ୨୧୨ ରନ୍ କରିଥିଲା। ଜବାବରେ ଆଫଗାନିସ୍ତାନ ୨୦ ଓଭରରେ ୬ ଉଇକେଟରେ ୨୧୨ ରନ୍ କରିଥିଲା।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନେଇଥିଲା। ତେବେ ଯଶସ୍ୱୀ ଜୟସ୍ୱାଲ(୪) ବିଫଳ ହୋଇଥିଲେ। ମ୍ୟାଚ୍‌ର ତୃତୀୟ ଓଭରରେ ଲଗାତାର ବଲରେ ଜୟସ୍ୱାଲ ଓ ଖାତା ଖୋଲିବା ପୂର୍ବରୁ ବିରାଟ କୋହଲି ଫରିଦ ଅହମଦଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପରବର୍ତ୍ତୀ ଓଭରରେ ଶିବମ ଦୁବେ ୧ ରନ୍ କରି ପ୍ୟାଭିଲିୟନ ଫେରିଥିବା ବେଳେ ଚତୁର୍ଥ ଓଭରରେ ଖାତା ଖୋଲିବା ଆଗରୁ ଆଉଟ ହୋଇଥିଲେ ସଞ୍ଜୁ ସାମସନ୍। ଭାରତୀୟ ଦଳ ୨୨ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ସ୍ୱଭାବ ବିପରୀତ ରକ୍ଷଣାତ୍ମକ ବ୍ୟାଟିଂ କରିଥିଲେ ରୋହିତ ଶର୍ମା ଓ ରିଙ୍କୁ ସିଂ। ପ୍ରଥମେ ସେଟ୍ ହେବା ପରେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହିତ ପଞ୍ଚମ ଉଇକେଟରେ ୧୯୦ ରନ୍ ଯୋଡିଥିଲେ। ରୋହିତ ଶର୍ମା ଅପରାଜିତ ୧୨୧ ରନ୍ କରିଥିବା ବେଳେ ରିଙ୍କୁ ୬୯ ରନ୍ କରିଥିଲେ। ରୋହିତ ୬୯ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୮ ଛକା ସହାୟତାରେ ୧୨୧ ରନ୍ କରିଥିଲେ। ଅନ୍ୟପକ୍ଷରେ ରିଙ୍କୁ ସିଂ ୩୯ ବଲ୍ ଖେଳି ୨ ଚୌକା ଓ ୬ ଛକା ମାରିଥିଲେ। ପ୍ରଥମ ୧୦ ଓଭରରେ ଭାରତ ମାତ୍ର ୬୦ ରନ୍ କରିଥିବା ବେଳେ ଅନ୍ତିମ ୧୦ ଓଭରରେ ଦଳ ୧୫୨ ରନ୍ ସ୍କୋର କରିଥିଲା। ଆଫଗାନିସ୍ତାନ ପକ୍ଷରୁ ସଫଳ ବୋଲର ଭାବେ ଫରିଦ୍ ଅହମଦ ୨୦ ରନ୍‌ରେ ୩ ଓ ଅଜମତଉଲ୍ଲା ଓମାରଜାଇ ୧ ଉଇକେଟ ନେଇଥିଲେ। ପ୍ରଥମ ଉଇକେଟରେ ଆଫଗାନିସ୍ତାନ ପକ୍ଷରୁ ରହମାନଉଲ୍ଲା ଗୁରବାଜ(୫୦) ଓ ଇବ୍ରାହିମ ଜାଦ୍ରାନ(୫୦) ୯୩ ରନ୍ କରିଥିଲା। ୧୧ ତମ ଓଭରରେ ରହମାନଉଲ୍ଲା ଗୁରବାଜଙ୍କୁ ଆଉଟ କରି ପ୍ରଥମ ସଫଳତା ଦେଇଥିଲେ କୁଲଦୀପ ଯାଦବ। ଏହାର ୨ ଓଭର ମଧ୍ୟରେ ଲଗାତାର ୨ ବଲ୍‌ରେ ୨ ଉଇକେଟ ନେଇ ଭାରତକୁ ମ୍ୟାଚ୍‌କୁ ଫେରାଇ ଆଣିଥିଲେ ୱାଶିଂଟନ୍ ସୁନ୍ଦର। ପରବର୍ତ୍ତୀ ଦୁଇ ବ୍ୟାଟର ମହମ୍ମଦ ନବି (୩୪)ଓ ଗୁଲବଦିନ ନାଇବ(୫୫*) ଦ୍ରୁତ ୫୬ ରନ୍ ଯୋଡିଥିଲେ। ତେବେ ନବିଙ୍କୁ ୧୭ତମ ଓଭରରେ ଆଉଟ କରିଥିଲେ ସୁନ୍ଦର। ଅନ୍ତିମ ୨ ଓଭରରୁ ୩୬ ରନ୍ ଆବଶ୍ୟକ ଥିବା ବେଳେ ଆଭେଶ ଖାନ୍ ନଜିବୁଲ୍ଲାଙ୍କୁ ଆଉଟ କରିବା ସହ ୧୭ ରନ୍ ବ୍ୟୟ କରିଥିଲେ। ଅନ୍ତିମ ଓଭରରେ ନାଇବ ୧୮ ରନ୍ କରିବାରୁ ମ୍ୟାଚ୍ ଟାଇରେ ଶେଷ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୧୨/୪ (ରୋହିତ ଶର୍ମା–୧୨୧*, ରିଙ୍କୁ ସିଂ–୬୯*, ଫରିଦ୍ ଅହମଦ–୩/୨୦, ଅଜମତଉଲ୍ଲା ଓମାରଜାଇ–୧/୩୩)। ଆଫଗାନିସ୍ତାନ ୨୦ ଓଭରରେ ୨୧୨/୬ (ରହମାନଉଲ୍ଲା ଗୁରବାଜ–୫୦, ଇବ୍ରାହିମ ଜାଦ୍ରାନ–୫୦, ଗୁଲବଦିନ ନାଇବ–୫୫*, ମହମ୍ମଦ ନବି –୩୪, ୱାଶିଂଟନ୍ ସୁନ୍ଦର–୩/୧୮, କୁଲଦୀପ ଯାଦବ–୧/୩୧, ଆଭେଶ୍ ଖାନ୍–୧/୫୫)।

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଓଏଫ୍‌ସି

**କଳିଙ୍ଗ ସୁପର କପ୍**

**ଭୁବନେଶ୍ୱର, ୧୭।୧**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଏଫ୍‌ସି ୩–୦ ଗୋଲରେ ଇଣ୍ଟର କାଶିକୁ ପରାସ୍ତ କରିଛି। ଫଳରେ ୨ ମ୍ୟାଚରୁ ୨ ବିଜୟ ସହ ଘରୋଇ ଦଳ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଏଥିସହ ଦଳ ନକ୍‌ଆଉଟକୁ ଯୋଗ୍ୟତା ହାସଲ କରିବା ଦ୍ୱାରରେ ପହଞ୍ଚି ଯାଇଛି।

ମ୍ୟାଚରେ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ଖେଳିଥିଲା ଓଡ଼ିଶା ଏଫ୍‌ସି। ପ୍ରଥମ ୩୦ ମିନିଟରେ ଇଣ୍ଟର କାଶି ଯଦିଓ ଭଲ ଚ୍ୟାଲେଞ୍ଜ ଦେଇଥିଲା ତେବେ ମ୍ୟାଚ ଆଗେଇବା ସହ ଅଭିଜ୍ଞତାର ଉପଯୋଗ କରି ଓଡ଼ିଶା ଏଫ୍‌ସି ଖେଳାଳିମାନେ ମ୍ୟାଚକୁ ନିୟନ୍ତ୍ରଣକୁ ଆଣିଥିଲେ। ୩୬ତମ ମିନିଟରେ ପ୍ରଥମ ୟେଲୋ କାର୍ଡ ପାଇଥିଲେ ଓଡ଼ିଶା ଏଫ୍‌ସିର ପ୍ରିନ୍ସେଷ୍ଟନ ରେବେଲୋ। ତେବେ ପ୍ରଥମାର୍ଦ୍ଧ ହୁଇସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ୪୫ତମ ମିନିଟରେ ଲାଲଥଥଙ୍ଗା ଖାଲରିଙ୍ଗ ଗୋଲ ଦେଇ ଘରୋଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୬୦ତମ ମିନିଟରେ ଡିଏଗୋ ମୌରିସିଓ ମାଚାଡୋ ଡି ବ୍ରିଟୋ ଆଉ ଏକ ଗୋଲ ଦେଇ ଓଡ଼ିଶା ଏଫ୍‌ସି ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ। ଫାଉଲ ମାରିବା ଯୋଗୁ ଇଣ୍ଟର କାଶିର ଅନିଲ ଚୱାନ ୭୫ତମ ମିନିଟରେ ୟେଲୋ କାର୍ଡ ପାଇଥିଲେ। ଏଥିପାଇଁ ରେଫରିଙ୍କ ସହ ଯୁକ୍ତିତର୍କ ଯୋଗୁ ତାଙ୍କୁ ଦ୍ୱିତୀୟ ୟେଲୋ ଓ ରେଡ଼ କାର୍ଡ ଦିଆଯାଇ ପଡ଼ିଆରୁ ବାହାର ପଥ ଦେଖାଇ ଦିଆ ଯାଇଥିଲା। ୭୯ତମ ମିନିଟରେ ଓଡ଼ିଶା ଏଫ୍‌ସି ପକ୍ଷରୁ ତୃତୀୟ ଗୋଲଟି ଦେଇଥିଲେ ଇସାକ ଭାନଲାଲରୁଆଟଫେଲା। ପୂରା ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ଡିଏଗୋ ମୌରିସିଓଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।



ଗୋଲ ସ୍କୋର ପରେ ଉଲ୍ଲସିତ ଲାଲଥଥଙ୍ଗା ଖାଲରିଙ୍ଗ (ଡାହାଣ)।

## ଫର୍ନାଣ୍ଡିସଙ୍କ ଗୋଲରେ ଗୋଆ ବିଜୟୀ

ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଏଫ୍‌ସି ଗୋଆ ୧–୦ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୯୦ ମିନିଟ୍ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ମାତ୍ର ଇଞ୍ଜୁରି ଟାଇମ୍‌ରେ ଗୋଆକୁ ଭାଗ୍ୟଦେବୀ ସହାୟ ହୋଇଥିଲେ। ୯୦+୪ ମିନିଟରେ ବ୍ରିସନ ଦୁବେନ ଫର୍ନାଣ୍ଡିଜ ଏକ ଗୋଲ ଦେଇ ଗୋଆ ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ଗୋଲ ପରିଶୋଧ ପାଇଁ ଆଉ ସମୟ ନ ଥିଲା। ଫଳରେ ଗୋଆ ବିଜୟ ହାସଲ କରିଥିଲା। ବେଙ୍ଗାଲୁରୁ ଦଳର ୨ ଖେଳାଳି ହର୍ଷ ଶୈଲେଶ୍ ପତ୍ରି ଓ ସ୍ଲାଭ୍‌କୋ ଡମ୍‌ଜାନୋଭିଚ୍ ୟେଲୋ କାର୍ଡ ପାଇଥିଲେ। ୨ ମ୍ୟାଚରୁ ୨ ବିଜୟ ସହ ଗୋଆ ୬ ପଏଣ୍ଟରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି ଖେଳିଥିବା ୨ଟି ଯାକ ମ୍ୟାଚ ହାରିଥିବାରୁ ଗ୍ରୁପ୍ ପର୍ଯ୍ୟାୟରୁ ଅଭିଯାନ ଶେଷ କରିବା ନିଶ୍ଚିତ ହୋଇଛି।




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଓଡ଼ିଶା ଏଫ୍‌ସି ଓ ଇଣ୍ଟର କାଶୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ଓଡ଼ିଶା ଦଳ ଘୋଷିତ, ଶୁଭ୍ରା ଅଧିନାୟିକା

**ଭୁବନେଶ୍ୱର, ୧୭।୧ (ତପନ ସ୍ୱାଇଁ)**

ବିସିସିଆଇର ଘରୋଇ ସିଜନ ୨୦୨୩–୨୪ ଅନ୍ତର୍ଗତ ୨୩ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ୩ଟି ମ୍ୟାଚ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଶୁଭ୍ରା ନିର୍ଝରିଣୀ ସ୍ୱାଇଁଙ୍କୁ ଦଳର ଅଧିନାୟିକା କରାଯାଇଛି। ରାଜ୍ୟ ମହିଳା ଚୟନ କମିଟି ଅଧ୍ୟକ୍ଷା ରଶ୍ମିତା ମହାନ୍ତି ଓ ମୁଖ୍ୟ କୋଚ୍ କାଦମ୍ବିନୀ ମହାକୁଡ଼ ଘୋଷଣା କରିଥିବା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ତନ୍ମୟୀ ବେହେରା, ପୂଜାରିଣୀ ଦାସ, ଅଲିପ୍ସା ବିଶ୍ୱାଳ, ଜୟସି ନାୟକ, କୁସୁମ ତିରିଆ, ରୋଶନି ବାଗର୍ତ୍ତୀ, ମଧୁସ୍ମିତା ଦଳେଇ, ସୋନାଲି ହେମ୍ବ୍ରମ, ଜିଏମ୍ ଅଲକାନନ୍ଦା, ସୁଶ୍ରୀ ଅନୀତା ସିଂ, ବିଜୟଲକ୍ଷ୍ମୀ ବେହେରା, ତରନା ପ୍ରଧାନ, ଶାନ୍ତିଲତା ପୁର୍ତ୍ତୀ, ସୂର୍ଯ୍ୟସ୍ନାତା ସ୍ୱାଇଁ ଓ ମିତାଲି ଶର୍ମା।

# ଶୃଙ୍ଖଳା, ପରିଶ୍ରମର ବିକଳ୍ପ ନାହିଁ: କିଶୋର

**ଓସ୍‌ଜା ବାର୍ଷିକ କ୍ରୀଡ଼ା ପୁରସ୍କାର**

**ଭୁବନେଶ୍ୱର, ୧୭। ୧**

କଳିଙ୍ଗ ଷ୍ଟାଡିୟମର ଟେନିସ ସେଣ୍ଟର ପରିସରରେ ବୁଧବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ୭ମ ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନାଙ୍କୁ ୨୦୨୩ର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରାଯାଇଛି। ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ତଥା ଓଡ଼ିଶା ଭାରୋତ୍ତୋଳନର ପିତାମହ ବିଜୟ ଶତପଥୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ''ଶୃଙ୍ଖଳା ସହ କଠିନ ପରିଶ୍ରମର କିଛି ବିକଳ୍ପ ନାହିଁ। ଏହା ହିଁ ସଫଳତାର ମାପକାଠି। ଏଥିସହ ପ୍ରଶିକ୍ଷକଙ୍କ ନିର୍ଦ୍ଦେଶାବଳୀକୁ ମାନି ଖେଳିଲେ ଦିନେ ସଫଳତା ନିଶ୍ଚିତ ଆସିବ'' ବୋଲି ଏସିଆଡ୍ କ୍ରୀଡ଼ା ପଦକ ବିଜେତା କିଶୋର ପ୍ରକାଶ କରିଛନ୍ତି। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଲିମ୍ପିଆନ ଆଥ୍‌ଲେଟ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ କାତୁଲୁ ରବି କୁମାର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟ ଶତପଥୀ ଅସୁସ୍ଥ ଥବାରୁ ରବି କୁମାର ତାଙ୍କ ଲାଗି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦରେ ଟ୍ରଫି, ଉତ୍ତରୀୟ, ମାନପତ୍ର ଓ ୨୫,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି ଅବସରରେ କିଶୋରଙ୍କ ପ୍ରଶିକ୍ଷକ ସମରଜିତ୍ ମଲ୍ଲୀ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବି ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କୁମାର ବିମଲ ସଂଯୋଜନା କରିଥିଲେ। ଓସ୍‌ଜାର ଏଭଳି କାର୍ଯ୍ୟକ୍ରମକୁ ପୁରସ୍କାର ବିଜେତା କିଶୋର ଜେନା ଓ ରବି କୁମାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଅନେକ ପ୍ରଶିକ୍ଷକ, କ୍ରୀଡ଼ାବିତ୍ ଏବଂ ଓସ୍‌ଜାର ସଦସ୍ୟମାନେ ଉପସ୍ଥିତ ଥଲେ। ଏହି ଅବସରରେ କିଶୋରଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ପ୍ରକାଶଯୋଗ୍ୟ, ପୂର୍ବରୁ ଏହି ପୁରସ୍କାର ପୂର୍ଣ୍ଣିମା ହେମ୍ବ୍ରମ୍ ଓ ଦେବପ୍ରସାଦ ସିଂ, ସ୍ୱସ୍ତି ସିଂ ଓ ପିଟର ତିର୍କୀ, ଅମିତ୍ ରୋହିଦାସ ଓ ବ୍ରଜଭୂଷଣ ମହାନ୍ତି, ପ୍ରମୋଦ ଭଗତ ଓ ପଞ୍ଚାନନ ଗନ୍ତାୟତ, ସ୍ୱୟମ୍ଭ ମିଶ୍ର ଓ ଅରୁଣ ଦାସ, ବୀରେନ୍ଦ୍ର ଲାକ୍ରା ଓ ଅରୂପାନନ୍ଦ ରାଉତରାୟଙ୍କୁ ପ୍ରଦାନ କରାଯାଇଛି।




କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟର ପରିସରରେ ବୁଧବାର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାରରେ ସମ୍ମାନିତ କିଶୋର ଜେନା ଓ ଅନ୍ୟ ଅତିଥିଙ୍କ ସହ ଓସ୍‌ଜାର କର୍ମକର୍ତ୍ତାବୃନ୍ଦ।

# ପ୍ରଥମଥର ପଦକ ନିଶ୍ଚିତ କଲା ଓଡ଼ିଶା



କୋଚ୍ ଓ ମ୍ୟାନେଜରଙ୍କ ସହ ଓଡ଼ିଶା ଟେବୁଲ ଟେନିସ ଦଳ।

**ସବ୍‌ଜୁନିୟର ଓ କ୍ୟାଡେଟ ଟେବୁଲ ଟେନିସ୍**


**ଭୁବନେଶ୍ୱର, ୧୭।୧**
**(ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଇନ୍ଦୋରରେ ଚାଲିଥିବା ୟୁଟିଟି ୮୫ତମ ଆନ୍ତଃ ରାଜ୍ୟ ସବ୍‌ଜୁନିୟର ଓ ଜାତୀୟ କ୍ୟାଡେଟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ପ୍ରଭାବୀ ପ୍ରଦର୍ଶନ ଯୋଗୁ ଓଡ଼ିଶା ପ୍ରଥମଥର ପଦକ ହାସଲ ମଧ୍ୟ ନିଶ୍ଚିତ କରିଛି। ଗ୍ରୁପ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଓଡ଼ିଶା ୨–୩ ଗେମ୍‌ରେ ଗୁଜରାଟଠାରୁ ହାରି ଯାଇଥିଲା। ମାତ୍ର ଏହାପରେ ଦଳ ମଧ୍ୟପ୍ରଦେଶକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ ଟିଟିଏଫ୍‌ଆ–୨ (ରାଜସ୍ଥାନ)କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରି–କ୍ୱାର୍ଟର ଫାଇନାଲରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଥିଲା ଏବଂ ତେଲଙ୍ଗାନାକୁ ୩–୨ରେ ହରାଇ ଦେଇଥିଲା। କ୍ୱାର୍ଟର ଫାଇନାଲରେ ଦଳ ପୂର୍ବତନ ଚାମ୍ପିୟନ ତାମିଲନାଡୁକୁ ୩–୧ରେ ଚକ୍‌ମା ଦେଇ ସେମିଫାଇନାଲରେ ପହଞ୍ଚି ଯାଇଥିଲା। ଗୁରୁବାର ହେବାକୁଥିବା ସେମିଫାଇନାଲରେ ଓଡ଼ିଶା ଶକ୍ତିଶାଳୀ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି)କୁ ଭେଟିବ। ''ପିଏସ୍‌ପିବି ଗତ ବର୍ଷର ଚାମ୍ପିୟନ, ଏକ ଶକ୍ତିଶାଳୀ ଦଳ। ତଥାପି ଆମ ପିଲାଙ୍କ ମନୋବଳ ଉଚ୍ଚା ଥିବାରୁ ଏହି ମ୍ୟାଚରେ ମଧ୍ୟ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରି ବିଜୟୀ ହେବା ଆଶା ରହିଛି'' ବୋଲି ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର ପରିଡ଼ା ପ୍ରକାଶ କରିଛନ୍ତି। ଜିଜ୍ଞାସୁ ସାଇ କିରଣ ପ୍ରଧାନ, ତାମିଲ ମହମ୍ମଦ, ଅନିନ୍ଦ୍ୟ ଅନୁପମ ଦାସ ଓ ଜିଜ୍ଞାସୁ ସାହୁ ଖେଳାଳିଭାବେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ରାଜ ଏସ. ସୁବ୍ରମଣ୍ୟମ୍ କୋଚ୍ ଏବଂ ସମ୍ବିଦ ଦାସ ମ୍ୟାନେଜର ଅଛନ୍ତି।





ପ୍ରକଳ୍ପ ମିନି ମଡେଲ


ଶ୍ରୀସେତୁ




ସାଂସ୍କୃତିକ କାର୍ଯ୍ୟକ୍ରମ



ବରିଷ୍ଠ ଅଧିକାରୀଗଣ







# ଭରିଗଲା ଅଫୁରନ୍ତ ଆନନ୍ଦ

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବୁଧବାର ଲୋକାର୍ପଣ ହୋଇଛି। ମହାପ୍ରଭୁଙ୍କ ଅପାର କରୁଣାରୁ ଏହା ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ଲୋକାର୍ପଣ କରିଥିବାବେଳେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯଜ୍ଞର ପୂର୍ଣ୍ଣାହୁତି କରିଛନ୍ତି। ପରେ ପରିକ୍ରମା ମାର୍ଗକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଶ୍ରୀକ୍ଷେତ୍ର ପୁରୀ ଉତ୍ସବମୁଖର ହୋଇଉଠିଛି। ସାଧାରଣ ଲୋକଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ, ଅଧିକାରୀ ଶ୍ରୀଜଗନ୍ନାଥ ଧ୍ୱନିରେ ବିଭୋର ହୋଇଯାଇଛନ୍ତି। ଏହା ସମସ୍ତଙ୍କ ମନରେ ଏକ ଅଫୁରନ୍ତ ଆନନ୍ଦ ଭରିଦେଇଛି।



### ଅସମ୍ଭବକୁ ସମ୍ଭବ କରିଛନ୍ତି ମୁଖ୍ୟମନ୍ତ୍ରୀ



" ମହାପ୍ରଭୁଙ୍କ କୃପା ସୌଭାଗ୍ୟରୁ ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବାର ସୌଭାଗ୍ୟ ମିଳିଲା। ତେବେ ଯେତେବେଳେ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ, ସେତେବେଳେ କେହି ମଧ ବିଶ୍ୱାସ କରି ନ ଥିଲେ ଏତେ କମ୍ ସମୟ ମଧରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ଲୋକାର୍ପଣ ହେବ। ଅସମ୍ଭବକୁ ସମ୍ଭବ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମହାପ୍ରଭୁଙ୍କ କରୁଣା ଯୋଗୁ ଏପରି କାର୍ଯ୍ୟ ସମ୍ଭବ ହୋଇ ପାରିଲା।

- ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ

### ପରିବାର ସଦସ୍ୟଙ୍କୁ ଆଣି ଆସିବି



" ବହୁତ ଗର୍ବ ଲାଗୁଛି ଜଣେ ଓଡ଼ିଆ ତଥା ଜଗନ୍ନାଥପ୍ରେମୀ ଓ ଭକ୍ତ ହିସାବରେ। ସ୍ୱପ୍ନରେ କେବେ ଭାବି ନ ଥିଲି ଭକ୍ତମାନେ ଶ୍ରୀମନ୍ଦିର ପରିକ୍ରମା କରିବା ପାଇଁ ଏପରି ସୁବିଧା ପାଇ ପାରିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଲି। ପ୍ରଶାସନ ଓ ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗ କରନ୍ତୁ। ଯେଉଁ ଭକ୍ତମାନେ ଆସୁଛନ୍ତି, ସେମାନେ ପ୍ରକଳ୍ପକୁ ସଫା ରଖନ୍ତୁ। ପୃଥବୀର ବିଭିନ୍ନ କୋଣରୁ ଆସୁଥିବା ଭକ୍ତମାନେ ପରିକ୍ରମା ପ୍ରକଳ୍ପ ଦେଖନ୍ତୁ। ଘରର ସମସ୍ତ ସଦସ୍ୟଙ୍କୁ ନେଇ ପୁରୀ ନିଶ୍ଚିତ ଆସିବି।

- ଅନୁଭବ ମହାନ୍ତି, ସାଂସଦ ତଥା ଅଭିନେତା

### ଏକ ନିଆରା ଅନୁଭୂତି ମିଳିଲା



" ପୂର୍ବରୁ ପ୍ରାୟ ୧୦ଥର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଛି, କିନ୍ତୁ ଚଳିତଥର ଆସି ଏକ ନିଆରା ଅନୁଭୂତି ମିଳିଛି। ଭକ୍ତଙ୍କ ପାଇଁ ଭଲ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବର୍ଷ ୨୨ କୋଟିରୁ ଊର୍ଦ୍ଧ୍ୱ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି। ଏବେ ୭୫ ମିଟର ପରିକ୍ରମା ପ୍ରକଳ୍ପ ମାର୍ଗ ହେବାଦ୍ୱାରା ଭକ୍ତମାନଙ୍କୁ ଦର୍ଶନ କରିବାରେ ସୁବିଧା ହେବ। ନେପାଳ ରାଜାଙ୍କ ଦେହ ଅସୁସ୍ଥଥିବାରୁ ସେ ଆସି ପାରିଲେ ନାହିଁ। ତାଙ୍କ ପ୍ରତିନିଧି ଭାବେ ଯୋଗ ଦେଇଛି। ନେପାଳରୁ ତିନିଜଣ ଆସିଛୁ। କାର୍ଯ୍ୟକ୍ରମରେ ଯୋଗ ଦେଇ ବହୁତ ଭଲ ଲାଗିଲା।

- ପ୍ରସାଦ ବାସୁଲା, ପୂର୍ବତନ ମୁଖ୍ୟ ଟ୍ରଷ୍ଟି, ନେପାଳ ପଶୁପତି ନାଥ ମନ୍ଦିର

### ପ୍ରକଳ୍ପ ଦ୍ୱାରା ଭକ୍ତମାନେ ବହୁ ସୁବିଧା ପାଇବେ



" ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ବହୁତ ଭଲ ଲାଗିଲା। ଏହି ପ୍ରକଳ୍ପ ଦ୍ୱାରା ଭକ୍ତମାନେ ବହୁତ ସୁବିଧା ପାଇବେ। ଖାଲି ଓଡ଼ିଶାବାସୀ ନୁହନ୍ତି, ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତମାନଙ୍କ ପାଇଁ ସୁବିଧା ହେବ। ସରକାରଙ୍କ ପକ୍ଷରୁ ଏଠାରେ ବହୁତ ଉନ୍ନତି ହୋଇଛି। ଆଗକୁ ମଧ ମୁଖ୍ୟମନ୍ତ୍ରୀ ଭକ୍ତ ଓ ସାଧାରଣ ଲୋକଙ୍କ ପାଇଁ ସୁବିଧା ଓ ଉନ୍ନତି କରିବେ ବୋଲି ଆଶା କରୁଛି।

- କଲିକତା ଦକ୍ଷିଣେଶ୍ୱର ମନ୍ଦିର ପ୍ରତିନିଧି

### ପ୍ରକଳ୍ପ ଦେଖି ସ୍ୱପ୍ନ ପରି ଲାଗୁଛି



" ବହୁତ ଭଲ କାର୍ଯ୍ୟ ହୋଇଛି। ପୂର୍ବପେକ୍ଷା ଆଜିର ବ୍ୟବସ୍ଥା ବହୁତ ଭଲ ରହିଛି। ଆସ୍ତେ ଆସ୍ତେ ପରିବର୍ତ୍ତନ ହେଉଛି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କରି ବହୁତ ଭଲ ଲଗିଲା। ପ୍ରକଳ୍ପକୁ ଦେଖି ସ୍ୱପ୍ନ ପରି ଲାଗୁଛି। ମହାପ୍ରଭୁଙ୍କ କୃପାରୁ ସବୁ ସମ୍ଭବ ହୋଇଛି।

- ସୁସ୍ମିତା ରାଜହଂସ, ୟୁକେ

### ଓଡ଼ିଶାବାସୀଙ୍କ ପାଇଁ ଗର୍ବଗୌରବର କଥା



" ମୁଁ ସବୁବେଳେ ଟେଲିଭିଜନ ମାଧମରେ ଶୁଣି ଆସୁଥିଲି କି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହେବାକୁ ଯାଉଛି। ଆଜି ପରିକ୍ରମା ପ୍ରକଳ୍ପ ଦେଖିବାର ସୌଭାଗ୍ୟ ମୋ ପାଇଁ ସତ ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ଏଭଳି ଭବ୍ୟ ବ୍ୟବସ୍ଥା ହେବ ବୋଲି କେବେ ସ୍ୱପ୍ନରେ ବି ଭାବି ନ ଥିଲି। ଏହା ଆମ ପାଇଁ ତଥା ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଏବଂ ଗୌରବର କଥା ବୋଲି ମୁଁ ମନେକରୁଛି।

- ପ୍ରବାସିନୀ ପଣ୍ଡା, ଶାଳପଡ଼ା, ଭାପୁର, ନୟାଗଡ

### ସୁବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ



" ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପରିକ୍ରମା ପ୍ରକଳ୍ପ ଅତି ସୁନ୍ଦର ହୋଇଛି। ମୁଁ ନେପାଳର ଲୁମ୍ବିନୀ ପ୍ରଦେଶରୁ ଆସିଛି। ପୁରୀରେ ଭକ୍ତଙ୍କ ପାଇଁ ଏଭଳି ସୁବ୍ୟବସ୍ଥା ପାଇଁ ମୁଁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବି।

- ଟପ୍ ବାହାଦୁର କର୍କି, ଲୁମ୍ବିନୀ, ନେପାଳ

### ମହାପ୍ରଭୁଙ୍କ କାର୍ଯ୍ୟ କରି ବହୁତ ଖୁସି



" ମୁଁ ଆଜି ବହୁତ ଖୁସି ଅଛି। ପରିଶ୍ରମ ସମୟର କଷ୍ଟ ଦୂର ହୋଇଯାଇଛି। ପରିକ୍ରମା ପ୍ରକଳ୍ପ ସମୟରେ କିଛି ମଠର ପଥର କାର୍ଯ୍ୟ ବା ଡିଜାଇନ କାର୍ଯ୍ୟ କରିଛି। ତେଣୁ ମୁଖ୍ୟମନ୍ତ୍ରୀ ମୋତେ ସମ୍ମାନିତ କରିଛନ୍ତି। ମୁଁ ୧୨ରୁ ଅଧିକ କାରିଗରଙ୍କୁ ନେଇ କାର୍ଯ୍ୟ କରିଛି। ତେବେ ମହାପ୍ରଭୁଙ୍କ କାର୍ଯ୍ୟ କରି ବହୁତ ଖୁସି ଲାଗୁଛି। ଦିନ ରାତି କଷ୍ଟ କରି କାର୍ଯ୍ୟ କରିଥିଲୁ। ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ।

- ରବୀନ୍ଦ୍ର ଗୌଡ଼, ସମ୍ମାନିତ କାରିଗର

## ପରିକ୍ରମା ପ୍ରକଳ୍ପ ଅନୁଭୂତି

### ବର୍ଷା ରୋକିବା ପାଇଁ ଇନ୍ଦ୍ର ଗୋବିନ୍ଦ ପୂଜା



" ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ କାର୍ଯ୍ୟକ୍ରମ ମହାପ୍ରଭୁଙ୍କ କୃପାରୁ ସୁଚାରୁରୂପେ ସମାପନ ହୋଇଛି। ମୁଖ୍ୟମନ୍ତ୍ରୀ ଓ ଗଜପତି ଶିଳା ଥିବା ସ୍ଥାନକୁ ଯାଇ ବିଧିବିଧାନ ଅନୁଯାୟୀ ଶିଳାକୁ ଲୋକାର୍ପଣ କରିବା ପରେ ଗଜପତି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଯଥା ସମୟରେ କରିଛନ୍ତି। ଗଜପତି ମହାରାଜା ତାଙ୍କର ସମସ୍ତ କାର୍ଯ୍ୟ ସାରିବାପରେ ଷୋଳ ଶାସନର ବ୍ରାହ୍ମଣମାନେ ଅକ୍ଷତ ଅଭିମନ୍ତ୍ରଣ କରି ରାଜଗୁରୁଙ୍କୁ ପ୍ରଦାନ କରିଥିଲେ। ସବୁଠାରୁ ଆନନ୍ଦର ବିଷୟ ଯେଉଁଦିନ ଯଜ୍ଞ ଆରମ୍ଭ ହୋଇଥିଲା। ଉକ୍ତ ଦିନ ଇନ୍ଦ୍ର ଦେବତା ଜଳ ବୃଷ୍ଟି କରିଥିଲେ। ପୂର୍ଣ୍ଣାହୁତି ଦିବସରେ ମଧ ସକାଳୁ ସକାଳୁ ବର୍ଷା କରାଇ ରାସ୍ତାକୁ ଧୋଇ ଦେଇଥିଲେ। ତେବେ ବର୍ଷା ଅଧିକ ହେବାର ଆଶଙ୍କା କରାଯାଇ ବ୍ରାହ୍ମଣମାନଙ୍କ ପକ୍ଷରୁ ବର୍ଷାକୁ ବନ୍ଦ କରିବା ପାଇଁ ଇନ୍ଦ୍ର ଗୋବିନ୍ଦ ପୂଜା କରାଯାଇ ପଣା ଭୋଗ କରାଯାଇଥିଲା। ଫଳରେ ଧୀରେ ଧୀରେ ବର୍ଷା ଅପସରି ଯାଇଥିଲା। ସୂର୍ଯ୍ୟ ନାରାୟଣଙ୍କ ଦର୍ଶନ ହୋଇଥିଲା। ତେବେ ଯଜ୍ଞ ମଣ୍ଡପ ଓ ଶ୍ରୀମନ୍ଦିର ଚାରିଦ୍ୱାର ସମ୍ମୁଖରେ ଥିବା ବେଦପାଠ ମଣ୍ଡପକୁ ସ୍ଥାୟୀ ଭାବେ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷଙ୍କୁ ନିବେଦନ କରାଯାଇଛି।

- ବିଶ୍ୱମ୍ଭର ଦାଶ, ଆଚାର୍ଯ୍ୟ ପଣ୍ଡିତ

### ସ୍ୱର୍ଗରୁ ହେଲା ପୁଷ୍ପ ବୃଷ୍ଟି



" ନିର୍ଦ୍ଧାରିତ ସମୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପ ଶିଳାକୁ ଲୋକାର୍ପଣ କରିବା ପରେ ଗଜପତି ମହାରାଜା ମହାଯଜ୍ଞର ପୂର୍ଣ୍ଣାହୁତି ଦେଇଥିଲେ। ପରେ ସମସ୍ତ ଅତିଥିଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ଓ ଗଜପତି ପରିକ୍ରମା କରିଥିଲେ। ପରେ ଭକ୍ତମାନଙ୍କ ପାଇଁ ମଧ ପ୍ରକଳ୍ପକୁ ଲୋକାର୍ପଣ କରାଯାଇଛି। ଭକ୍ତମାନେ ଆନନ୍ଦିତ ଅଛନ୍ତି। କଥାରେ ଅଛି ଯଜ୍ଞ ସମୟରେ ବର୍ଷାହେଲେ ଯଜ୍ଞ ସଫଳ ହୋଇଛି ବୋଲି କୁହାଯାଏ। ବର୍ଷା ହୋଇଛି, ଯାହା ଶୁଭ ଲକ୍ଷଣ ଅଟେ। ଏହା ସ୍ୱର୍ଗରୁ ପୁଷ୍ପ ବୃଷ୍ଟି ସଦୃଶ ହୋଇଛି। ବହୁ ସଂଖ୍ୟାରେ ଭକ୍ତମାନେ ଆସି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। କଥାରେ ଅଛି ପ୍ରତ୍ୟେକ ମଣିଷ ହୃଦୟରେ ଦେବଦେବୀ ବାସ କରନ୍ତି। ତେଣୁ ଯେତେ ଭକ୍ତ ଆସିଛନ୍ତି, ସେହି ପରିମାଣରେ ଭଗବାନ ଶ୍ରୀକ୍ଷେତ୍ରକୁ ଆସିଛନ୍ତି ବୋଲି ଧରିନେବା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

- ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

### ମହାପ୍ରଭୁଙ୍କ କୃପାରୁ ସମସ୍ତ କାର୍ଯ୍ୟ ଶୃଙ୍ଖଳାରେ ସମ୍ପନ୍ନ ହୋଇଛି



" ମହାପ୍ରଭୁଙ୍କ କୃପା ଓ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବରେ ସମାପନ ହୋଇଛି। ଲୋକାର୍ପଣ ପରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଗଲା ପରେ ଗଜପତି ମହାରାଜା, ମୁଖ୍ୟମନ୍ତ୍ରୀ, ନିମନ୍ତ୍ରିତ ଅତିଥି, ଶ୍ରୀମନ୍ଦିର ସେବାୟତ, ନେତା ଓ ମନ୍ତ୍ରୀମାନଙ୍କ ସହ ସଂକୀର୍ତ୍ତନ ଓ ସାହିଯାତ ନୃତ୍ୟରେ ପରିକ୍ରମା ମାର୍ଗରେ ପଦକ୍ଷିଣ କରାଯାଇଛି। ସଭାକାର୍ଯ୍ୟରେ ପ୍ରକଳ୍ପ ପାଇଁ ଅବଦାନ ଥିବା କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଲୋକାର୍ପଣ କାର୍ଯ୍ୟକ୍ରମ ଶେଷ ହୋଇଥିବାରୁ ଖୁବ୍‌ଶୀଘ୍ର ଶ୍ରୀସେତୁ ଓ ଶ୍ରୀମାର୍ଗ ଲୋକମାନଙ୍କ ପାଇଁ ଉନ୍ମୋଚନ ହେବ।

- ସମର୍ଥ ବର୍ମା, ଜିଲାପାଳ

### ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା



" ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ନେଇ ପୁରୀରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୦୦ରୁ ଅଧିକ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂହ ଓ ଏସ୍‌ପି କେ. ବିଶାଲ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। କେ-୯ ସ୍କ୍ୱାଡ୍, ବୋମା ନିଷ୍କ୍ରିୟ ଦଳ ମୁତୟନ ରହିଛନ୍ତି। ଶ୍ରୀମନ୍ଦିର ଚାରିପାଖକୁ ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିବେ, ସେନେଇ ବ୍ୟବସ୍ଥା କରାଯାଇଛି। ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି।

- ଅରୁଣ କୁମାର ଷଡ଼ଙ୍ଗୀ, ପୋଲିସ ମହାନିର୍ଦ୍ଦେଶକ

### ଅତି ଉଚ୍ଚକୋଟୀର ମୌଳିକ ସୁବିଧା



" ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହୋଇଛି। ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନାମରେ ଭକ୍ତ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ବଢ଼ାଇବା ସହିତ ଭକ୍ତ ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ଆକର୍ଷଣ ସାଜିବ। ଏହି ପ୍ରକଳ୍ପରେ ଭକ୍ତମାନଙ୍କ ସୁବିଧା ପାଇଁ କରାଯାଇଥିବା ଶୌଚାଳୟ, ବିଶ୍ରାମ ଗୃହ ଭଳି ମୌଳିକ ସୁବିଧା ଅତି ଉଚ୍ଚକୋଟୀର। ଏହା ଏକ ସ୍ୱାଗତଯୋଗ୍ୟ ପ୍ରକଳ୍ପ।

- ଉର୍ମିଳା ପଣ୍ଡା, ବାଙ୍କୀ

### ଐତିହାସିକ ପଦକ୍ଷେପ



" ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦ୍ୱାରା ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ବିଭିନ୍ନ ସୁବିଧା ପାଇପାରିବେ। ଏହା ରାଜ୍ୟ ସରକାରଙ୍କ ସଫଳତାର ଆଉ ଏକ ପାହାଚ। ପରିକ୍ରମା ଚତୁଃପାର୍ଶ୍ୱ ସବୁଜିମା, ଫୁଲ ବଗିଚା, ଖୋଲା ମଣ୍ଡପ, ମଠର ପୁନରୁଦ୍ଧାର ଏକ ଐତିହାସିକ ପଦକ୍ଷେପ।

- ପଦ୍ମାଳୟା ମହାପାତ୍ର, ବେଗୁନିଆ

### ପରିକ୍ରମା ପ୍ରକଳ୍ପରୁ ସୁନ୍ଦର ଦର୍ଶନ



" ପୂର୍ବରୁ ଶ୍ରୀମନ୍ଦିରକୁ ଲାଗି ଅନେକ କୋଠାବାଡ଼ି ରହିଥିଲା, ମନ୍ଦିର ଚାରିପାଖରେ ଦୋକାନ ବଜାର ରହି ଶ୍ରୀମନ୍ଦିର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିଲା। ଭକ୍ତମାନେ ସମ୍ପୂର୍ଣ୍ଣ ମନ୍ଦିର ଦେଖିପାରୁ ନ ଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାପରେ ଲୋକମାନେ ଆରାମରେ ଦର୍ଶନ କରିପାରିବେ। ପ୍ରଶାସନ ତରଫରୁ ଲାଟ୍ରିନ ଓ ବାଥରୁମ୍‌ର ବ୍ୟବସ୍ଥା ଥିବାରୁ ଏହା ସମସ୍ତଙ୍କ ପାଇଁ ସୁବିଧା ହେବ।

- ଦୟାନିଧି ମେହେର, ସୋନପୁର





ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସରେ ବୁଧବାର ଶଟ୍ ଖେଳିବା ଅବସରରେ ମାର୍ଟା କୋଷ୍ଟ୍ୟୁକ। ଓନ୍ସ ଜାବେରଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବାପରେ ମୀରା ଆଣ୍ଡ୍ରିଭାଙ୍କ ପ୍ରତିକ୍ରିୟା।

# ଓଡ଼ିଶାରୁ ଭାଗନେବେ ୧୩୮

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ଭୁବନେଶ୍ୱର, ୧୭।୧

(ତପନ ସ୍ୱାଇଁ)

ଚଳିତ ମାସ ୧୯ ତାରିଖରୁ ତାମିଲନାଡୁରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୪ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୩୮ ଆଥଲେଟ୍ ଭାଗନେବେ। ଓଡ଼ିଶା ପ୍ରତିନିଧି ଦଳ ଗୁରୁବାର ତାମିଲନାଡୁ ଯିବେ। ଓଡ଼ିଶା ପ୍ରତିଯୋଗୀମାନେ ଆଥଲେଟିକ୍ସ, ଫୁଟବଲ (ବାଳିକା-ବାଳକ), ଜୁଡୋ, ଭାରୋତ୍ତୋଳନ, ସାଇକ୍ଲିଂ (ଟ୍ରାକ୍ ଆଣ୍ଡ ରୋଡ୍), ସୁଇମିଂ, ହକି, ବ୍ୟାଡ୍‌ମିଣ୍ଟନ, ଜିମ୍ନାଷ୍ଟିକ୍ସ, ଟେନିସ, ମାଲଖମ୍ଭ ଓ ଖୋ ଖୋ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଓଡ଼ିଶା ଦଳରେ ୭୬ ମହିଳା ଆଥଲେଟ୍ ସାମିଲ ହୋଇଛନ୍ତି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ମନୋନୀତ ଓଡ଼ିଶା ପ୍ରତିନିଧି ଦଳକୁ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଶୁଭେଚ୍ଛା ଜଣାଇଛନ୍ତି। ''ଆଗାମୀ ପ୍ରତିଯୋଗିତାରେ ଆମ ଯୁବ ଆଥଲେଟ୍‌ମାନେ ଜାତୀୟ ଅଭିଜ୍ଞତା ହାସଲ କରିବା ସହ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ସୁବର୍ଣ୍ଣ ସୁଯୋଗ ପାଇବେ। ଯୁବ ଆଥଲେଟଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଆମ ଭିଜନର ଅଂଶବିଶେଷ। ଆମେ ଏବେ ଆଗାମୀ ପ୍ରତିଯୋଗିତା ଉପରେ ନଜର ରଖିଛୁ। ଏହି ଅବସରରେ ଓଡ଼ିଶାର ସବୁ ଆଥଲେଟ୍‌ଙ୍କୁ ଶୁଭେଚ୍ଛା ଜଣାଉଛି'' ବୋଲି ଭିନିଲ କହିଛନ୍ତି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଟିମ୍ ଚାମ୍ପିୟନଶିପ୍ ଭାବେ ପରିଗଣିତ ହୁଏ। କୌଣସି ଆଥଲେଟ୍ ବ୍ୟକ୍ତିଗତ ଭାବେ ପଦକ ଜିତନ୍ତୁ କିମ୍ବା ଦଳଗତ ଓଭରଅଲ୍ ଏହା ସେମାନଙ୍କ ରାଜ୍ୟ କେତେ ପଦକ ହାସଲ କଲା ତାହା ଗଣାଯାଏ। ଗତ ସଂସ୍କରଣରେ ଓଡ଼ିଶା ମୋଟ ୩୦ଟି ପଦକ ପାଇଥିଲା। ଏହା ମଧ୍ୟରେ ୧୧ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। କାୟାକିଂ ଓ କାନୋଇଂ, ହକି, ଟେନିସ ଓ ଆଥଲେଟିକ୍ସରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବ ପ୍ରଦର୍ଶନ କରିଥିଲେ।

# ବିପର୍ଯ୍ୟୟ ଘଟାଇଲେ ମୀରା ଆଣ୍ଡ୍ରିଭା

## ଅଷ୍ଟ୍ରେଲିଆନ୍ ଓପନ୍

### ଜାବେର୍, ଓଜ୍‌ନିଆକି ବିଦା

ମେଲବୋର୍ନ,୧୭।୧(ପି.ଟି.)

ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନରେ ଦେଖିବାକୁ ମିଳିଛି ଦୁଇଟି ବଡ଼ ବିପର୍ଯ୍ୟୟ। ଓନ୍ସ ଜାବେର ଓ କାରୋଲିନ୍ ଓଜ୍‌ନିଆକିଙ୍କ ପରି ଖେଳାଳି ବିଦାୟ ନେଇଛନ୍ତି। ରୁଷିଆର ୧୬ ବର୍ଷୀୟା ମୀରା ଆଣ୍ଡ୍ରିଭା ବିପର୍ଯ୍ୟୟ ଘଟାଇବା ସହ ୩ ଥର ଗ୍ରାଣ୍ଡସ୍ଲାମ ରନର୍‌ଅପ୍ ଓନ୍ସ ଜାବେରଙ୍କୁ ପରାସ୍ତ କରିଛନ୍ତି। ବୁଧବାର ମୀରା ମାତ୍ର ୫୪ ମିନିଟ ସମୟ ନେଇ ୬-୦, ୬-୨ରେ ମ୍ୟାଚ୍‌କୁ ଜିତି ନେଇଥିଲେ। ପ୍ରଥମ ସେଟ୍‌କୁ ମାତ୍ର ୨୦ ମିନିଟ ସମୟରେ ଜିତି ସେ ଜାବେରଙ୍କୁ ସ୍ତବ୍ଧ କରି ଦେଇଥିଲେ। ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱ ମାନ୍ୟତାର ଷଷ୍ଠ ସ୍ଥାନରେ ଥିବା ଜାବେର ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଆଣ୍ଡ୍ରିଭା ଚମତ୍କାର ପ୍ରଦର୍ଶନ ବଳରେ ଜିତି ନେଇଥିଲେ। ୱିମ୍ବଲେଡନ୍ ୨୦୨୩ର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିବା ମୀରାଙ୍କର ଏହା ଅଷ୍ଟ୍ରେଲିଆନ୍ ଓପନରେ ଶ୍ରେଷ୍ଠ ପ୍ରଦର୍ଶନ। ଜାବେର ମ୍ୟାଚ୍ ପରାଜୟ ପରେ ଆଣ୍ଡ୍ରିଭାଙ୍କ ପ୍ରଦର୍ଶନକୁ ବେଶ୍ ପ୍ରଶଂସା କରିଥିଲେ। ପୂର୍ବତନ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ କାରୋଲିନ୍ ଓଜ୍‌ନିଆକି ଅଣସିଡେଡ୍ ମାରିଆ ଟିମୋଫିଭାଙ୍କ ନିକଟରୁ ୧-୬, ୬-୪ ଓ ୬-୧ରେ ପରାଜିତ ହୋଇଛନ୍ତି। ଅନ୍ୟ ସିଡେଡ୍ ଖେଳାଳିଙ୍କ ମଧ୍ୟରେ କୋକୋ ଗଫ୍ ୭-୬(୭) ଓ ୬-୨ରେ କାରୋଲିନ୍ ଡୋଲହିଡେଙ୍କୁ, ବାର୍ବୋରା କ୍ରେଜିକୋଭା ୬-୨, ୬-୨ରେ ଟାମାରା କୋର୍ପାଶ୍ଚଙ୍କୁ, ବିଟ୍ରିଜ୍ ହଦାଦ ମାଇଆ ୬-୨, ୬-୧ରେ ଆଲିନା କୋର୍ଣ୍ଣିଭାଙ୍କୁ, ମାଗଡାଲେନା ଫ୍ରେଚ୍ ୬-୪, ୭-୬(୭)ରେ କାରୋଲିନା ଗାର୍ସିଆଙ୍କୁ, ୟୁକ୍ରେନର ମାର୍ଟା କୋଷ୍ଟ୍ୟୁକ ୭-୫, ୧-୬ ଓ ୭-୬ରେ ଏଲେନ ମର୍ଟେନ୍ସଙ୍କୁ ଓ ଦ୍ୱିତୀୟ ସିଡ୍ ଆରିନା ସାବାଲେଙ୍କା ୬-୩, ୬-୨ରେ ବ୍ରେଣ୍ଡା ଫ୍ରୁଭିର୍ତୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ନୋଭାକ୍ ଜୋକୋଭିଚ୍

ପୁରୁଷ ସିଙ୍ଗଲ୍ସରେ ଏକ ନମ୍ବର ସିଡ୍ ନୋଭାକ୍ ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସ୍ଥାନୀୟ ଖେଳାଳି ଆଲେକ୍ସି ପପିରିନ୍‌ଙ୍କୁ ୬-୩, ୪-୬, ୭-୬(୭) ଓ ୬-୩ ସେଟରେ ପରାସ୍ତ କରି ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ୫ ନମ୍ବର ସିଡ୍ ଆଣ୍ଡି ରୁବଲେଭ ୬-୪, ୬-୪ ଓ ୬-୪ ସେଟରେ କ୍ରିଷ୍ଟୋଫର ୟୁବ୍ୟାଙ୍କସଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ଷ୍ଟିଫାନୋସ୍ ସିଟ୍‌ସିପାସ୍ ୪-୬, ୭-୬(୮), ୬-୨, ୭-୬(୭)ସେଟରେ ଜୋର୍ଡାନ୍ ଥମ୍ପସନଙ୍କୁ, ଜାନିକ୍ ସିନ୍ନର ୬-୨, ୬-୨, ୬-୨ ସେଟରେ ଜାସ୍ପର ଡି ଜଙ୍ଗଙ୍କୁ, ଆଲେକ୍ସ ଡି ମିନାଉର ୬-୩, ୬-୦, ୬-୩ ସେଟ୍‌ରେ ମାଟ୍ଟେଓ ଆରଲିଣ୍ଡିଙ୍କୁ, କାରେନ୍ ଖାଚାନୋଭ୍ ୬-୪, ୬-୩, ୪-୬ ଓ ୬-୩ ସେଟରେ ଆଲେକଜାଣ୍ଡର କୋଭାସେଭିକଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଟପ୍ ଟେନ୍‌ରେ ଜୟସ୍ୱାଲ, ଅକ୍ଷର

ଦୁବାଇ,୧୭।୧(ପି.ଟି.)

ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ବଳରେ ଆଇସିସି ର୍‍ୟାଙ୍କିଙ୍ଗର ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି ଯଶସ୍ୱୀ ଜୟସ୍ୱାଲ ଓ ଅକ୍ଷର ପଟେଲ। ବୁଧବାର ଆଇସିସି ପକ୍ଷରୁ ଟି୨୦ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି। ବୋଲରଙ୍କ ମଧ୍ୟରେ ଅକ୍ଷର ପଟେଲ କ୍ୟାରିୟର ଶ୍ରେଷ୍ଠ ୫ ନମ୍ବର ର୍‍ୟାଙ୍କିଙ୍ଗ ହାସଲ କରିଥିବା ବେଳେ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଜୟସ୍ୱାଲ ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ଅକ୍ଷର ପ୍ରଥମ ଦୁଇ ଟି୨୦ରେ କଞ୍ଜୁସ ବୋଲିଂ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ୨୩ ଓ ଦ୍ୱିତୀୟ ମ୍ୟାଚ୍‌ରେ ୧୬ ରନ୍ ବ୍ୟୟ କରି ସେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଏହା ସହିତ ଅଲରାଉଣ୍ଡରଙ୍କ ର୍‍ୟାଙ୍କିଙ୍ଗରେ ଅକ୍ଷର ପଟେଲ ଦୁଇ ସ୍ଥାନ ଉପରକୁ ଉଠି ୧୬ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ବ୍ୟାଟରଙ୍କ ମଧ୍ୟରେ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ହାସଲ କରିଛନ୍ତି ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ। ୭ ସ୍ଥାନର ପ୍ରମୋଶନ ସହ ସେ ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ସୂର୍ଯ୍ୟକୁମାର ଯାଦବ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଦୁଇ ଟି୨୦ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଶିବମ ଦୁବେ ୨୬୫ ସ୍ଥାନରୁ ଉପରକୁ ଉଠି ୫୮ରେ ପହଞ୍ଚିଛନ୍ତି।

# ରେକର୍ଡ ଛକା ସହ ସିରିଜ ଜିତାଇଲେ ଆଲେନ୍

ଡୁନେଡିନ୍,୧୭।୧(ପି.ଟି.)

ଓପନର ଫିନ୍ ଆଲେନ୍ ଗୋଟିଏ ଇନିଂସରେ ରେକର୍ଡ ୧୬ ଛକା ମାରିବା ସହ ପାକିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡକୁ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଜିତାଇଛନ୍ତି। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ଆଲେନ୍‌ଙ୍କ ୬୨ ବଲ୍ ୧୩୭ ରନ୍ ବଳରେ ୨୦ ଓଭରରେ ୭ ଉଇକେଟରେ ୨୨୪ ରନ୍ କରିଥିଲା। ଜବାବରେ ପାକିସ୍ତାନ ୭ ଉଇକେଟରେ ୧୭୯ ରନ୍ କରିଥିଲା।

ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ତେବେ ଫିନ୍ ଆଲେନ୍ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଆଲେନ୍ ୬୨ ବଲ୍ ଖେଳି ୫ ଚୌକା ଓ ୧୬ ଛକା ମାରିଥିଲେ। ଏହା ସହ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାରେ ସେ ଆଫଗାନିସ୍ତାନର ହଜରତଉଲ୍ଲା ଜଜାଇଙ୍କ ସମକକ୍ଷ ହୋଇଥିଲେ। ସେହିପରି ଟି୨୦ରେ ନ୍ୟୁଜିଲାଣ୍ଡ ପକ୍ଷରୁ ସର୍ବାଧିକ ବ୍ୟକ୍ତିଗତ ସ୍କୋର ମଧ୍ୟ ରେକର୍ଡ କରିଥିଲେ। ଆଲେନ୍‌ଙ୍କ ବ୍ୟତୀତ ଟିମ୍ ଶେଫର୍ଟ ୩୧ ଓ ଗ୍ଲେନ୍ ଫିଲିପ୍ସ ୧୯ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ହରିସ୍ ରୌଫ୍ ୨ ଉଇକେଟ ନେଇଥିବା ବେଳେ ଶାହିନ୍ ଆଫ୍ରିଦି, ଜମାନ୍‌ଖାନ୍, ମହମ୍ମଦ ନୱାଜ ଓ ମହମ୍ମଦ ୱାସିମ ଜୁନିୟର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୨୫ ରନ୍ ଜବାବରେ ପାକିସ୍ତାନ ବାବର ଆଜମଙ୍କ ୫୮ ରନ୍ ବଳରେ ୧୭୯ ରନ୍‌ରେ ସୀମିତ ରହିଥିଲା। ବାବର ୩୭ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ନୱାଜ ୨୮ ଓ ମହମ୍ମଦ ରିଜୱାନ ୨୪ ରନ୍ କରିଥିଲେ। ଟିମ୍ ସାଉଦି ୨ ଉଇକେଟ ନେଇଥିବା ବେଳେ ମ୍ୟାଟ ହେନରୀ, ଲୋକି ଫର୍ଗୁସନ, ମିଚେଲ୍ ସାଣ୍ଟନର ଓ ଇଶ ସୋଧୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଛକା ମାରିବା ଅବସରରେ ଫିନ୍ ଆଲେନ୍।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୨୪/୭(ଫିନ୍ ଆଲେନ୍-୧୩୭, ଟିମ୍ ଶେଫର୍ଟ-୩୧, ଗ୍ଲେନ୍ ଫିଲିପ୍ସ-୧୯, ହରିସ୍ ରୌଫ୍-୨/୬୦, ମହମ୍ମଦ ୱାସିମ୍ ଜୁନିୟର-୧/୩୫, ଜମାନ ଖାନ୍-୧/୩୭)। ପାକିସ୍ତାନ ୨୦ ଓଭରରେ ୧୭୯/୭(ବାବର ଆଜମ-୫୮, ମହମ୍ମଦ ନୱାଜ-୨୮, ମହମ୍ମଦ ରିଜୱାନ-୨୪, ଟିମ୍ ସାଉଦି-୨/୨୯, ମିଚେଲ ସାଣ୍ଟନର-୧/୨୬, ଲୋକି ଫର୍ଗୁସନ୍-୧/୨୭)।

# ଆଇସିସି ନିଯୁକ୍ତ ପ୍ରଥମ ମହିଳା ଅମ୍ପାୟର



ଦୁବାଇ,୧୭।୧(ପି.ଟି.)

ଆଇସିସି ଦ୍ୱାରା ନିଯୁକ୍ତ ପ୍ରଥମ ମହିଳା ଅମ୍ପାୟର ହୋଇଛନ୍ତି ଇଂଲଣ୍ଡର ସୁ ରେଡ୍‌ଫର୍ନ। ପୂର୍ବରୁ ଏକାଧିକ ମହିଳା ଅମ୍ପାୟର କାମ କରିଥିଲେ ମଧ୍ୟ ସେମାନେ ବିଭିନ୍ନ ଦେଶର କ୍ରିକେଟ ବୋର୍ଡ ସହ ଅନୁବନ୍ଧିତ ହୋଇ କାମ କରିଥାନ୍ତି। ତେବେ ରେଡ୍‌ଫର୍ନ ପ୍ରଥମ ମହିଳା ଭାବେ ଆଇସିସି ଦ୍ୱାରା ନିଯୁକ୍ତ ହୋଇଛନ୍ତି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ମହିଳା ଟି୨୦ ସିରିଜ୍‌ରେ ପ୍ରଥମ ଥର ରଦରଫୋର୍ଡ ଅମ୍ପାୟରିଂ କରିବେ। ଏହା ସହିତ ଏଣିକି ସମସ୍ତ ମହିଳା ସିରିଜ୍ ଓ ମ୍ୟାଚ୍‌ରେ ଜଣେ ମହିଳା ଅମ୍ପାୟରଙ୍କ ଉପସ୍ଥିତି ବାଧ୍ୟତାମୂଳକ କରିଛି ଆଇସିସି। ଆସନ୍ତା ଟି୨୦ ବିଶ୍ୱକପ ପାଇଁ ୭ ମହିଳା ଅମ୍ପାୟରଙ୍କୁ ନିଯୁକ୍ତ କରାଯିବ ବୋଲି ଆଇସିସି ସ୍ପଷ୍ଟ କରିଛି। ଭବିଷ୍ୟତରେ ମହିଳା କ୍ରିକେଟ ପାଇଁ କେବଳ ମହିଳା ଅଫିସିଆଲଙ୍କୁ ନିଯୁକ୍ତି ଦେବା ଦିଗରେ ଏହା ପ୍ରଥମ ପଦକ୍ଷେପ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

# ଅଲିମ୍ପିକ୍ସ ଯୋଗ୍ୟତା ଲକ୍ଷ୍ୟରେ ଭାରତ

ରାଞ୍ଚି,୧୭।୧(ପି.ଟି.)

ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ୍ସ ହକି କ୍ୱାଲିଫାୟର ସେମି ଫାଇନାଲରେ ଗୁରୁବାର ଜର୍ମାନୀକୁ ଭେଟିବ ଭାରତୀୟ ମହିଳା ଦଳ। ଭାରତୀୟ ମହିଳା ହକି ଦଳ ଏହି ମ୍ୟାଚରେ ବିଜୟ ହାସଲ କରିବା ସହିତ ପ୍ୟାରିସ୍ ୨୦୨୪ ବର୍ଥ ବୁକ୍ କରିବାକୁ ଉଦ୍ୟମ କରିବ। ପୁଲ୍ ବିରେ ସ୍ଥାନ ପାଇଥିବା ଭାରତ ନିଜର ପ୍ରଥମ ମ୍ୟାଚ୍‌ରେ ୟୁଏସ୍‌ଏ ନିକଟରୁ ପରାଜିତ ହୋଇଥିଲା। ତେବେ ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ ସହ ଭାରତ ନ୍ୟୁଜିଲାଣ୍ଡ ଓ ଇଟାଲୀକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଅନ୍ତିମ ୨ ମ୍ୟାଚ୍‌ରେ ଦଳ ଯେଉଁଭଳି ପ୍ରଦର୍ଶନ କରିଛି ଜର୍ମାନୀ ବିପକ୍ଷ ସେମି ଫାଇନାଲରେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ ସବିତା ପୁନିଆଙ୍କ ଦଳ। କ୍ୱାଲିଫାୟର୍ସର ଟପ୍ ୩ ଟିମ୍ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିବେ। ତେଣୁ ଗୁରୁବାର ବିଜୟ ସହ ଦଳ ଆଗୁଆ ଯୋଗ୍ୟତା ଅର୍ଜନ କରିବାକୁ ଚାହିଁବ। ତେବେ ଏହି ମ୍ୟାଚରେ ପରାଜିତ ହେଲେ ଭାରତ ନିକଟରେ ଯୋଗ୍ୟତା ଅର୍ଜନର ଆଉ ଏକ ସୁଯୋଗ ରହିବ। ଭାରତୀୟ ଡିଫେନ୍ସ ଅନ୍ତିମ ୨ ମ୍ୟାଚ୍‌ରେ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛି। ଅଧିନାୟିକା ସବିତାଙ୍କ ସହ ଉଦିତା, ମୋନିକା ଓ ନିକ୍କି ପ୍ରଧାନ ତାଳମେଳ ରଖିଛନ୍ତି। ସଲିମା ଟେଟେ ଓ ନେହା ଗୋୟଲ ମିଡଫିଲ୍ଡରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି।

# ସି.କେ. ନାଇଡୁ ଟ୍ରଫି: ଝାଡ଼ଖଣ୍ଡ ୯ ଉଇକେଟରେ ବିଜୟୀ

ସମ୍ବଲପୁର,୧୭।୧

(ବି.ଶଙ୍କର)

ଓଡ଼ିଶା ଓ ଝାଡ଼ଖଣ୍ଡ ଦଳ ମଧ୍ୟରେ ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ ସର୍ବଭାରତୀୟ କର୍ନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶାକୁ ୯ ଉଇକେଟରେ ହରାଇଛି ଝାଡ଼ଖଣ୍ଡ। ଚତୁର୍ଥ ତଥା ଅନ୍ତିମ ଦିନରେ ଝାଡ଼ଖଣ୍ଡ ଦଳକୁ ମାତ୍ର ୪୨ ରନର ଆବଶ୍ୟକତା ଥିଲା। ଦଳ ୮.୨ ଓଭରରେ ୧ ଉଇକେଟ ହରାଇ ୪୬ରନ ସଂଗ୍ରହକରି ବିଜୟୀ ହୋଇଥିଲା। ଏହି ଦଳର ରବିନ ମିଞ୍ଜ ୨୩ ବଲରେ ୨୭ ରନ୍ କରି ପାଭିଲିୟନ ଫେରିଥିଲେ। ଏଥିରେ ୧ ଚୌକା ଓ ୩ ଛକା ରହିଛି। ଅନ୍ୟ ବ୍ୟାଟ୍ସମ୍ୟାନ ଶିଖର ମୋହନ ୧୩ ଓ ସତ୍ୟା ସେଟ୍ଟୁ ୬ରନ କରି ଅପରାଜିତ ଥିଲେ। ଓଡ଼ିଶାର ରିତେଶ ପ୍ରିୟରଞ୍ଜନ ୧.୨ ଓଭର ବୋଲିଂ କରି ୫ରନ ବିନିମୟରେ ୧ ଉଇକେଟ ଅକ୍ତିଆର କରିଥିଲେ। ଫଜିଲ ମହମ୍ମଦ ମ୍ୟାଚ ରେଫରି ରହିଥିବା ବେଳେ ତାମିଲନାଡୁର ରାକେଶ ରାଘବନ ଓ ରାୟପୁରର ବିକାଶ ଭଟ୍ଟ ଅମ୍ପାୟରିଂ କରିଥିଲେ। ସୂଚନାଯୋଗ୍ୟ, ଗତ ୧୪ ତାରିଖରୁ ମ୍ୟାଚ ଆରମ୍ଭ ହୋଇଥିଲା। ଓଡ଼ିଶା ଦଳ ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ମାତ୍ର ୧୬୮ ରନ କରିଥିଲା। ସେହିପରି ଝାଡ଼ଖଣ୍ଡ ଦଳ ୧୦୮.୨ ଓଭରରେ ୩ ଉଇକେଟ ହରାଇ ୪୮୭ ରନ କରି ପାଳି ଘୋଷଣା କରିଥିଲା। ଓଡ଼ିଶା ଦଳ ଦ୍ୱିତୀୟ ପାଳି ବ୍ୟାଟିଂକରି ୧୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୩୬୧ ରନ କରିଥିଲା। ଆୟୋଜକ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥିଲା। ହିଣ୍ଡାଲ୍‌କୋ ସିଏସ୍‌ଆର୍ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଆଥ୍‌ଲେଟିକ ସମ୍ପାଦକ ବିକାଶ କୁମାର ମିଶ୍ର, ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ରାଜେଶ ସେଠ, କାଉନସିଲ ସଭ୍ୟ ପଦ୍ମନାଭ ନାଏକ, ରତିକାନ୍ତ ମହାନ୍ତି, ଲକ୍ଷ୍ମୀଚନ୍ଦ୍ର ମହାକୁର, ଶାନ୍ତନୁ ନନ୍ଦ, ମହମ୍ମଦ ଇସାକ, ମନୋଜ ଭୋଇ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଭିଏସ୍‌ଏସ୍ ଷ୍ଟାଡିୟମରେ ଅତିଥିଙ୍କ ସହ ବିଜୟୀ ଝାଡ଼ଖଣ୍ଡ ଦଳର ଖେଳାଳି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ